ବର୍ଷ-୨୫, ସଂଖ୍ୟା-୧୬
ଭୁବନେଶ୍ୱର
୧୬, ଜାନୁଆରୀ, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 16
Bhubaneswar
16 January, 2025 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



୧୦୦ କୋଟିର
ମାଲିକାଣୀ ସାମନ୍ଥା

## ଭାରତର ପ୍ରଥମ ଘରୋଇ ଉପଗ୍ରହ ଉତକ୍ଷେପିତ

ବେଙ୍ଗାଲୁରୁ,୧୫।୧(ମହାଭାରତ): ଭାରତର ମହାକାଶ ଇତିହାସରେ ଏକ ନୂଆ ଯୁଗ ଆରମ୍ଭ ହୋଇଛି। ବେଙ୍ଗାଲୁରୁର ଏକ ସ୍ୱେଶ ଷ୍ଟାର୍ଟଅପ୍ ପିକ୍ସେଲ ବୁଧବାର ମହାକାଶରେ ଏକ ଘରୋଇ ଉପଗ୍ରହ ଉପଗ୍ରହ କନଷ୍ଟେଲେସନ ଉତକ୍ଷେପଣ କରିଛି। ଏହା ହେଉଛି ଦେଶର ପ୍ରଥମ ଘରୋଇ ଇମେଜିଂ ସାଟେଲାଇଟ୍ କନଷ୍ଟେଲେସନ। ଏଲନ ମସ୍କଙ୍କ ସ୍ପେସ ଏକ୍ସ ରକେଟ ମାଧ୍ୟମରେ କାଲିଫର୍ଣ୍ଣିଆରୁ ଏସବୁ ସାଟେଲାଇଟକୁ ପ୍ରେରଣ କରାଯାଇଛି ।ଗୁଗଲ ଏବଂ ଆକ୍ସେଞ୍ଚର ଏହି ଷ୍ଟାର୍ଟଅପ୍ କମ୍ପାନୀକୁ ପ୍ରମୋଟ କରୁଛନ୍ତି।

ଆଇସ ଅହମ୍ମଦ ଏବଂ କ୍ଷୀତିଜ ଖଣ୍ଡେଲାଲ ନାମକ ଦୁଇ ଇଞ୍ଜିନିୟର ୨୦୧୯ ରେ ପିକ୍ସେଲ ଆରମ୍ଭ କରିଥିଲେ। ଷ୍ଟାର୍ଟଅପ୍ ଆରମ୍ଭ କରିବା ସମୟରେ ଦୁହେଁ ପିଲାନିର ବିର୍ଲା ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍ସରେ ପାଠ ପଢୁଥିଲେ। ଏହି ସମୟରେ ସେ ୯୫ ମିଲିୟନ ଡଲାର ଫଣ୍ଡି ପ୍ରାପ୍ତ କରିଥିଲେ। ଏହିପରିପ୍ରେକ୍ଷୀରେ ପିକ୍ସେଲ୍ ଭାରତର ଉପଗ୍ରହ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ପାଲଟିଛି ପିକ୍ସେଲ ପୃଥିବୀର କକ୍ଷପଥରୁ ୫୫୦ କିଲୋମିଟର ତଳେ ୩ଟି ଫାୟାରଫ୍ଲାଇ ଉପଗ୍ରହ ଉତକ୍ଷେପଣ କରିଛି।ଏହି ଉପଗ୍ରହ ପୃଥିବୀ ପରିକ୍ରମା କରୁଥିବା ମହାକାଶ ବସ୍ତୁ ଉପରେ ନଜର ରଖିବ। ଭାରତର ମହାକାଶ ଗବେଷଣା ସଂସ୍ଥା ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ପୂର୍ବତନ ମୁଖ୍ୟ ପିକ୍ସେଲଙ୍କୁ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଇସ୍ରୋର ପୂର୍ବତନ ମୁଖ୍ୟ ଡକ୍ଟର ସୋମନାଥ ଏନଡିଟିଭିକୁ କହିଛନ୍ତି, ମୁଁ ଆଶା କରୁଛି ଯେ ଏହି ହାଇପରସ୍ପେକ୍ଟ୍ରାଲ ଇମେଜିଂ କ୍ଷମତାର ପ୍ରଭାବ ଏହି କ୍ଷେତ୍ର ପାଇଁ ଏକ ବଡ଼ ବରଦାନ ସାବ୍ୟସ୍ତ ହେବ।

# ବରିଷ୍ଠ ନାଗରିକ ଆମ ଆସ୍ଥା ଓ ବିଶ୍ୱାସର ମନ୍ଦିର : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୫।୧(ମହାଭାରତ): ରାଜ୍ୟର ୮୦ ବର୍ଷ ବା ତା'ଠାରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଏବଂ ୮୦ ପ୍ରତିଶତ ବା ତଦୁର୍ଦ୍ଧ ଭିନ୍ନକ୍ଷମ ହିତାଧିକାରୀମାନେ ଆଜିଠାରୁ ମାସକୁ ୩୫୦୦ ଟଙ୍କା ପେନସନ ପାଇବେ । ପୂର୍ବରୁ ସେମାନେ ୧୨୦୦ ଟଙ୍କା ପେନସନ ପାଉଥିବା ବେଳେ ଏଥିରେ ୨୩୦୦ ଟଙ୍କା ବୃଦ୍ଧି କରାଯାଇ ୩୫୦୦ ଟଙ୍କା କରାଯାଇଛି । ଏହା ଦ୍ୱାରା ରାଜ୍ୟର ୪,୧୭,୪୯୬ ଜଣ ବ୍ୟକ୍ତି ଉପକୃତ ହେବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝରଠାରେ ଏହି ବର୍ଦ୍ଧିତ ଭତ୍ତା ବିତରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି।

### ୮୦ ରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଏବଂ ୮୦ %ରୁ ତଦୁର୍ଦ୍ଧ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତାର ଶୁଭାରମ୍ଭ

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯେଉଁ ସମାଜରେ ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଓ ଅସହାୟ ବ୍ୟକ୍ତିଙ୍କୁ ସମ୍ମାନ ଓ ଆଦର ଦିଆଯାଏ, ସେହି ସମାଜ ହେଉଛି ଏକ ଆଦର୍ଶ ସମାଜ । ଏ ମାନଙ୍କ ପ୍ରତି ସମାଜ ସମ୍ବେଦନଶୀଳ ହେବା ଆବଶ୍ୟକ । ବରିଷ୍ଠ ନାଗରିକ ମାନେ ହେଉଛନ୍ତି ଆମ ଆସ୍ଥା ଓ ବିଶ୍ୱାସର ମନ୍ଦିର । ସେମାନଙ୍କ ହସ, ଖୁସି ଏବଂ ଯୁବ ସମାଜ ଉପରେ ସେମାନଙ୍କ ଅଖଣ୍ଡ ଆସ୍ଥା ହିଁ ଆମ ବିରଳ ସମ୍ପତ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।



କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟ ପଡିଆରେ ଆୟୋଜିତ ଏହି ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଷ୍ଟ୍ରୀୟ ସାମାଜିକ କାର୍ଯ୍ୟକ୍ରମର ହିତାଧିକାରୀ ହୁଅନ୍ତୁ ବା ମଧୁବାବୁ ପେନସନ ହିତାଧିକାରୀ, ସମସ୍ତେ ଏହି ବର୍ଦ୍ଧିତ ପେନସନ ପାଇବେ । କେନ୍ଦୁଝର ଜିଲ୍ଲାର ମଧ୍ୟ ୯,୯୧୩ ଜଣ ବ୍ୟକ୍ତି ଏଥିରେ ଅନ୍ତର୍ଭୁକ୍ତ ଅଛନ୍ତି। ଆଜିର ଏହି କାର୍ଯ୍ୟକ୍ରମ ଏକ ଆଦର୍ଶ ସମାଜ ଆଡକୁ ଆମ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ପାହାଚ । ନୂଆ ସରକାର ଆପଣ ମାନଙ୍କୁ କଥା ଦେଇଥିଲେ, କଥା ରଖିଛନ୍ତି । ଆପଣ ମାନଙ୍କ ପାଇଁ ଏହି ବର୍ଦ୍ଧିତ ପେନସନର ଶୁଭାରମ୍ଭ କରି ମୁଁ ବ୍ୟକ୍ତିଗତ ଭାବରେ ବହୁତ ଖୁସି ବୋଲି ସେ କହିଥିଲେ ।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, ଜଣେ ମଣିଷ ଭାବରେ ଆପଣ ଯଦି, ବୟସ୍କ ଓ ଭିନ୍ନକ୍ଷମଙ୍କୁ କିଛି ସହାୟତା ବା ସହଯୋଗ କରିପାରନ୍ତି, ତାହା ବାସ୍ତବିକ ମନକୁ ଖୁସି ଦିଏ ଏବଂ ପୁଣ୍ୟ ଅର୍ଜନ ହୋଇଥାଏ । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ବୟସ୍କ, ଭିନ୍ନକ୍ଷମ ମାନେ ସେମାନଙ୍କର ସମସ୍ୟା ନେଇ ଆସିଥାନ୍ତି । ମୁଁ ଆଗ ପ୍ରାଧାନ୍ୟ ଦେଇ ସେମାନଙ୍କ ସମସ୍ୟା ଶୁଣେ ଓ ତା'ର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥାଏ । ଗରିବ, ଭିନ୍ନକ୍ଷମ ଓ ଅସହାୟଙ୍କୁ ସାହାଯ୍ୟ କରି ମୁଁ ଯେଉଁ ସନ୍ତୋଷ ପାଉଛି, ତାହା ହେଉଛି ମୋ ଜୀବନର ସବୁଠାରୁ ଶ୍ରେଷ୍ଠ ପୁଞ୍ଜି ବୋଲି ସେ କହିଥିଲେ ।ସେ ପୁଣି କହିଥିଲେ ଆମ ସରକାର ଆସିବାକୁ ମାତ୍ର ୭ ମାସ ହୋଇଛି । ଏହି ୭ ମାସ ମଧ୍ୟରେ ଆମ ସରକାର ଲୋକଙ୍କ କଲ୍ୟାଣ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ଗତ ଦୁଇ ଦିନ ତଳେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରିବା ପାଇଁ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି । ଏହା ମାଧ୍ୟମରେ ରାଜ୍ୟର ଗରିବ ଓ ଅସହାୟ ଲୋକଙ୍କୁ ଉନ୍ନତ ଚିକିତ୍ସା ସୁବିଧା ମିଳିବ । ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଏହି ଯୋଜନାରେ ୭୦ ବର୍ଷରୁ ଅଧିକ ସମସ୍ତ ବରିଷ୍ଠ ନାଗରିକ ମାନଙ୍କୁ ଯୋଡିଛନ୍ତି । ଗାଁ ଗଣ୍ଡାର ଲୋକମାନେ ସହରର ଭଲ ଭଲ ହସ୍ପିଟାଲରେ ଚିକିତ୍ସା ସୁବିଧା ପାଇ ପାରିବେ ।

ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶାର ସମୃଦ୍ଧି ତଥା ରାଜ୍ୟର ଚାଷୀ, ମହିଳା, ଶ୍ରମିକ, ଯୁବଗୋଷ୍ଠୀ ଇତ୍ୟାଦି ସମସ୍ତ ବର୍ଗର କଲ୍ୟାଣ ପାଇଁ ଆମ ସରକାର ନିରନ୍ତର ଉଦ୍ୟମ କରୁଛନ୍ତି । ଆଦିବାସୀ, ଗରିବ, ପଛୁଆ ଲୋକଙ୍କ ବିକାଶକୁ ଆମ ସରକାର ମଧ୍ୟ ଗୁରୁତ୍ୱ ଦେଉଛନ୍ତି । ସବୁ ବର୍ଗର ଲୋକଙ୍କୁ ସମାନ ଖୁସି ଦେବାପାଇଁ ଆମ ସରକାର କାମ କରୁଛନ୍ତି । ରାଜ୍ୟର ଜନ ସାଧାରଣ ଚାହୁଁଥିବା ଅନୁଯାୟୀ କାମ ହେବ ଓ ରାଜ୍ୟର ବିକାଶ ହେବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେନ୍ଦୁଝରରେ ଖୁବ ଶୀଘ୍ର ମେଗା ଇସ୍ପାତ କାରଖାନା ନିର୍ମାଣ ହେବ, ଚଳିତ ମାସ ଶେଷ ସପ୍ତାହରେ ଭୁବନେଶ୍ୱରରେ ଆୟୋଜିତ ହେଉଥିବା ଉତ୍କର୍ଷ ଓଡିଶା କାର୍ଯ୍ୟକ୍ରମରେ ଏହି ଇସ୍ପାତ କାରଖାନା ପାଇଁ ଚୁକ୍ତିପତ୍ର ସ୍ୱାକ୍ଷର ହେବ । କେବଳ କେନ୍ଦୁଝର ନୁହେଁ, ରାଜ୍ୟର ସବୁ ଜିଲ୍ଲାରେ ଶିଳ୍ପାନୁଷ୍ଠାନ ଓ କଳ କାରଖାନ ସ୍ଥାପନ ପାଇଁ ଆମ ସରକାର ନିଷ୍ପତ୍ତି ନେଇଛନ୍ତି । କେନ୍ଦୁଝର ଜିଲ୍ଲା ତଥା ରାଜ୍ୟର ସାମଗ୍ରିକ ବିକାଶ ପାଇଁ ସମସ୍ତେ ମିଳିମିଶି କାମ କରିବା ପାଇଁ ସେ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ ।

## ଏନ୍ଇପି ପାଇଁ ବିଜ୍ଞପ୍ତି ଜାରି

ଭୁବନେଶ୍ୱର,୧୫।୧(ମହାଭାରତ):: ରାଜ୍ୟରେ ଜାତୀୟ ଶିକ୍ଷା ନୀତି (ଏନଇପି)- ୨୦୨୦ ଲାଗୁ ପାଇଁ ବିଜ୍ଞପ୍ତି ଜାରି ହୋଇଛି। ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇ ଗଣଶିକ୍ଷା ବିଭାଗ ପକ୍ଷରୁ ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଞ୍ଚଳିକ ବିଷୟବସ୍ତୁକୁ ବିଚାରକୁ ନେଇ କରିକୁଲମ୍ ପ୍ରସ୍ତୁତି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ।

ସୂଚନାଯୋଗ୍ୟ, ଏହାକୁ ଲାଗୁ କରାଯିବ କି ନାହିଁ ସେନେଇ ଛାତ୍ରଛାତ୍ରୀ ଏବଂ ଶିକ୍ଷକଙ୍କ ମଧ୍ୟରେ ଦ୍ୱନ୍ଦ ଦେଖାଦେଇଥିବା ବେଳେ ବର୍ତ୍ତମାନ ଏନେଇ ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଗଣଶିକ୍ଷା ବିଭାଗରେ ଆସୁଥିବା ବେଳେ ଏହାକୁ ରାଜ୍ୟ ସରକାର। ଏବେ ଲାଗୁ କରିବେ ଆଞ୍ଚଳିକ ବିଷୟବସ୍ତୁ ଥିବା ପାଠ ପଢାଯିବ ଏବଂ ସେନେଇ ପାଠ୍ୟ ଖସଡ଼ା ମଧ୍ୟ ପ୍ରସ୍ତୁତ କରାଯିବ ।

ପିଲାମାନେ ମହାପୁରୁଷଙ୍କ ଜୀବନୀ, ରାଜ୍ୟର ଐତିହ୍ୟ ସଂସ୍କୃତି ବିଷୟରେ ଜ୍ଞାନ ଲାଭ କରିପାରିବେ। ଅନୁସନ୍ଧାନ, ନବସୃଜନ ଏବଂ ବ୍ୟବହାରିକ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେଇ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ମଜବୁତ କରିବା ଉଦ୍ଦେଶ୍ୟରେ ଏହା ୨୦୨୪-୨୫ ଶିକ୍ଷାବର୍ଷରୁ ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ କରୁଛି ବୋଲି ସରକାର କହିଛନ୍ତି ।ଜାତୀୟ ଶିକ୍ଷା ନୀତି ୨୦୨୦ ମଧ୍ୟ ଶିଳ୍ପ ଇଣ୍ଟର୍ନସିପ୍ ମାଧ୍ୟମରେ ଦକ୍ଷତା ବିକାଶ ଉପରେ ଧ୍ୟାନ ଦେବ ନିଯୁକ୍ତି ସୁଯୋଗ ଏବଂ ଚାକିରି ବଜାରର ଚାହିଦାକୁ ଦୃଷ୍ଟିରେ ରଖି କାର୍ଯ୍ୟକାରୀ ହେବ।

ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କୁହାଯାଇଛି ଯେ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ମଜବୁତ କରିବା ପାଇଁ ଯତ୍ନର ସହ ବିଚାର କରିବା ପରେ ସରକାର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ଜାତୀୟ ଶିକ୍ଷା ନୀତି ୨୦୨୦ ଲଗୁ ପାଇଁ ନିର୍ଦ୍ଦେଶ ଜାରି ହୋଇଛି। ଏଥିରେ ଆହୁରି ମଧ୍ୟ କୁହାଯାଇଛି ଯେ, ସ୍ଥାନୀୟ ପାଠ୍ୟକ୍ରମ ସହିତ ଜାତୀୟ ପାଠ୍ୟକ୍ରମ ଢାଞ୍ଚାକୁ ଓଡ଼ିଶା ରାଜ୍ୟ ପାଇଁ ରାଜ୍ୟ ପାଠ୍ୟକ୍ରମ ଢାଞ୍ଚା ଭାବରେ ଗ୍ରହଣ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସୂତ୍ରରୁ ପ୍ରକାଶ ଯେ, ଓଡିଶାରେ ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ କରିବା ପାଇଁ ଏକ ବିସ୍ତୃତ ନିର୍ଦ୍ଦେଶାବଳୀ ଯଥାଶୀଘ୍ର ଜାରି କରାଯିବ।

ଡ଼ିଶାର ଶିକ୍ଷା କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ ବୋଲି ରାଜ୍ୟରେ ଜାତୀୟ ଶିକ୍ଷା ନୀତି (ଏନଇପି)- ୨୦୨୦ ଲାଗୁ ପାଇଁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପ୍ରତିକ୍ରିୟା ଦେଇଛନ୍ତି ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ।

## ନୌସେନାରେ ୩ ଲଢୁଆ ଯୁଦ୍ଧପୋତ ସାମିଲ

ନୂଆଦିଲ୍ଲୀ,୧୫।୧(ଏଜେନ୍ସି): ଆଜି ଭାରତୀୟ ନୌସେନା ପାଇଁ ଐତିହାସିକ ଦିନ। ଜଳପଥରେ ବିଶ୍ୱ ଦେଖିଲା ଭାରତର ଶକ୍ତି ଓ ଶୌର୍ଯ୍ୟ ଭାରତୀୟ ନୌସେନାକୁ ମିଳିଛି ୩ଟି ବିଧ୍ୱଂସକ ଯୁଦ୍ଧପୋତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ମୁମ୍ବାଇର ଭାରତୀୟ ନୌସେନା ଡକୟାର୍ଡରେ ତିନୋଟି ନୌସେନା ଯୁଦ୍ଧଜାହାଜ ଆଇଏନଏସ ସୁରତ, ଆଇଏନଏସ ନୀଳଗିରି ଏବଂ ଆଇଏନଏସ ବାଘଶୀରକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଏହି ୩ ଯୁଦ୍ଧଜାହାଜ ନୌସେନାରେ ସାମିଲ ହେବା ଦ୍ୱାରା ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଆହୁରି ସଶକ୍ତ ହେବାକୁ ଯାଉଛି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ । ଏହି ବିଧ୍ୱଂସକ ଯୁଦ୍ଧପୋତ ଗୁଡ଼ିକ ଭାରତୀୟ ନୌସନା ପାଇଁ କେତେ ଆବଶ୍ୟକ ଓ ଏହା କିଭଳି ଜଳପଥରେ ଭାରତର ସୁରକ୍ଷାବଳୟକୁ ଆହୁରି ଅଭେଦ୍ୟ କରିବ।



ଆଇଏନଏସ ସୁରତ-ବିଶ୍ୱର ବିଧ୍ୱଂସକ ଯୁଦ୍ଧପୋତ ଭିତରୁ ଅନ୍ୟତମ। ଏହାର ୭୫ ପ୍ରତିଶତ ଅଂଶ ଭାରତରେ ନିର୍ମାଣ କରାଯାଇଛି। ଘଣ୍ଟାପ୍ରତି ଏହା ୫୬ କିମି ବେଗରେ ସମୁଦ୍ରରେ ଗତି କରିବ। ୪୫ ଦିନ ସମୁଦ୍ର ମଧ୍ୟରେ ରହିପାରିବ ଏହି ଯୁଦ୍ଧପୋତ। ଉଭୟ ରାତି ଓ ଦିନରେ କରିପାରିବ ଅପରେସନ

ଆଇଏନଏସ ନୀଳଗିରି-ଏହି ଯୁଦ୍ଧପୋତରୁ ଶତ୍ରୁ ଶିବିର ଉପରକୁ କରିହେବ ବିଧ୍ୱଂସୀ ଆକ୍ରମଣ। ୬୬୭୦ ଟନ ବିଶିଷ୍ଟ ଏହି ଯୁଦ୍ଧପୋତ ପି୧୭ଏ ଷ୍ଟେଲ୍ଥ ପ୍ରୋଜେକ୍ଟରେ ନିର୍ମିତ। ବିଶ୍ୱର ବିଧ୍ୱଂସୀ ମିଜାଇଲକୁ ଏହି ଯୁଦ୍ଧପୋତରୁ ମାଡ କରିହେବ। ଚେତକ, ସି କିଙ୍ଗ ଓ ଏମଏଚ-୬୦ଆର ହେଲିକପ୍ଟର କରିପାରିବ ଅବତରଣ। ଆଣ୍ଟି ସବମେରିନ ରକେଟ ଲଞ୍ଚର୍ସ ଏହି ଯୁଦ୍ଧପୋତକୁ କରିଛି ଘାତକ।

ଆଇଏନଏସ ବାଘଶୀର-୭୫ ସ୍କୋରପିନର ଷଷ୍ଠ ତଥା ଫାଇନାଲ ବୁଡାଜାହଜ। ଏହା ଏକ ଡିଜେଲ ଓ ବିଦ୍ୟୁତଚାଳିତ ବୁଡାଜାହଜ । ଜଳପଥରେ ଏହା ଶତ୍ରୁ ଶିବିରକୁ କରିପାରିବ ଆକ୍ରମଣ । ଗୁଇନ୍ଦା ସୂଚନା ହାସଲ କରିବାରେ ସକ୍ଷମ ବାଘଶୀର। ଏହି ୩ଟି ଲଢୁଆ। ଯୁଦ୍ଧପୋତ ସମୁଦ୍ର ବକ୍ଷରେ ଭାରତୀୟ ନୌସେନାର ବଳକୁ ଦ୍ୱିଗୁଣିତ କରିଛି ଯାହା ଶତ୍ରୁରାଷ୍ଟ୍ର ଚୀନ ଓ ପାକିସ୍ତାନର ମୁଣବିନ୍ଧାର କାରଣ ପାଲଟିଛି.।

## ଗଜପତିଙ୍କ ପୁଷ୍ୟାଭିଷେକ

**ପୁରୀ, ୧୫।୧ (ମହାଭାରତ) :** ଆଜି ପୁଷ୍ୟା ନକ୍ଷତ୍ର ତିଥିରେ ଶ୍ରୀନଅରରେ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ପୁଷ୍ୟାଭିଷେକ ନୀତି ଅନୁଷ୍ଠିତ ହୋଇଛି। ଏହା ପର୍ବରୁ ଶ୍ରୀମନ୍ଦିରରେ ପୌଷପୂର୍ଣ୍ଣିମା ଅବସରରେ ଶ୍ରୀମହାପ୍ରଭୁଙ୍କ ଦେବାଭିଷେକ ନୀତି ସମ୍ପନ୍ନ ହୋଇଥିଲା। ପାରମ୍ପରିକ ରୀତିନୀତି ଅନୁଯାୟୀ ଶ୍ରୀନଅରରେ ଇଷ୍ଟଦେବୀ କନକଦୁର୍ଗାଙ୍କ ପାଖରେ ପୂଜାର୍ଚ୍ଚନା ପରେ ଗଜପତିଙ୍କ ଅଭିଷେକ ହୋଇଛି। ପରେ ଗଜପତି ଏବଂ ମହାରାଣୀଙ୍କୁ ଅଭିମନ୍ତ୍ରିତ ଜଳରେ ଅଭିଷେକ କରାଯାଇଥିଲା। ଏହାସହ ବନ୍ଦାପନା କରାଯାଇ ଗଜପତିଙ୍କୁ ପଇତାଲାଗି ଏବଂ ମହାପ୍ରସାଦ ପ୍ରଦାନ କରାଯାଇଥିଲା। ଏହାପରେ ଗଜପତି ତାଙ୍କ ପାରମ୍ପାରିକ ବେଶରେ ଗାଦିକୁ ବିଜେ କରିବା ପରେ ଷୋଳ ଶାସନ ବ୍ରାହ୍ମଣ ଓ ପଣ୍ଡିତମାନେ ତାଙ୍କୁ ନଡ଼ିଆ। ଏବଂ ପଇତା ପ୍ରଦାନ କରିବା ସହ ଆଶୀର୍ବାଦ କରିଥିଲେ।

ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଅଭିଷେକ ନୀତିକୁ ଆଧାର କରି ଗଜପତି ମହାରାଜାଙ୍କ ରାଜାଭିଷେକ ଉତ୍ସବ ପାଳନ କରାଯାଇଥାଏ। ଗଜପତିଙ୍କ ଶାସନ ଶୁଭ ଓ ମଙ୍ଗଳପ୍ରଦ ହେବା ସହ ଜଗତର କଲ୍ୟାଣ ପାଇଁ ଏହି ନୀତିକୁ ସମ୍ପନ୍ନ ହୋଇଥାଏ।

## ଏଚ୍ଏମ୍ପିଭି ନେଇ ସରକାର ସଜାଗ

ଭୁବନେଶ୍ୱର,୧୫।୧(**ମହାଭାରତ**): ବିଶ୍ୱବ୍ୟାପୀ ଭୟର ବାତାବରଣ ସୃଷ୍ଟି କରିଥିବା ହ୍ୟୁମାନ ମେଟାନ୍ୟୁମୋ ଭାଇରସ (ଏଚ୍ଏମ୍ପିଭି) ନେଇ ରାଜ୍ୟ ଓ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଏଥିସହ ଜନସାଧାରଣ ଆତଙ୍କିତ ନ ହେବାକୁ ପରାମର୍ଶ ପରାମର୍ଶ ଦିଆଯାଇଛି। ଏ ସଂପର୍କିତ ଏକ ସମୀକ୍ଷା ବୈଠକ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍ଙ୍କ ଅଧ୍ୟକ୍ଷତାରେ ଆଜି ବିଭାଗୀୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି।

ଓଡ଼ିଶାର ଜନସାଧାରଣ ଏଚ୍ଏମ୍ପିଭି ଭୂତାଣୁ ନେଇ ବିଚଳିତ କିମ୍ବା ଆତଙ୍କିତ ହେବାର କିଛି କାରଣ ନାହିଁ ବୋଲି ବୈଠକରେ ମତପ୍ରକାଶ ପାଇଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ନେଇ ସଂପୂର୍ଣ୍ଣ ସଜାଗ ରହିଛନ୍ତି । ଅଦ୍ୟାବଧି ଏଚ୍ଏମ୍ପିଭିର କୌଣସି ପ୍ରଭାବ ଓଡ଼ିଶାରେ ପରିଲକ୍ଷିତ ହୋଇନାହିଁ । ତା' ସତ୍ତ୍ୱେ ଓଡ଼ିଶା ସରକାର ସମସ୍ତ ପରିସ୍ଥିତି ପାଇଁ ସଂପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ଆଇଡିଏସ୍ପି, ଏନ୍ସିଡିସି ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ସମସ୍ତ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ, ଏମସ, ଭୁବନେଶ୍ୱର, ଆରଏମ୍ଆରସି, ଭୁବନେଶ୍ୱର, ଆଇ.ଏଲ୍.ଏସ୍, ଭୁବନେଶ୍ୱର ପ୍ରଭୃତି ପ୍ରମୁଖ ଅନୁଷ୍ଠାନ ଏହା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ତେଣୁ ଜନସାଧାରଣ ତଥା ଗଣମାଧ୍ୟମ ଅଯଥା ବ୍ୟସ୍ତବିବ୍ରତ କିମ୍ବା ବିଚଳିତ ହେବାର କୌଣସି କାରଣ ନାହିଁ । ବ୍ୟାପକ ଜନସଚେତନତା ଓ ସତର୍କତା ଦ୍ୱାରା ସଂକ୍ରମଣକୁ ସହଜରେ ପ୍ରତିହତ କରାଯାଇପାରେ ।

## ଓଏଏସ୍ ସ୍ତରରେ ଅଦଳ ବଦଳ

**ଭୁବନେଶ୍ୱର,୧୫।୧ (ମହାଭାରତ) :** ଓଡ଼ିଶା ସରକାର ବରିଷ୍ଠ ଓଏଏସ୍ ଆଲୋକ କୁମାର ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଯୁଗ୍ମ ସଚିବ ଭାବେ ନିଯୁକ୍ତ ଦେଇଛନ୍ତି। ଏନେଇ ସାଧାରଣ ପ୍ରଶାସନ ତଥା ଜନ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।ଶ୍ରୀ ପ୍ରଧାନ କେନ୍ଦୁଝରରେ ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ୍ (ଏଡିଏମ୍) ଭାବରେ କାର୍ଯ୍ୟ କରୁଥିଲେ।

ସେହିଭଳି ଓଏଏସ ଅଧିକାରୀ ପଦ୍ମ ଚରଣ ସାହାଙ୍କୁ ମଧ୍ୟ କ୍ରୀଡ଼ା ଏବଂ ଯୁବ ସେବା ବିଭାଗର ଡେପୁଟି ସେକ୍ରେଟେରୀ ଭାବରେ ନିଯୁକ୍ତ କରାଯାଇଛି। ଏହାପୂର୍ବରୁ ତାଙ୍କୁ ଖୋର୍ଦ୍ଧା ସବ୍-କଲେକ୍ଟର ଭାବରେ ସ୍ଥାନାନ୍ତର କରାଯାଇଥିଲା। ସବ୍-କଲେକ୍ଟର ଭାବରେ ଖୁରଡା, ନୟାଗଡ଼ ବିଡିଏ ଷ୍ଟାଣ୍ଡ ଭାବରେ କାର୍ଯ୍ୟ କରୁଥିବାବେଳେ ତାଙ୍କର ପୋଷ୍ଟିଂ ବାତିଲ କରାଯାଇଛି ବୋଲି ବିଜ୍ଞପ୍ତିରେ କୁହାଯାଇଛି ।ସେହିପରି ଆନନ୍ଦପୁର ଅତିରିକ୍ତ ସବ୍-କଲେକ୍ଟର କିଶୋର କୁମାର ପଣ୍ଡା ଖୁରଡା ସବ୍-କଲେକ୍ଟର ଭାବରେ ଦାୟିତ୍ୱ ଗ୍ରହଣ କରିବେ। ତାଙ୍କୁ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ (SJTA) ର ଡେପୁଟି ଆଡମିନିଷ୍ଟ୍ରେଟର (ରାଜସ୍ୱ) ଭାବରେ ମଧ୍ୟ ନିଯୁକ୍ତ କରାଯାଇଛି ।ରାଜ୍ୟ ସରକାର ଏହାପୂର୍ବରୁ ଜୁନ୍ ୨୦୨୪ ରେ ଓଏଏସ ଅଧିକାରୀ ତ୍ରିଲୋଚନ ମହାନ୍ତିଙ୍କୁ ଯୁଗ୍ମ ସଚିବ ଏବଂ ଓଏଏସ ଅଧିକାରୀ ଚିତ୍ରସେନ ରାଉତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଭାବରେ ନିଯୁକ୍ତି ଦେଇଥିଲେ। ବିଭାଗର ଅନ୍ୟ ଏକ ବିଜ୍ଞପ୍ତିରେ ଜଣାପଡିଛି ଯେ ରାଜ୍ୟ ସରକାର ୧୧ ଜଣ ଓଏଏସ, ୧୭ ଓଆରଏସ ଏବଂ ୨ ଓଏମଏସ ଅଧିକାରୀଙ୍କ ସମେତ ମୋଟ ୩୦ ଜଣ ଅଧିକାରୀଙ୍କୁ ନୂତନ ନିଯୁକ୍ତି ଦେଇଛନ୍ତି।

## ତ୍ରୁଟିଲା ଲିଙ୍ଗରାଜଙ୍କ ନୀତିକାନ୍ତି ବିବାଦ

**ଭୁବନେଶ୍ୱର, ୧୫।୧ (ମହାଭାରତ) :** ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କର ନୀତିକାନ୍ତି ବିଭ୍ରାଟ ନେଇ ଯେଉଁ ବିବାଦ ଲାଗିଥିଲା ତାହାର ସମାଧାନ ହୋଇଛି। କିନ୍ତୁ ଆସନ୍ତାକାଲି ସୁଦ୍ଧା କୌଣସି ସେବାୟତ ଲିଙ୍ଗରାଜଙ୍କ ନୀତିକାନ୍ତିରେ ତୃଟି କଲେ ଆସନ୍ତାକାଲି ଠାରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କଡ଼ା ଚେତାବନୀ ଦେଇଛନ୍ତି।

### ନୀତିକାନ୍ତିରେ ତୃଟିକଲେ ଆଜି ହେବ କାର୍ଯ୍ୟାନୁଷ୍ଠାନ

ବର୍ତ୍ତମାନ ଠାରୁ ଲିଙ୍ଗରାଜଙ୍କ ନୀତିକାନ୍ତି ଆରମ୍ଭ ହେବ। ବୈଠକ ପରେ ଏ ନେଇ ସୂଚନା ଦେଇଛନ୍ତି ଜିଲ୍ଲାପାଳ ଚଞ୍ଚଳ ରାଣା। ଯେଉଁମାନେ ବିଶୃଙ୍ଖଳା କରିଥିଲେ କାର୍ଯ୍ୟାନୁଷ୍ଠାନ ହେବ। ୨୪ ଘଣ୍ଟା ମଧ୍ୟରେ ଏଡିଏମ୍ ତଦନ୍ତ କରି ରିପୋର୍ଟ ଦେବେ। ରିପୋର୍ଟ ମିଳିବା ପରେ ସେମାନଙ୍କୁ ସୋ କଜ୍ ନୋଟିସ୍ ହେବ । ଅତି କମରେ ବିଶୃଙ୍ଖଳାକାରୀଙ୍କୁ ସେବା ପୂଜାରୁ ସସ୍ପେଣ୍ଡ କରାଯିବ ବୋଲି ସୂଚନା ଦିଆଯାଇଛି।

ଲିଙ୍ଗରାଜ ମନ୍ଦିର ନୀତିକାନ୍ତି ବିଭ୍ରାଟ ପ୍ରସଙ୍ଗରେ ଆଜି ବୈଠକ ବସିଥିଲା। ଏହି ବୈଠକରେ ଟ୍ରଷ୍ଟ ବୋର୍ଡ଼ର ସମସ୍ତ ନିଯୋଗକଙ୍କ ଉପସ୍ଥିତି ସହ ଜୋନ୍ ଏସିପି ଓ ମନ୍ଦିର ପ୍ରଶାସନ ଉପସ୍ଥିତ ଥିଲେ। ଦୀର୍ଘ ତିନି ଦିନ ଧରି ସେବାୟତ ଗୋଷ୍ଠୀ ଭିତରେ ଲାଗି ରହିଥିବା



ବିବାଦର ଅନ୍ତ ହେବା ସହ ମହାପ୍ରଭୁ ଲିଙ୍ଗରାଜଙ୍କ ନୀତିକାନ୍ତି ସ୍ୱାଭାବିକ ହୋଇଛି। ଜିଲ୍ଲାପାଳଙ୍କ ସହ ଆଲୋଚନା ପରେ ଜିଦରୁ ଓହରି ଠାକୁରଙ୍କ ନୀତିକାନ୍ତି ପାଇଁ ରାଜି ହୋଇଛନ୍ତି ବ୍ରାହ୍ମଣ ନିଯୋଗ, ପୂଜାପଣ୍ଡା ନିଯୋଗ ଓ ବଡୁ ସେବାୟତ। ଜିଲ୍ଲାପାଳ କହିଛନ୍ତି, କାହିଁକି ବିବାଦ ହେଲା ଓ ଠାକୁରଙ୍କ ନୀତି ବନ୍ଦ ହେଲା, ଏଥିରେ କେଉଁ ସେବାୟତମାନେ ସଂପୃକ୍ତ ତାର ତଦନ୍ତ କରି ୨୪ ଘଣ୍ଟା ଭିତରେ ରିପୋର୍ଟ ଦେବେ ଏଡିଏମ। ରିପୋର୍ଟ ଆଧାରରେ ସେବାୟତଙ୍କ ବିରୋଧରେ ନିଆଯିବ ଆକ୍ସନ। ସକାଳେ ଆଇନ ମନ୍ତ୍ରୀ ମଧ୍ୟ ସେବାୟତଙ୍କୁ ସମାନ ସ୍ୱରରେ ତାଗିଦ କରିଥିଲେ। ଆଉ କହିଥିଲେ ହାଇକୋର୍ଟ ଅବସରପ୍ରାପ୍ତ ବିଚାରପତିଙ୍କୁ ନେଇ ଏକ କମିଶନ ଗଠନ ହୋଇ ସ୍ୱତଃ ଲିପି ପ୍ରସ୍ତୁତ ହେବ। ଦୀର୍ଘ ୩ ଦିନ ଧରି ସେବାୟତଙ୍କ ବିବାଦ ଭିତରେ ବାବା ଲିଙ୍ଗରାଜଙ୍କ ନୀତିକାନ୍ତି ବନ୍ଦ ହୋଇ ରହିଥିଲା। କିନ୍ତୁ ଆଜି ଅପରାହ୍ନରେ ସର୍କିଟ୍ ହାଉସରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଯେଉଁ ବୈଠକ ବସିଥିଲା, ସେଥିରେ ବିବାଦର ଅନ୍ତ ଘଟିଛି। ପ୍ରଭୁ ଲିଙ୍ଗରାଜଙ୍କ ନୀତିକାନ୍ତି ସ୍ୱାଭାବିକ ପାଇଁ ରାଜି ହୋଇଥିଲେ ଦୁଇ ସେବାୟତ ଗୋଷ୍ଠୀ। ବ୍ରାହ୍ମଣ ନିଯୋଗ, ପୂଜାପଣ୍ଡା ନିଯୋଗ ଏବଂ ବଡୁ ସେବାୟତଙ୍କ ସହ ଆଲୋଚନା କରିଥିଲେ ଜିଲ୍ଲାପାଳ ଚଞ୍ଚଳ ରାଣା। ବୈଠକରେ ନିଷ୍ପତ୍ତି ହୋଇଛି ଯେ ଏହି ବିବାଦରେ କେଉଁମାନେ ସଂପୃକ୍ତ ଆଉ କେଉଁମାନେ ଠାକୁରଙ୍କ ନୀତିବିଭ୍ରାଟ କରିବାକୁ ଚାହୁଁଥିଲେ, ସେ ନେଇ ଏଡିଏମ୍ ତଦନ୍ତ କରି ୨୪ ଘଣ୍ଟା ଭିତରେ ରିପୋର୍ଟ ଦେବେ। ଆଉ ରିପୋର୍ଟ ଆସିବା ପରେ ଅଭିଯୁକ୍ତ ସେବାୟତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଦରକାର ହେଲେ ଦୋଷୀ ସେବାୟତଙ୍କୁ ଠାକୁରଙ୍କ ସେବାରୁ ନିବୃତ କରାଯିବ। ଏମିତି କି ସେ ଭୋଗ କରୁଥିବା ଜମିଫେରାଇ ଅଣାଯିବ ବୋଲି ଜିଲ୍ଲାପାଳ ଚୋକଠୋକ୍ କହିଛନ୍ତି।

### ଭୁବନେଶ୍ୱର ବିମାନ ବନ୍ଦର ଚୋରା ଚାଲାଣର ହଟସ୍ପଟ୍

## ପୁଣି ୪ କୋଟିର ଗଞ୍ଜେଇ ଜବତ

**ଭୁବନେଶ୍ୱର, ୧୫।୧ (ମହାଭାରତ) :** ଆଜି ପୁଣି ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ କଷ୍ଟମ୍ସ ବିଭାଗ ପୁଣି ୪ କୋଟି ଟଙ୍କା ମୂଲ୍ୟର ଚୋରା ଗଞ୍ଜେଇ ଜବତ କରିଛି ଏବଂ ଏହି ଗଞ୍ଜେଇ ବ୍ୟାଙ୍କକ୍‌ରୁ ଆଣୁଥିବା ଜଣେ ଯାତ୍ରୀଙ୍କୁ ଗିରଫ କରାଯାଇଛି। ଗତ କିଛି ଦିନ ତଳେ ସେହି ଭୁବନେଶ୍ୱର ବିମାନବନ୍ଦରୁ ୯ କୋଟି ଟଙ୍କାର ଗଞ୍ଜେଇ ଜବତ କରାଯାଇଥିଲା। ବର୍ତ୍ତମାନ ଭୁବନେଶ୍ୱର ବିମାନବନ୍ଦର ନିଶାଦ୍ରବ୍ୟ ଚୋରା କାରବାରର ଏକ ହବ୍ ପାଲଟିଛି। ଭୁବନେଶ୍ୱର କଷ୍ଟମ୍ସ ବିଭାଗ ପକ୍ଷରୁ ନିଶାଦ୍ରବ୍ୟ ଚୋରା ଚାଲାଣକୁ ରୋକିବାରେ ଉଦ୍ୟମ ଜାରି ରହିଛି। ଏହି ମର୍ମରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ୪କୋଟି ଟଙ୍କା ମୂଲ୍ୟର ଗଞ୍ଜେଇ ଜବତ କରାଯାଇଛି। କର୍ନଫ୍ଲେକ୍ସ ଓ ଚକୋଜ୍ ପ୍ୟାକେଟରେ ଗଞ୍ଜେଇ ଭର୍ତ୍ତି କରି ବ୍ୟାଙ୍ଗକକରୁ ଭୁବନେଶ୍ୱର ଆଣୁଥିଲେ ଯାତ୍ରୀ। ହେଲେ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରେ ଧରାପଡ଼ିଗଲେ। ସୀମା ଶୁଳ୍କ ଅଧିକାରୀମାନେ ଯାତ୍ରୀଙ୍କୁ ଗିରଫ କରିବା ସହିତ ତାଙ୍କଠାରୁ ୮ ପ୍ୟାକେଟ ଗଞ୍ଜେଇ ଜବତ କରିଛନ୍ତି। ଜବତ ଗଞ୍ଜେଇର ଓଜନ ପ୍ରାୟ ୩ କିଲୋ ୯୯୦ ଗ୍ରାମ ହେବ।



ସୀମା ଶୁଳ୍କ ଅଧିକାରୀଙ୍କ ସୂଚନା ଅନୁସାରେ, ବ୍ୟାଙ୍ଗକକୁ ଜଣେ ଯାତ୍ରୀ ବିମାନ ଯୋଗେ କିଛି ଗଞ୍ଜେଇ ସାଥୀରେ ନେଇ ଆସୁଥିବା ସମ୍ପର୍କରେ ଗୁଇନ୍ଦା ସୂଚନା ମିଳିଥିଲା। ୧୪ ତାରିଖ ଦିନ ଯାତ୍ରୀ ଜଣକ ବିମାନବନ୍ଦରରେ ପହଞ୍ଚିବା ପରେ ଅଧିକାରୀମାନେ ତାଙ୍କ ଜିନିଷପତ୍ର ଯାଞ୍ଚ କରିଥିଲେ। ତାଙ୍କ ବ୍ୟାଗରୁ ୪ଟି କର୍ନଫ୍ଲେକ୍ସ, ଚକୋଜ୍ ପ୍ୟାକେଟ ମିଳିଥିଲା। ଅଧିକାରୀମାନେ ତା'କୁ ଖୋଲିବା ପରେ ସେଥିରୁ ୮ ପ୍ୟାକେଟ ଗଞ୍ଜେଇ ମିଳିଥିଲା। ଯାତ୍ରୀ ଜଣକ କର୍ନଫ୍ଲେକ୍ସ ପ୍ୟାକେଟରେ ଗଞ୍ଜେଇ ଲୁଚାଇ ଆଣିଥିଲେ। ଏହା ପରେ ତାଙ୍କୁ ଗିରଫ କରାଯାଇଥିଲା।

## ଅଣ୍ଡା ଚିକେନ ଫ୍ରାଏ

ସାମଗ୍ରୀ: ଚିକେନ ,ଅଣ୍ଡା , ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଅଦା ରସୁଣ ବଟା , ଲୁଣ , ଜିରା ଗୁଣ୍ଡ, ଧନିଆ ଗୁଣ୍ଡ , ଗୋଟା ଗରମ ମସଲା , ଜିରା , କଟା ଟମାଟୋ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକନେକୁ ଭଲ ଭାବେ ଧୋଇ ସେଥିରେ ଲଙ୍କା ଗୁଣ୍ଡ , ହଳଦୀ ଗୁଣ୍ଡ , ଅଦା – ରସୁଣ ବଟା ଓ ଲୁଣ ପକାନ୍ତୁ। ଏବେ ସେଥିରେ ଜିରା ଗୁଣ୍ଡ , ଧନିଆ ଗୁଣ୍ଡ ଓ ଅଣ୍ଡା ପକାଇ ମ୍ୟାରିନେଟ କରି ରଖନ୍ତୁ।

କିଛି ସମୟ ପରେ କଡ଼େଇରେ ତେଲ ଗରମ କରି ଗୋଟା ଗରମ ମସଲା , ଜିରା , କଟା ଟମାଟୋ, ଅଣ୍ଡା , ଲୁଣ ଓ ହଳଦୀ ପକାଇ ଭଲ ଭାବେ କଷନ୍ତୁ। ଅଣ୍ଡା ମସଲା କଷି ହୋଇଗଲେ ସେଥିରେ ମ୍ୟାରିନେଟ ହୋଇଥିବା ଚିକେନ ପକାଇ କଷନ୍ତୁ। ଏବେ ଅଳ୍ପ ପାଣିଦେଇ ଘୋଡ଼େଇ ଦିଅନ୍ତୁ। ଏବେ ଚିକନେ୍‌କୁ ସିଝିବାକୁ ଛାଡ଼ି ଦିଅନ୍ତୁ। ତେବେ କିଛି ସମୟ ଅନ୍ତରରେ ଘୋଡ଼ଣୀ କାଢି ଦେଖି ଥାଆନ୍ତୁ। ନ ହେଲେ ଚିକେନ ଲାଗି ଯାଇପାରେ। ଚିକେନ ସିଝି ଗଲା ପରେ ଓ ପାଣି ପୂରା ମରିଗଲା ପରେ ସେଥିରେ ଟମାଟୋ ସସ୍ , ଚିଲି ସସ୍ ପକାଇ ଆଉ ଅଳ୍ପ ସମୟ ଚୁଲିରେ ବସାନ୍ତୁ। ଏହାପରେ କଡ଼େଇକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଅଣ୍ଡା ଚିକେନ ଫ୍ରାଏ' ।



### ଖବର

## ତାଙ୍କ ସହ କାମ କରିବା ମୋର ସ୍ୱପ୍ନ ଥିଲା; ନନ୍ଦମୁରୀଙ୍କୁ ନେଇ ଏଭଳି କହିଲେ ଉର୍ବଶୀ





ତେଲୁଗୁ ସୁପରଷ୍ଟାର ନନ୍ଦମୁରୀ ବାଲକ୍ରିଷ୍ଣା ବିଭିନ୍ନ କାରଣ ପାଇଁ ସର୍ବଦା ଚର୍ଚ୍ଚାରେ ରହିଥାନ୍ତି। ବେଳେବେଳେ ତାଙ୍କ ଚଳଚ୍ଚିତ୍ର ଏବଂ ବେଳେବେଳେ ଅନ୍ୟ କାରଣ ପାଇଁ ସେ ଲାଇମ୍ ଲାଇଟକୁ ଆସନ୍ତି। ଗତବର୍ଷ ସୋସିଆଲ ମିଡିଆରେ ଅଭିନେତାଙ୍କ ଏକ ଭିଡିଓ ଭାଇରାଲ ହୋଇଥିଲା, ଯେଉଁଥିରେ ସେ ଜଣେ ଅଭିନେତ୍ରୀଙ୍କୁ ଠେଲି ଦେଉଥିବା ଦେଖାଯାଇଥିଲା। ଏହି ଭିଡିଓ ସାମ୍ନାକୁ ଆସିବା ପରେ ତାଙ୍କୁ ସୋସିଆଲ ମିଡିଆରେ ବହୁତ ଟ୍ରୋଲ କରାଯାଇଥିଲା।କିଛି ଦିନ ତଳେ ତାଙ୍କ ଫିଲ୍ମ ଡାକୁ ମହାରାଜର ଏକ ଗୀତକୁ ନେଇ ଟ୍ରୋଲ ହୋଇଥିଲେ ନନ୍ଦମୁରୀ। ସୁପରଷ୍ଟାର ନନ୍ଦମୁରୀ ବାଲକ୍ରିଷ୍ଣା ଓ ଅଭିନେତ୍ରୀ ଉର୍ବଶୀ ରାଉତେଲା ଫିଲ୍ମ ଡାକୁ ମହାରାଜରେ ଏକାଠି ନଜର ଆସିଥିଲେ। ଏହି ଫିଲ୍ମର ଏକ ଗୀତ ଦାବିଡି ଦିବିଡ଼ି ରିଲିଜ୍ ହେବା ପରେ ଏହାର କୋରିଓଗ୍ରାଫି କାହାକୁ ପସନ୍ଦ ଆସିନଥିଲା। ଭିଡିଓ ସାମ୍ନାକୁ ଆସିବା ପରେ ଏତେ ବୟସ୍କ ହୋଇ ନନ୍ଦମୁରୀ କିଭଳି ନିଜ ଝିଅ ବୟସର ଅଭିନେତ୍ରୀଙ୍କ ସହ ଏଭଳି ନାଚିପାରୁଛନ୍ତି ବୋଲି ଲୋକେ ପ୍ରଶ୍ନ କରିଥିଲେ। ଏହା ସହ କିଛି ଲୋକ ଏହାକୁ ଆଶ୍ଲୀଳ ବୋଲି ମଧ୍ୟ କହିଥିଲେ। ଏବେ ଏହା ଉପରେ ଉର୍ବଶୀଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି।ସେ କହିଛନ୍ତି, ସଫଳତା ଅନେକ ସମାଲୋଚନାକୁ ଆମନ୍ତ୍ରଣ କରେ ଏବଂ ମୁଁ ବୁଝିଛି ଯେ ଆଲୋଚନା ଏବଂ ଭିନ୍ନ ମତ ସଫଳତା ଯାତ୍ରାର ଏକ ଅଂଶ। ନନ୍ଦମୁରୀଜୀଙ୍କ ସହିତ କରିଥିବା ନୃତ୍ୟ କଥା କହିବାକୁ ଗଲେ, ତାଙ୍କ ପରି ଜଣେ ବରିଷ୍ଠ କଳାକାରଙ୍କ ସହିତ କାମ କରିବା ମୋର ସୌଭାଗ୍ୟ ଥିଲା। ନନ୍ଦମୁରୀ ସାରଙ୍କ ସହିତ ନୃତ୍ୟ ମୋ ପାଇଁ କେବଳ ଏକ ନୃତ୍ୟ ନଥିଲା; ଏହା କଳା ଓ କଠିନ ପରିଶ୍ରମ ପ୍ରତି ସମ୍ମାନ ଥିଲା। ତାଙ୍କ ସହିତ କାମ କରିବା ସ୍ୱପ୍ନ ସାକାର ହେବା ଭଳି।

## ସୋମବାର ବିଶେଷ : ପ୍ରଭୁଙ୍କୁ ଅର୍ପଣ କରନ୍ତୁ ଅରୁଆ ଚାଉଳି



ସୋମବାର ପ୍ରଭୁ ଶଙ୍କରଙ୍କୁ ସମର୍ପିତ। ଏହି ଦିନ ପ୍ରଭୁ ମହାଦେବଙ୍କ ବିଶେଷ ଭାବେ ପୂଜାର୍ଚ୍ଚନା କରାଯାଇଥାଏ। ମାତ୍ର କିଛି ସରଳ ଉପାୟ ରହିଛି, ଯାହାକୁ ଆପଣାଇବା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହୋଇଥାଏ। ଜାଣନ୍ତୁ.. ପ୍ରଭୁ ଶିବଶଙ୍କରଙ୍କୁ ଅକ୍ଷତ କିମ୍ବା ଏକ ମୁଠା ଗୋଟା ଅରୁଆ ଚାଉଳ ଅର୍ପଣ କରନ୍ତୁ। ଏହାଦ୍ୱାରା ଆର୍ଥିକ ସମସ୍ୟା ଦୂର ହୋଇ ଧନ ବୃଦ୍ଧି ହୋଇଥାଏ। ପ୍ରଭୁ ଶଙ୍କରଙ୍କୁ କଳା ରାଶି ଅର୍ପଣ କରନ୍ତୁ। ଏହାଦ୍ୱାରା ମାନସିକ ଓ ଶାରୀରିକ ଶାନ୍ତି ମିଳିଥାଏ। ରୋଗ ଦୂର ହୋଇଥାଏ। ପ୍ରଭୁଙ୍କ ନିକଟରେ ହରଡ ଡାଲି ଅର୍ପଣ କରିବା ଦ୍ୱାରା ସୁଖସମୃଦ୍ଧି ପ୍ରାପ୍ତି ହୋଇଥାଏ। ବିବାହରେ ବିଳମ୍ବ ହେଉଥିଲେ ପ୍ରଭୁଙ୍କ ନିକଟରେ ଗହମ ଅର୍ପଣ କରନ୍ତୁ। ଶିବ ଲିଙ୍ଗରେ ହଳଦିଆ ମୁଗ ଅର୍ପଣ କଲେ ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂରଣ ହୋଇଥାଏ।

## କେଶ ଝଡ଼ିବା କମ୍ କରେ ପେଜ

ଭାତ ଗାଳି ସାରିବା ପରେ ଏହାର ପେଜକୁ ଅଦରକାରୀ ଭାବି ଆମେ ଫିଙ୍ଗି ଦେଇଥାଉ। ଏହାକୁ ନଫିଙ୍ଗି ଘରୋଇ ଉପଚାର ଭାବରେ ଆପଣ ବ୍ୟବହାର କରିପାରିବେ। ତ୍ୱଚା ଓ କେଶକୁ ସୁନ୍ଦର କରିବା ପାଇଁ ପେଜକୁ ବ୍ୟବହାର କରାଯାଇଥାଏ। ଚାଉଳ ପାଣି ବା ପେଜ ଆପଣଙ୍କ ତ୍ୱଚାକୁ ଟାଇଟ୍ କରି କେଶକୁ ସୁସ୍ଥ ରଖିଥାଏ। କେବଳ ଏତିକି ନୁହେଁ, ପେଜ ଆପଣଙ୍କ ଶରୀରରେ ବ୍ଲଡ୍ ସର୍କୁଲେସନକୁ ବୃଦ୍ଧି କରିଥାଏ। ତା'ହେଲେ ଆସନ୍ତୁ ଜାଣିବା ପେଜକୁ କିପରି କେଶରେ ବ୍ୟବହାର କରାଯାଇଥାଏ।



୧. ଗୋଟିଏ ଗ୍ଲାସ୍ ପେଜରେ କିଛି ବୁନ୍ଦା ଗୋଲାପ ଜଳ, ଲାଭେଣ୍ଡର ଓ ଏସେନସିଆଲ୍ ଅଏଲ୍ ମିଶାନ୍ତୁ।

୨. ଏହାପରେ କେଶରେ ଶାମ୍ପୂ ଲଗାଇ ପେଜ ପାଣିରେ ଧୁଅନ୍ତୁ। କେଶରେ ଏହି ପାଣିକୁ ୨୦ ମିନିଟ୍ ପର୍ଯ୍ୟନ୍ତ ରହିବାକୁ ଦିଅନ୍ତୁ।

୩. କେଶରେ ପେଜ ପାଣି ଲଗାଇ ଭଲ ଭାବରେ ମାଲିସ କରନ୍ତୁ।

୪. ଏହାପରେ କେଶକୁ ଧୋଇ ଦିଅନ୍ତୁ। ଏହିପରି ସପ୍ତାହକୁ ଥରେ କେଶରେ ପେଜ ପାଣି ଲଗାନ୍ତୁ଼ୟ ଦେଖିବେ କେଶ ଝଡ଼ିବା କମ୍ ହୋଇଯିବ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ ଅନୁସାରେ ପେଜ ବା ଚାଉଳ ପାଣିରେ ଇନୋସିଟୋଲ ଓ କାର୍ବୋହାଇଡ୍ରେଟ୍ ରହିଛି। ତେଣୁ ଏହାକୁ କେଶରେ ଲଗାଇ ସାରିବା ପରେ ମଧ୍ୟ ଇନୋସିଟୋଲ ଆପଣଙ୍କ କେଶରେ ରହିଥାଏ ଏବଂ କେଶକୁ ନଷ୍ଟ ହେବାରୁ ରକ୍ଷା କରିଥାଏ।ଏହା ବ୍ୟତୀତ ପେଜରେ ଆମିନୋ ଏସିଡ୍ ରହିଛି, ଯାହା କେଶ ମୂଳକୁ ମଜବୁତ କରି ଘନକଳା କରିଥାଏ। ଯାହା ଯୋଗୁଁ ଆପଣଙ୍କ କେଶ ସାଇନ୍ କରିଥାଏୟ ଏଥିପାଇଁ ଚାଉଳ ପାଣି ବା ପେଜ ଖୁବ୍ ଲାଭକାରୀ ଓ ସୁରକ୍ଷିତୟ ପେଜର କୌଣସି ସାଇଡ୍ ଇଫେକ୍ଟ ମଧ୍ୟ ନାହିଁ।

## ଈଶ୍ୱରଙ୍କ ପ୍ରକୃତ ଉପାସନା



କୌଣସି ଦେବାଦେବୀଙ୍କୁ ପ୍ରସନ୍ନ କରିବା ଲାଗି ମୂଲ୍ୟବାନ ଧନରତ୍ନ ଦାନ କରିବାର ଆବଶ୍ୟକତା ନାହିଁ କିମ୍ବା ଅନେକ ଟଙ୍କା ଖର୍ଚ୍ଚ କରି ପୂଜାର୍ଚ୍ଚନା ମଧ୍ୟ କରିବା ଦରକାର ନାହିଁ । କେବଳ ସେହି ଦେବତାଙ୍କୁ ଖୁବ୍ ସରଳ ଭାବେ ନିଜ ହୃଦୟରେ ସ୍ମରଣ କରିବା ଆବଶ୍ୟକ । ଆମେ କୌଣସି ମାତୃଶକ୍ତିଙ୍କୁ ପ୍ରସନ୍ନ କରିବା ପୂର୍ବରୁ ପ୍ରଥମେ ନିଜ ଜନ୍ମଦାତ୍ରୀ ମାତାଙ୍କୁ ପ୍ରସନ୍ନ କରିବା ଆବଶ୍ୟକ । ମା'ର ସ୍ଥାନ ବହୁ ଉପରେ । ଧର୍ମଗ୍ରନ୍ଥରେ କୁହାଯାଇଛି ଯେ ଜନ୍ମଭୂମି ଏବଂ ଜନ୍ମ ମାଟି ସ୍ୱର୍ଗଠାରୁ ମଧ୍ୟ ଶ୍ରେଷ୍ଠ । ନିକିତିର ଗୋଟିଏ ପାର୍ଶ୍ୱରେ ସ୍ୱର୍ଗ ସୁଖ ଏବଂ ଅନ୍ୟ ପାର୍ଶ୍ୱରେ ମା'ର ମମତାକୁ ତଉଲିଲେ, ମମତା ଥିବା ପାର୍ଶ୍ୱଟି ଅଧିକ ଭାରୀ ହେବ । ଛୋଟ ଛୋଟ କଥାରେ ମା'କୁ ଅପମାନିତ କରି ହଜାର ଥର ଦେବୀ ଧାମ ଗଲେ ବି କିଛି ଫଳ ମିଳିବ ନାହିଁ । ଆତ୍ମୀୟସ୍ୱଜନଙ୍କ ଅଧିକାର ଛଡ଼ାଇ ନେବା, ଅନ୍ୟାୟପୂର୍ବକ ଅନ୍ୟର ଭାଗ ହାତେଇନେବା ପରେ ଯଜ୍ଞ-ହୋମ କରିବାରେ କୌଣସି ଲାଭ ନାହିଁ । ଏପରି କରୁଥିବା ଲୋକ ଯଜ୍ଞ-ହୋମ, ପୂଜାପାଠ କଲେ, ତା'ର ଓଲଟା ଫଳ ପାଇପାରେ । ଏପରି ଲୋକ ଯାହାର ଅଧିକାର ଛଡ଼ାଇ ନେଇଥିବ ପୂଣ୍ୟ ଫଳ ତା'କୁ ହିଁ ମିଳିଯିବ ।

ଅନେକ ଲୋକ କହିଥାନ୍ତି, ବହୁତ ତୀର୍ଥଯାତ୍ରା କଲି, ଯଜ୍ଞ-ଅନୁଷ୍ଠାନ କଲି, କିନ୍ତୁ କିଛି ଲାଭ ମିଳିଲା ନାହିଁ । ଆରେ! ଫଳ ତ' ମିଳିସାରିଛି । ହେଲେ ତୁମକୁ ନୁହେଁ, ଯାହା ପ୍ରତି ତୁମେ ଅନ୍ୟାୟ କରିଛ, ତା'କୁ! ଅନ୍ୟ କୌଣସି ସମ୍ବଳ ଦ୍ୱାରା ଭଗବାନଙ୍କୁ ପ୍ରଭାବିତ କରିହେବ ନାହିଁ । କାରଣ ସେ ସବୁକିଛି ଜାଣନ୍ତି । ତୁମେ ତାଙ୍କୁ ପ୍ରଲୋଭିତ କରିପାରିବ କି ? ଈଶ୍ୱରଙ୍କୁ ପାଇବାକୁ ହେଲେ କେବଳ ଉତ୍ତମ ଆଚରଣ କରିବାକୁ ପଡ଼ିବ, ପ୍ରଲୋଭନ ନୁହେଁ । ଗୋଟିଏ ଲୋଟା ଜଳ ହେଲେ ଭଗବାନ ଶଙ୍କରଙ୍କୁ ପ୍ରସନ୍ନ କରିହେବ । କୁଟିଳତାର ପରିଚୟ ଦେଉଥିବା ଲୋକଟି ଯଦି ଚାହେଁ ଯେ ସମସ୍ତେ ତା'କୁ ଭଲ ପାଆନ୍ତୁ ବୋଲି, ତାହା କିପରି ସମ୍ଭବ ହେବ ?

ଯଜ୍ଞ-ଅନୁଷ୍ଠାନ ଏବଂ ଦାନ କରିବା ତ' ଠିକ୍ ଅଛି । ତେବେ ମନ୍ଦ ଉଦ୍ଦେଶ୍ୟ ନେଇ ଏସବୁ କରିବା ଅନୁଚିତ୍ । ପ୍ରେମ, ସହଯୋଗ, ସଦ୍ଭାବ, କରୁଣା ଆଦି ବାଣ୍ଟିଲେ, ପରିବାର ଏବଂ ସମାଜରେ ଅଧିକ ଖୁସି ମିଳିପାରିବ । ସମାଜରେ ବ୍ୟକ୍ତିର ସମ୍ମାନ ବୃଦ୍ଧି ପାଇବ । ଉତ୍ତମ ସଂସ୍କାର ପ୍ରତି ସମର୍ପଣ ଭାବ ନେଇ ପୂଜା-ପାଠ କରିବା ଉଚିତ୍ । ଚାକିରି, ଜମି-ବାଡ଼ି, ଝଗଡ଼ା, ମୋକଦ୍ଦମା ଆଦିରେ ବିଜୟ ହାସଲ କରିବା ଲାଗି ପୂଜାର୍ଚ୍ଚନା କରିବାରୁ କ'ଣ ଲାଭ ମିଳିବ? କେବଳ ସ୍ୱାର୍ଥ ହାସଲ ପାଇଁ ଏସବୁ କରିବା କ'ଣ ଉଚିତ୍? ମନ୍ଦିର ଯାଉଥିବା ସମୟରେ ଆହତ ବ୍ୟକ୍ତି ଦେଖିଲେ ଛାଡ଼ି ଦେଇ ଦିଅଁ ଦର୍ଶନ ପାଇଁ ଯିବା ହୃଦୟହୀନତା । ଅତଏବ୍ ନିଜ କାର୍ଯ୍ୟ, ଚିନ୍ତାଧାରା, ଚାଲିଚଳନକୁ ସତ୍‌ମାର୍ଗରେ ପରିଚାଳିତ କଲେ ଭଗବାନଙ୍କ କୃପା ଲାଭ ହୋଇଥାଏ । ସେଥିପାଇଁ ଧର୍ମାତ୍ମା ହେବାର ଆତ୍ମପ୍ରଚାର, ଆଡ଼ମ୍ବର ଆଦି ନକାରାତ୍ମକ ମାନସିକତାର ପରିଚାୟକ ବୋଲି ବିଦ୍ୱାନମାନେ କହିଛନ୍ତି ।

## ଓଜନ ହ୍ରାସ କରେ କଞ୍ଚା ଲଙ୍କା

ଅଧିକାଂଶ ଲୋକଙ୍କୁ ରାଗ ଖାଇବା ବେଶ ପସନ୍ଦ। ଖାଇବା ସମୟରେ ଅନେକ ୨ ରୁ ୩ଟି କଞ୍ଚାଲଙ୍କା ଖାଇବାକୁ ପସନ୍ଦ କରିଥାଆନ୍ତି। ତେବେ ଜାଣିଛନ୍ତି କି ? କଞ୍ଚାଲଙ୍କା ଖାଇବା ଦ୍ୱାରା ଆମ ସ୍ୱାସ୍ଥ୍ୟ ପାଇଁ କିଭଳି ଉପକାରୀ ହୋଇଥାଏ।



ଏହାକୁ କେଉଁ ଉପାୟରେ ସେବନ କଲେ ଲାଭ ମିଳେ ଜାଣନ୍ତୁ। କଞ୍ଚାଲଙ୍କାରେ ଅନେକ ପୋଷକ ତତ୍ତ୍ୱ ରହିଛି। ଏଥିରେ ଭିଟାମିନ୍ ଏ, ଭିଟାମିନ୍ ବି୬, ଭିଟାମିନ ସି, ଆଇରନ, ପୋଟାସିୟମ, ପ୍ରୋଟିନ୍ ଭଳି ଅନେକ ପୋଷକ ତତ୍ତ୍ୱ ରହିଛି। କଞ୍ଚା ଲଙ୍କା ସେବନ ଦ୍ୱାରା ମନ ଓ ମସ୍ତିଷ୍କ ସୁସ୍ଥ ରହିବା ସହ ମାନସିକ ଦୁଶ୍ଚିନ୍ତା ଦୂର ହୋଇଥାଏ। ସେହିଭଳି ଅଧିକାଂଶ ଲୋକଙ୍କୁ ରାଗ ଖାଇବା ବେଶ ପସନ୍ଦ। କଞ୍ଚାଲଙ୍କା ସୀମିତ ମାତ୍ରାରେ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭଦାୟକ ହୋଇଥାଏ। ଭିଟାମିନ ସିରେ ଭରପୁର କଞ୍ଚାଲଙ୍କାର ନିୟମିତ ଭାବେ ସେବନ କରିବା ଉଚିତ। କଞ୍ଚାଲଙ୍କାରେ ଥିବା ପୋଷକ ତତ୍ତ୍ୱ ମୋଟାପଣ ହ୍ରାସ କରିବାରେ ସହାୟକ ହୋଇଥାଏ। ଏହା କର୍କଟ ରୋଗ ହେବାର ଆଶଙ୍କାକୁ କମ କରିଥାଏ। ନିୟମିତ ଅଳ୍ପ ପରିମାଣରେ ଏହାର ସେବନ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ହୃଦୟକୁ ସୁସ୍ଥ ରଖିବା ପାଇଁ ମଧ୍ୟ କଞ୍ଚା ବେଶ ଉପକାରୀ। ଏହା ହୃଦୟ ଜନିତ ସମସ୍ୟା ଦୂର କରିବା ସହ ସୁରକ୍ଷିତ ରଖିଥାଏ। ଭିଟାମିନ ସିରେ ଭରପୁର କଞ୍ଚାଲଙ୍କା ତ୍ୱଚା ପାଇଁ ମଧ୍ୟ ବେଶ ଲାଭଦାୟକ। ଏହା ତ୍ୱଚାକୁ ସୁସ୍ଥ ରଖିଥାଏ। ତ୍ୱଚାରେ କୁଞ୍ଚନ ଆସିବାକୁ ଦେଇନଥାଏ। ତ୍ୱଚା ଯୁବା ଓ ସୁନ୍ଦର ଦେଖାଯାଏ। ପାଚନ କ୍ରିୟାକୁ ସୁଚାରୁ ରୂପେ କରିବା ପାଇଁ ମଧ୍ୟ କଞ୍ଚାଲଙ୍କାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କଞ୍ଚାଲଙ୍କା ସେବନ ଦ୍ୱାରା ଖାଦ୍ୟ ଭଲ ଭାବେ ହଜମ ହୋଇଥାଏ। ଥଣ୍ଡା ସମୟରେ କଞ୍ଚାଲଙ୍କା ସେବନ ଦ୍ୱାରା ଥଣ୍ଡା ଶୀଘ୍ର ଭଲ ହୋଇଥାଏ। ଉଚ୍ଚ ରକ୍ତଚାପ, ହୃଦୟ ଜନିତ ସମସ୍ୟା ସହ ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ସୃଷ୍ଟି କରିଥାଏ। କଞ୍ଚାଲଙ୍କାରେ ଥିବା ପୋଷକ ତତ୍ତ୍ୱ ରକ୍ତଚାପକୁ କମ୍ କରିବା ସହ ଏହାକୁ ନିୟନ୍ତ୍ରଣରେ ରଖିଥାଏ।

# ଶ୍ରୀ ଲିଙ୍ଗରାଜଙ୍କ ନୀତିକାନ୍ତି ବିବାଦର ସମାଧାନ

**ଭୁବନେଶ୍ୱର,୧୫।୧ (ମହାଭାରତ):** ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କର ନୀତିକାନ୍ତି ବିଭ୍ରାଟ ନେଇ ଯେଉଁ ବିବାଦ ଲାଗିଥିଲା ତାହାର ସମାଧାନ ହୋଇଛି। କିନ୍ତୁ ଆସନ୍ତାକାଲି ସୁଦ୍ଧା କୌଣସି ସେବାୟତ ଲିଙ୍ଗରାଜଙ୍କ ନୀତିକାନ୍ତିରେ ତ୍ରୁଟି କଲେ ଆସନ୍ତାକାଲି ଠାରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କଡ଼ା ଚେତାବନୀ ଦେଇଛନ୍ତି।

ବର୍ତ୍ତମାନ ଠାରୁ ଲିଙ୍ଗରାଜଙ୍କ ନୀତିକାନ୍ତି ଆରମ୍ଭ ହେବ। ବୈଠକ ପରେ ଏ ନେଇ ସୂଚନା ଦେଇଛନ୍ତି ଜିଲ୍ଲାପାଳ ଚଞ୍ଚଳ ରାଣା। ଯେଉଁମାନେ ବିଶୃଙ୍ଖଳା କରିଥିଲେ କାର୍ଯ୍ୟାନୁଷ୍ଠାନ ହେବ। ୨୪ ଘଣ୍ଟା ମଧ୍ୟରେ ଏଡିଏମ୍ ତଦନ୍ତ କରି ରିପୋର୍ଟ ଦେବେ। ରିପୋର୍ଟ ମିଳିବା ପରେ ସେମାନଙ୍କୁ ସୋ କଜ୍ ନୋଟିସ୍ ହେବ । ଅତି କମରେ ବିଶୃଙ୍ଖଳାକାରୀଙ୍କୁ ସେବା ପୂଜାରୁ ସସ୍‌ପେଣ୍ଡ କରାଯିବ ବୋଲି ସୂଚନା ଦିଆଯାଇଛି।

ଲିଙ୍ଗରାଜ ମନ୍ଦିର ନୀତିକାନ୍ତି ବିଭ୍ରାଟ ପ୍ରସଙ୍ଗରେ ଆଜି ବୈଠକ ବସିଥିଲା। ଏହି ବୈଠକରେ ଟ୍ରଷ୍ଟ ବୋର୍ଡ଼ର ସମସ୍ତ ନିଯୋଗକଙ୍କ ଉପସ୍ଥିତ ସହ ଜୋନ୍ ଏସିପି ଓ ମନ୍ଦିର ପ୍ରଶାସନ ଉପସ୍ଥିତ ଥିଲେ। ଦୀର୍ଘ ତିନି ଦିନ ଧରି ସେବାୟତ ଗୋଷ୍ଠୀ ଭିତରେ ଲାଗି ରହିଥିବା ବିବାଦର ଅନ୍ତ ହେବା ସହ ମହାପ୍ରଭୁ ଲିଙ୍ଗରାଜଙ୍କ ନୀତିକାନ୍ତି ସ୍ୱାଭାବିକ ହୋଇଛି। ଜିଲ୍ଲାପାଳଙ୍କ ସହ ଆଲୋଚନା ପରେ ଜିଦରୁ ଓହରି ଠାକୁରଙ୍କ ନୀତିକାନ୍ତି ପାଇଁ ରାଜି ହୋଇଛନ୍ତି ବ୍ରାହ୍ମଣ ନିଯୋଗ, ପୂଜାପଣ୍ଡା ନିଯୋଗ ଓ ବଡୁ ସେବାୟତ। ଜିଲ୍ଲାପାଳ କହିଛନ୍ତି, କାହିଁକି ବିବାଦ ହେଲା ଓ ଠାକୁରଙ୍କ ନୀତି ବନ୍ଦ ହେଲା, ଏଥିରେ କେଉଁ ସେବାୟତମାନେ ସଂପୃକ୍ତ ତାର ତଦନ୍ତ କରି ୨୪ ଘଣ୍ଟା ଭିତରେ ରିପୋର୍ଟ ଦେବେ ଏଡିଏମ। ରିପୋର୍ଟ ଆଧାରରେ ସେବାୟତଙ୍କ ବିରୋଧରେ ନିଆଯିବ ଆକ୍ସନ। ସକାଳେ ଆଇନ ମନ୍ତ୍ରୀ ମଧ ସେବାୟତଙ୍କୁ ସମାନ ସ୍ୱରରେ ତାଗିଦ କରିଥିଲେ। ଆଉ କହିଥିଲେ ହାଇକୋର୍ଟ ଅବସରପ୍ରାପ୍ତ ବିଚାରପତିଙ୍କୁ ନେଇ ଏକ କମିଶନ ଗଠନ ହୋଇ ସ୍ୱତଃ ଲିପି ପ୍ରସ୍ତୁତ ହେବ। ଦୀର୍ଘ ୩ ଦିନ ଧରି ସେବାୟତଙ୍କ ବିବାଦ ଭିତରେ ବାବା ଲିଙ୍ଗରାଜଙ୍କ ନୀତିକାନ୍ତି ବନ୍ଦ ହୋଇ ରହିଥିଲା। କିନ୍ତୁ ଆଜି ଅପରାହ୍ନରେ ସର୍କିଟ୍ ହାଉସରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଯେଉଁ ବୈଠକ ବସିଥିଲା, ସେଥିରେ ବିବାଦର ଅନ୍ତ ଘଟିଛି। ପ୍ରଭୁ ଲିଙ୍ଗରାଜଙ୍କ ନୀତିକାନ୍ତି ସ୍ୱାଭାବିକ ପାଇଁ ରାଜି ହୋଇଥିଲେ ଦୁଇ ସେବାୟତ ଗୋଷ୍ଠୀ। ବ୍ରାହ୍ମଣ ନିଯୋଗ, ପୂଜାପଣ୍ଡା ନିଯୋଗ ଏବଂ ବଡୁ ସେବାୟତଙ୍କ ସହ ଆଲୋଚନା କରିଥିଲେ ଜିଲ୍ଲାପାଳ ଚଞ୍ଚଳ ରାଣା। ବୈଠକରେ ନିଷ୍ପତ୍ତି ହୋଇଛି ଯେ ଏହି ବିବାଦରେ କେଉଁମାନେ ସଂପୃକ୍ତ ଆଉ କେଉଁମାନେ ଠାକୁରଙ୍କ ନୀତି ବିଭ୍ରାଟ କରିବାକୁ ଚାହୁଁଥିଲେ, ସେ ନେଇ ଏଡିଏମ୍ ତଦନ୍ତ କରି ୨୪ ଘଣ୍ଟା ଭିତରେ ରିପୋର୍ଟ ଦେବେ। ଆଉ ରିପୋର୍ଟ ଆସିବା ପରେ ଅଭିଯୁକ୍ତ ସେବାୟତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଦରକାର ହେଲେ ଦୋଷୀ ସେବାୟତଙ୍କୁ ଠାକୁରଙ୍କ ସେବାରୁ ନିବୃତ୍ତ କରାଯିବ। ଏମିତି କି ସେ ଭୋଗ କରୁଥିବା ଜମି ଫେରାଇ ଅଣାଯିବ ବୋଲି ଜିଲ୍ଲାପାଳ ରୋକଠୋକ୍ କହିଛନ୍ତି।



# ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ନବୀନଙ୍କ ୨୪ ବର୍ଷର ଶାସନ ଦାୟୀ : ବିଜେପି

**ଭୁବନେଶ୍ୱର,୧୫।୧ (ମହାଭାରତ):** ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ନବୀନଙ୍କ ୨୪ ବର୍ଷର ଶାସନ ଦାୟୀ ବୋଲି କହିଛି ବିଜେପି । ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ବିଜେଡି ଯେଉଁ ପ୍ରଶ୍ନ ପଚାରୁଛି ଓଡିଶା ବାସୀଙ୍କୁ ଲଣ୍ଠନ ଦେଖାଉଛି, ଏଥିପାଇଁ ନବୀନଙ୍କ ୨୪ ବର୍ଷର ଶାସନ ଦାୟୀ ବୋଲି ବିଜେପି ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି । ତାଙ୍କ ସମୟରେ ପ୍ରତିଦିନ ହତ୍ୟା ଓ ଦୁଷ୍କର୍ମ ହେଉଥିଲା । ଏଭଳି ଦାନ ନବୀନ ଓଡିଶାକୁ ଦେଇକି ଯାଇଛନ୍ତି । ୨୪ ବର୍ଷର ସରକାର ୭ ମାସର ସରକାରକୁ ପ୍ରଶ୍ନ ପଚାରୁଛି । ନଈ ନଦେଖୁଣୁ ଲଙ୍ଗଳା କାହିଁ ହେଉଛନ୍ତି । ବିଜେଡି ସରକାରୀ ଚାକିରିଆଙ୍କୁ କେମିତି ବ୍ୟବହାର କରିଛି ତାହା ସମସ୍ତଙ୍କୁ ଜଣା । ସରକାରୀ ଚାକିରିଆଙ୍କ ପାଖରେ କାମ କରୁଥିଲେ ବିଜେଡି ସରକାର ଏବଂ ଲୋକ ପ୍ରତିନିଧି । ବିଜେଡି଼ ବ୍ୟବହାର ଶିକ୍ଷା ନଦେଉ ବୋଲି ସେ କହିଛନ୍ତି । ପାର୍ଟି ଅଫିସରେ ସେମାନଙ୍କର ନେତା କିଏ କାହାକୁ କେମିତି ବ୍ୟବହାର କରୁଛନ୍ତି ସେଇଟା ଦେଖନ୍ତୁ । କେନ୍ଦ୍ରମନ୍ତ୍ରୀଙ୍କ ସହ ଅପରାଧୀଙ୍କ ଫୋଟୋ କଥା କହୁଛନ୍ତି । ହେଲେ ୩୦୭ ରେ ବିଜେଡିର ବହୁ ନେତା ଅଛନ୍ତି । ତାଙ୍କ ସହ ନବୀନ କେମିତି ବୁଲୁଛନ୍ତି । ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ନବୀନ ନିବାସ ଫୋଟୋ ସମ୍ପର୍କରେ ବିଜେଡି ସ୍ପଷ୍ଟୀକରଣ ରଖୁ । ବିଜେଡି ବଂଚିବା ପାଇଁ ପ୍ରତିଦିନ ନୂଆ ନୂଆ ପ୍ରସଙ୍ଗ ତିଆରି କରୁଛି ବୋଲି କହି ବର୍ଷିଛନ୍ତି ମନୋଜ ମହାପାତ୍ର ।

# ଓଡ଼ିଶା ୟୁଥ୍ କନ୍‌କ୍ଲେଭ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୫।୧ (ମହାଭାରତ):** ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଜୟନ୍ତୀ ତଥା ଜାତୀୟ ଯୁବ ଦିବସ ଅବସରରେ ସ୍ୱେଚ୍ଛାସେବୀ ସାମାଜିକ ଅନୁଷ୍ଠାନ କ୍ରାନ୍ତିକାରୀ ଫାଉଣ୍ଡେସନ ପକ୍ଷରୁ ରବିବାର ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ 'ଓଡ଼ିଶା ୟୁଥ୍ କନ୍‌କ୍ଲେଭ-୨୦୨୫ ଅନୁଷ୍ଠିତ ହୋଇଯାଇଛି । କ୍ରାନ୍ତିକାରୀ ଫାଉଣ୍ଡେସନର ଅଧ୍ୟକ୍ଷ ନଳିନୀକାନ୍ତ ନାୟକ ଓ ଓୱାଏଫ୍‌ର ପ୍ରତିଷ୍ଠାତା ସନ୍ତୋଷ ପ୍ରଧାନଙ୍କ ତ ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ଦଳର ନେତା ଶ୍ରୀ ରାମଚନ୍ଦ୍ର କାଡ଼ାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଟିମ୍ ଗ୍ରୁପ୍ ସି.ଏମ୍.ଡି ନିଶିକାନ୍ତ ମିଶ୍ର, ପ୍ରବାସୀ ଭାରତୀୟ ତଥା ଗ୍ଲୋବାଲ ଟୁରିଜିମ୍ ଏକ୍ସପର୍ଟ ଶୀତଲ କୁମାର ଦାସବାବୁ ପ୍ରମୁଖ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ପଥକୁ ଅନୁସରଣ କରି ଯୁବ ସମାଜକୁ ଆଗକୁ ବଢିବାକୁ ବକ୍ତବ୍ୟ ପ୍ରଦାନ କରିଥିଲେ। ତିନୋଟି ଅଧିବେଶନରେ ଅନୁଷ୍ଠିତ ଏହି କନ୍‌କ୍ଲେଭର ପ୍ରଥମ ଅଧିବେଶନରେ ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦୋଷ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଓ ଗ୍ଲୋବାଲ ବିଜ୍‌ନେସନ ଲିଡର ଦେବୀ ଦାସ ଯୋଗଦେଇ 'ବିକାଶର ସାଥୀ-ଆମ ଯୁବଶକ୍ତି' ଆଲୋଚନାଚକ୍ରରେ ଯୁବଶକ୍ତି ଉପରେ ଅନେକ ଉପାଦେୟ ମନ୍ତବ୍ୟମାନ ଦେଇଥିଲେ। ଏଥିରେ ସାମିଲ୍ ହୋଇନପାରି ଭଟ୍‌ଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଓ ପାରଳାଖେମୁଣ୍ଡି ବିଧାୟକ ରୁପେଶ ପାଣିଗ୍ରାହୀ ଭିଡ଼ଓ ବାର୍ତା ମାଧ୍ୟମରେ ଓଡ଼ିଶା ୟୁଥ୍ କନ୍‌କ୍ଲେଭ ଉପରେ ମତ ରଖିଥିଲେ। ବିଧାୟିକା ସୋଫିଆ ଫିର୍ଦୋଷ ଓ ହିମାଂଶୁ ସାହୁ ଯୁବଶକ୍ତିମାନଙ୍କୁ ରାଜନୀତି, ସମାଜସେବା, ଉଦ୍ୟୋଗ ଓ ଅନ୍ୟାନ୍ୟ କ୍ଷେତ୍ରରେ ଆଗକୁ ଯିବା ପାଇଁ ପରାମର୍ଶ ଦେବା ସହ ସଂଘର୍ଷ ହିଁ ସଫଳତାର ଚାବିକାଠି ବୋଲି କହିଥିଲେ। ଦ୍ୱିତୀୟ ଅଧିବେଶନରେ 'ସଶକ୍ତ ମହିଳା-ସମୃଦ୍ଧ ଓଡ଼ିଶା' ଶୀର୍ଷକ ଆଲୋଚନଚକ୍ରରେ ଆସ୍କା ସଂସଦୀୟ କ୍ଷେତ୍ରର ବିଜେଡ଼ି ପ୍ରାର୍ଥିନୀ ରଞ୍ଜିତା ସାହୁ, ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ, କବି ଶୁଭଶ୍ରୀ ଶୁଭସ୍ମିତା ମିଶ୍ର ଓ ମହିଳା ଉଦ୍ୟୋଗୀ ଆକାଂକ୍ଷା ପାଢୀ ଯୋଗଦେଇ ମହିଳାମାନଙ୍କ ସାମାଜିକ, ଅର୍ଥନୈତିକ ସ୍ଥିତି ଓ ଅଭିବୃଦ୍ଧି ସମେତ ମହିଳା ସଶକ୍ତିକରଣ ଓ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

# ରାଜ୍ୟସ୍ତରୀୟ ବୀମା କମିଟିର ପ୍ରଥମ ସମ୍ମିଳନୀ




**ଭୁବନେଶ୍ୱର,୧୫।୧ (ମହାଭାରତ):** ରାଜ୍ୟ ସ୍ତରୀୟ ବୀମା କମିଟିର ପ୍ରଥମ ସମ୍ମିଳନୀ ୧୫ ଜାନୁଆରୀ ୨୦୨୫ ତାରିଖରେ ଭୁବନେଶ୍ୱରରେ ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀ ଅନୁ ଗର୍ଗ, ଉନ୍ନୟନ କମିଶନର୍ ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସମ୍ପାଦିତ ହୋଇଥିଲା। ସେ ତାଙ୍କ ଉଦବୋଧନରେ ରାଜ୍ୟ ସ୍ତରୀୟ ବୀମା କମିଟିକୁ ଆଇଆରଡିଆଇ, ରାଜ୍ୟ ସରକାର ଓ ବୀମା କମ୍ପାନୀମାନଙ୍କର ଏକ ତ୍ରିପାକ୍ଷିକ ସଂସ୍ଥାଗତ ବ୍ୟବସ୍ଥା ଭାବେ କାମ କରିବା ପାଇଁ ଉତ୍ସାହିତ କରିଥିଲେ। ବ୍ୟାଙ୍କିଂ କ୍ଷେତ୍ରରେ ଏସ୍‌ଏଲବିସି ପରି ବୀମା କ୍ଷେତ୍ରରେ ଏସ୍‌ଏଲଆଇଏସ୍ କୁ ସର୍ବୋତ୍ତମ ମାନଦଣ୍ଡ ସ୍ଥାପନ କରିବାର ଆବଶ୍ୟକତା ରହିଛି। ଏହି କମିଟି ରାଜ୍ୟର ବୀମା କଭରେଜ୍ ର ଅବସ୍ଥା ମୂଲ୍ୟାଙ୍କନ କରି ୨୦୩୬ ସୁଧା ସମସ୍ତଙ୍କ ପାଇ ବୀମା ସୁବିଧା ଲକ୍ଷ୍ୟ ହାସଲ ପାଇଁ ବିହିତ ପଦକ୍ଷେପ ନେବ। ବୈଠକରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ନିମ୍ନ ହାରରେ ଦାବି ସମାଧାନ ପ୍ରସଙ୍ଗ ଉପରେ ଧ୍ୟାନ ଆକର୍ଷଣ କରାଯାଇଥିଲା। କମିଟି ଏହାକୁ ଗମ୍ଭୀରତାର ସହିତ ଆଲୋଚନା କରିଥିଲେ ଓ ସମ୍ପୃକ୍ତ ବୀମା କମ୍ପାନୀଗୁଡିକୁ ସମସ୍ତ ଦାବି ପ୍ରାଥମିକତା ସହିତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସାଧାରଣ ଜନତାଙ୍କ ପାଇଁ ସୁଲଭ ଓ ସହଜ ବୀମା ସୁବିଧା, ବୀମାକାରୀ ଏବଂ ବୀମା ଗ୍ରହୀତାଙ୍କ ମଧ୍ୟରେ ବିଶ୍ୱାସର ନିବିଡତାକୁ ବଢାଇବା, ଟେକ୍ନୋଲୋଜି ପରିଚାଳିତ ପ୍ଲାଟଫର୍ମ ବ୍ୟବହାର କରି ପ୍ରକ୍ରିୟାକୁ ସରଳୀକରଣ କରିବା, ଦାବି ସମାଧାନକୁ ତ୍ୱରାନ୍ୱିତ କରିବା ପାଇଁ କୃତିମ ବୁଦ୍ଧିମତା ଆଧାରିତ ବ୍ୟବସ୍ଥା ଏବଂ ସୁଦୃଢ଼ ଅଭିଯୋଗ ସମାଧାନ ବ୍ୟବସ୍ଥା କରିବା ପାଇଁ ଶ୍ରୀମତୀ ଅନୁ ଗର୍ଗ ସମସ୍ତ ବୀମା କମ୍ପାନୀମାନଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ପାଇଁ ଆଇଆରଡିଏଆଇ ଦ୍ୱାରା ନିଯୁକ୍ତ ଚାରି ପ୍ରମୁଖ ବୀମା କମ୍ପାନୀ ଯଥା ଭାରତୀ ଆକ୍ସା ଲାଇଫ୍, ଶ୍ରୀରାମ ଜେନେରାଲ୍ ଇନସୁରାନ୍ସ, ଏଲଆଇସି ଅଫ୍ ଇଣ୍ଡିଆ। ଏବଂ ଜୁରିଚ୍ କୋଟାକ୍ ଜେନେରାଲ୍ ଇନସୁରାନ୍ସ ମଧ୍ୟରୁ ଲାଇଫ୍ ଇନସୁରାନ୍ସ କର୍ପୋରେସନ୍ କୁ ଏସଏଲଆଇସି ପାଇଁ ନୋଡାଲ୍ ବୀମା କମ୍ପାନୀ କରିବାକୁ କମିଟିରେ ନିଷ୍ପତ୍ତି ନିଆଗଲା। ଜୀବନ, ଫସଲ, ମୋଟର, ସ୍ୱାସ୍ଥ୍ୟ ଇତ୍ୟାଦି ବିଭିନ୍ନ କ୍ଷେତ୍ରର ବୀମା ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ସମ୍ପୃକ୍ତ ଉପ-କମିଟି ଗଠନ କରିବାକୁ ମଧ୍ୟ କମିଟି ପରାମର୍ଶ ଦେଇଥିଲେ। ଏହି ବୈଠକରେ ଆଇଆରଡିଏଆଇର ସଦସ୍ୟ ସଚିବ ସତ୍ୟଜିତ ତ୍ରିପାଠୀ; ଏଲଆଇସିର ଅଧ୍ୟକ୍ଷ ସିଦ୍ଧାର୍ଥ ମହାନ୍ତି; ଆରବିଆଇର ଆଞ୍ଚଳିକ ନିର୍ଦ୍ଦେଶକ, ୪ଟି ଅଗ୍ରଣୀ ବୀମା କମ୍ପାନୀର ଏମ୍. ଡି. ତଥା ସି. ଇ. ଓ., ଏମ୍. ଜଗନ୍ନାଥ, ଏଲ୍. ଆଇ. ସି.; ପରାଗ ରାଜା, ଭାରତୀ ଆକ୍ସା ଲାଇଫ୍ ଲିମିଟେଡ୍; ଅନିଲ କୁମାର ଅଗ୍ରୱାଲ, ଶ୍ରୀରାମ ଜେନେରାଲ୍ ଇନସୁରାନ୍ସ ଲିମିଟେଡ୍; ଆଲୋକ କୁମାର ଅଗ୍ରୱାଲ, ଜୁରିଚ୍ କୋଟାକ୍ ଜେନେରାଲ୍ ଇନସୁରାନ୍ସ ଲିମିଟେଡ୍; . ଶାଶ୍ୱତ ମିଶ୍ର , ପ୍ରମୁଖ ଶାସନ ସଚିବ, ଅର୍ଥ ବିଭାଗ, ଡ଼ ଅରବିନ୍ଦ କୁମାର ପାଢୀ, ପ୍ରମୁଖ ଶାସନ ସଚିବ କୃଷି ଓ କୃଷକ ସଶକ୍ତିକରଣ ବିଭାଗ,ଉପସ୍ଥିତ ଥିଲେ।

# ଡିଏଭି ପୋଖରୀପୁଟରେ ବ୍ୟାସକବିଙ୍କ ଜୟନ୍ତୀ

**ଭୁବନେଶ୍ୱର,୧୫।୧ (ମହାଭାରତ):** ଡିଏଭି ପୋଖରୀପୁଟରେ ଆଧୁନିକ ଓଡ଼ିଆ କଥା ସାହିତ୍ୟର ଜନକ ତଥା ଓଡ଼ିଆ ଜାତୀୟ ଅଭ୍ୟୁଥାନର କର୍ଣ୍ଣଧାର ବ୍ୟାସକବି ଫକୀରମୋହନଙ୍କ ଜୟନ୍ତୀ ପାଳିତ ହୋଇଛି। ବିଦ୍ୟାର୍ଥୀମାନଙ୍କୁ ମଧ ଶ୍ରଦ୍ଧାସୁମନ ଅର୍ପଣ କରାଇଥିଲେ। ବରିଷ୍ଠ ଶିକ୍ଷକ ନରୋତ୍ତମ ଷଡ଼ଙ୍ଗୀ ଫକୀରମୋହନଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଫକୀରମୋହନଙ୍କ ରଚିତ ଛ'ମାଣ ଆଠ ଗୁଣ୍ଠ, ମାମୁଁ,



ବିଦ୍ୟାଳୟର ଅଧ୍ୟକ୍ଷ ବିପିନ କୁମାର ସାହୁଙ୍କ ପ୍ରରୋଚନାରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଦ୍ୱାରା ବ୍ୟାସକବିଙ୍କ ଜୟନ୍ତୀକୁ ଅତ୍ୟନ୍ତ ସଭାବନାର ସହିତ ପାଳନ କରାଯାଇଛି। ଓଡ଼ିଆ ବିଭାଗର ବିଭାଗୀୟ ମୁଖ୍ୟ ଶୁଭ୍ରାଂଶୁ ମୋହନ ଦାଶ ପ୍ରଦୀପ ପ୍ରଜ୍ୱଳନପୂର୍ବକ ବ୍ୟାସକବିଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ଉପସ୍ଥିତ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ତଥା ଲଛମା ଓ ପ୍ରାୟଶ୍ଚିତ ଉପନ୍ୟାସ ଗୁଡ଼ିକର ଭାବବସ୍ତୁକୁ ବିଦ୍ୟାର୍ଥୀମାନଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା। ଶିକ୍ଷକ କେଶବ ଚନ୍ଦ୍ର ପ୍ରଧାନ ବ୍ୟାସକବିଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ନିମନ୍ତେ ସଭିଙ୍କୁ ଶପଥ ପାଠ କରାଇଥିଲେ। ଓଡ଼ିଆ ବିଭାଗର ଶିକ୍ଷୟିତ୍ରୀ କ୍ଷଣପ୍ରଭା ନନ୍ଦ ଓ ସୁଜାତା ମହାନ୍ତି ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ପରିଶେଷରେଧନ୍ୟବାଦ ପର୍ବ ଅନୁଷ୍ଠିତ ହୋଇଥିଲା।

# ପିଏମ୍‌କେଭିୱାଇ ଶିକ୍ଷାନବୀସଙ୍କୁ ପ୍ରମାଣପତ୍ର

**ଭୁବନେଶ୍ୱର,୧୫।୧ (ମହାଭାରତ):** ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା (ପିଏମ୍‌କେଭିୱାଇ) ଅଧୀନରେ ସୋଆ ବିଶ୍ୱବିଦ୍ୟାଳୟ ଠାରେ ଦକ୍ଷତା ବିକାଶ ନିମନ୍ତେ ତାଲିମ ପାଇଥିବା ଶିକ୍ଷାନବୀସ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ଏକ ବିଶେଷ ଉତ୍ସବରେ ତାଲିମ ଗ୍ରହଣ କରିଥିବା ୮ମ ବ୍ୟାଚର ଶିକ୍ଷାନବୀସ ମାନଙ୍କୁ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଫେସର ନନ୍ଦ ଏହି ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବଗୋଷ୍ଠୀଙ୍କୁ ବିଭିନ୍ନ ଶିଳ୍ପ ନିମନ୍ତେ ପ୍ରସ୍ତୁତ କରାଯାଇପାରୁଛି ବୋଲି କହି ସୋଆ ବୈଷୟିକ ଶିକ୍ଷା ଓ ଶିଳ୍ପ ମଧ୍ୟରେ ଏକ ସେତୁ ଭଳି କାର୍ଯ୍ୟ କରୁଛି ବୋଲି ପ୍ରକାଶ କରିଥିଲେ। ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ୍ ସାଇନ୍‌ସେସ୍ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କିଲ ହବ୍ ଇନିସିଏଟିଭ୍ ଯୋଜନା ଅଧୀନରେ ପିଏମ୍‌କେଭିୱାଇ କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ଏହି କାର୍ଯ୍ୟକ୍ରମରେ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ତଥା ସେଂଟର ଫର୍ ସ୍କିଲ୍ ଡେଭଲପ୍‌ମେଂଟ ଆଣ୍ଡ ଏନ୍‌ଟରପ୍ରିନିୟରସିପ୍‌ର କର୍ମକର୍ତାଗଣ ଉପସ୍ଥିତ ଥିଲେ। ସ୍କିଲ୍ ଡେଭଲପ୍‌ମେଂଟ ଆଣ୍ଡ ଏନ୍‌ଟରପ୍ରିନିୟରସିପ୍‌ର ଡେପୁଟି ଜେନେରାଲ ମ୍ୟାନେଜର ଅଶୋକ କୁମାର ନାୟକ ମଧ୍ୟ ଏହି ଅବସରରେ ନିଜର ମତ ରଖିଥିଲେ। ରାମକୃଷ୍ଣ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ରାଜ୍ୟରେ ଆଇନ ଶୃଙ୍ଖଳା ଭୁଶୁଡ଼ି ପଡ଼ିଛି : ବିଜେଡି

**ଭୁବନେଶ୍ୱର,୧୫।୧ (ମହାଭାରତ):** ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଉପସ୍ଥିତିରେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ କର୍ତ୍ତବ୍ୟରତ ପୋଲିସ୍ ଅଧିକାରୀଙ୍କୁ ମାଡ ମାରିବା ସହ ବିଜେପି କର୍ମୀଙ୍କୁ ବାଡେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ଅରାଜକତା ଓ ଉଦବେଗଜନକ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଆଜି ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି ଓ ବିଜେଡି ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ଼ ଲେନିନ୍ ମହାନ୍ତି।

ଶ୍ରୀ ମୁଦୁଲି କହିଥିଲେ ଯେ, ନୂଆ ବର୍ଷରେ ନୂଆ ସରକାର ଓଡ଼ିଶାବାସୀଙ୍କୁ ଏକ ଅଲୋଡ଼ା ଉପହାର ଦେଇଛନ୍ତି। ଗତକାଲି ନେମାଳ ଠାରେ ଆଇନମନ୍ତ୍ରୀଙ୍କ ଉପସ୍ଥିତିରେ ଆଇନକୁ ହାତକୁ ନେଇ ଶାସକ ଦଳ ବିଧାୟକ ସାରଦା ପ୍ରଧାନ ଜଣେ କର୍ତ୍ତବ୍ୟରତ ପୋଲିସ୍ ଅଫିସରଙ୍କୁ ଯେଉଁଭଳି ଭାବରେ ମାଡ ମାରିଲେ ତାହା ଅତ୍ୟନ୍ତ ଲଜ୍ଜାଜନକ। ବିଜେପି କର୍ମୀମାନଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ମାହାଙ୍ଗା ବିଧାୟକ ଶ୍ରୀ ସାରଦା ପ୍ରଧାନ ପିଟୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଏହା ପୂର୍ବରୁ କଟକରେ ଆୟୋଜିତ କେନ୍ଦ୍ରମନ୍ତ୍ରୀଙ୍କ ଏକ ସଭାରେ ପୋଲିସ ଉପସ୍ଥିତିରେ ବିଜେପିର ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ମୁଖପାତ୍ର ଡ଼ ମହାନ୍ତି କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବା ଦିନ ଭୁବନେଶ୍ୱରର ଛାତି ଉପରେ ଜଣେ ପୋଲିସ୍ ମିତ୍ରକୁ ବର୍ବରୋଚିତ ଭାବେ ହତ୍ୟା କରି ମୁଣ୍ଡକୁ ଗଣ୍ଡିରୁ ଅଲଗା କରିଦେବା, ରାଜ୍ୟରେ ଆଇନଶୃଙ୍ଖଳାର ବିକଳ ଚିତ୍ରକୁ ଦର୍ଶାଉଛି। ସ୍ପଷ୍ଟ ଦିବାଲୋକରେ ଅପରାଧୀ ମାନେ ଅପରାଧ ଘଟାଇ ଖସି ପଳାଇବାରେ ସକ୍ଷମ ହେଉଛନ୍ତି । ବିଜେପି ସରକାରକୁ ଆସିବା ପରେ ଗତ ୭ମାସ ମଧ୍ୟରେ ପ୍ରାୟ ୧୩ ଶହରୁ ଉର୍ଦ୍ଧ୍ୱର୍ ମହିଳା ଦୁଷ୍କର୍ମ ଓ ହତ୍ୟା ଭଳି ଅପରାଧର ଶୀକାର ହୋଇଛନ୍ତି। ରାଜ୍ୟ ସରକାର ତୁରନ୍ତ ମାହାଙ୍ଗା ବିଧାୟକଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

# ମଧୁର ସ୍ମୃତି ନେଇ ଫେରିଲେ ଇଣ୍ଡିଆ ଟ୍ରେକ୍‌ର ପ୍ରତିନିଧି

**ଭୁବନେଶ୍ୱର,୧୫।୧ (ମହାଭାରତ):** ଇଣ୍ଡିଆ ଟ୍ରେକ୍ ନିମନ୍ତ୍ରଣ କାର୍ଯ୍ୟକ୍ରମରେ ୫ ତାରିଖରୁ ୭ ଦିନିଆ କିଟ୍ ଓ କିସ୍ ପରିଦର୍ଶନରେ ଆସିଥିବା ହାର୍ଭାର୍ଡ ଓ ମାସାଚ୍ୟୁସେଟ୍‌ସ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି)ର ୪୦ ଜଣିଆ ପ୍ରତିନିଧିମଣ୍ଡଳ ରବିବାର ସମସ୍ତ କାର୍ଯ୍ୟକ୍ରମ ସାରି ଫେରି ଯାଇଛନ୍ତି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସେମାନଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧିତ କରିବା ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। କିଟ୍ ଓ କିସ୍ ପରିଦର୍ଶନରେ ଆସି କିଟ୍‌ର ବିଭିନ୍ନ ବିଭାଗ ଓ କିସ୍‌ର ବିଭିନ୍ନ ୟୁନିଟ୍ ପରିଦର୍ଶନ କରିବା ସହ ଉଭୟ କିଟ୍ ଓ କିସ୍ ଛାତ୍ରଛାତ୍ରୀଙ୍କ ସହ ଭାବର ଆଦାନ ପ୍ରଦାନ କରିଥିଲେ। ସେମାନେ କିଟ୍ ଓ କିସ୍ ଛାତ୍ରଛାତ୍ରୀଙ୍କ ସହ ଦୀର୍ଘ ସମୟ ଭାବର ଆଦାନ ପ୍ରଦାନ କରିଥିଲେ। ଏହି ଦଳରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ଓ ବର୍ତ୍ତମାନ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ। ପରିଦର୍ଶନରେ ଆସିଥିବା ହାର୍ଭାର୍ଡ ଓ ମାସାଚ୍ୟୁସେଟ୍‌ସ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି)ର ପୁରାତନ ଛାତ୍ରଛାତ୍ରୀଙ୍କ ସାମିଲ ହୋଇଥିଲେ। ସେମାନଙ୍କ ଗସ୍ତର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାରତ ବିଶେଷ କରି ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ, ସାମାଜିକ-ଅର୍ଥନୈତିକ ସ୍ଥିତି ବିଷୟରେ ଜାଣିବା ଓ ଜ୍ଞାନର ଆଦାନ ପ୍ରଦାନ କରିବା। ଓଡ଼ିଶା କଳା, ସଂସ୍କୃତି ଓ ପରମ୍ପରାରେ ସେମାନେ ଅଭିଭୂତ ହୋଇପଡ଼ିଥିଲେ। ଏଭଳି ପ୍ରୟାସ ପାଇଁ ସେମାନେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଜି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା, କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା, କୁଳପତି ପ୍ରଫେସର ଦୀପକ ବେହେରା ପ୍ରମୁଖ ଉପସ୍ଥିତ ରହି ଇଣ୍ଡିଆ ଟ୍ରେକ ପ୍ରତିନିଧିମଣ୍ଡଳ ସହ ଭାବ ବିନିମୟ କରିଥିଲେ।



# ରାଜଭବନ ଉଦ୍ୟାନ ପରିଦର୍ଶନ କଲେ ୧୪ ହଜାର ଲୋକ



**ଭୁବନେଶ୍ୱର,୧୫।୧ (ମହାଭାରତ):** ଭୁବନେଶ୍ୱର ରାଜଭବନ ଉଦ୍ୟାନ ଖୋଲା ହେବାର ଦ୍ୱିତୀୟ ଦିନ ଅପରାହ୍ନରେ ଆପ୍ ମାଧ୍ୟମରେ ପଞ୍ଜୀକରଣ କରିଥିବା ୧୪ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ରାଜଭବନ ଉଦ୍ୟାନ ପରିଦର୍ଶନ କରିଛନ୍ତି। ମଙ୍ଗଳବାର ମକର ସଂକ୍ରାନ୍ତି ଥିବାରୁ ଅପରାହ୍ନ ଘ. ୨.୩୦ମି. ବେଳକୁ ରାଜଭବନ ପରିସରରେ ଉଦ୍ୟାନ ପରିଦର୍ଶନ ନିମନ୍ତେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ଏତଦ୍‌ବ୍ୟତୀତ ମଙ୍ଗଳବାର ସକାଳେ ସେଂଟ୍ ଜାଭିୟର୍ସ ହାଇସ୍କୁଲ, ବାରବୋଟୀ କ୍ୟାମ୍ପସ, କଟକ ଏବଂ ଏସ୍.ସି.ବି. ମେଡ଼ିକାଲ ଡିଏଭି ପବ୍ଲିକ ସ୍କୁଲ, କଟକର ଛାତ୍ରଛାତ୍ରୀମାନେ ରାଜଭବନ ଉଦ୍ୟାନ ପରିଦର୍ଶନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟପାଳ ଡ଼ ହରି ବାବୁ କମ୍ଭମ୍‌ପାଟି ପିଲାମାନଙ୍କ ସହ ବାର୍ତାଳାପ କରିଥିଲେ ଓ ସେମାନଙ୍କୁ ଚକୋଲେଟ୍ ଓ କଲମ ପ୍ରଦାନ କରିଥିଲେ।

## ସନାତନ ଧର୍ମକୁ କଟାକ୍ଷ

ନିଜକୁ ଉଧର୍ମନିରପେକ୍ଷ ବୋଲି ଦାବି କରୁଥିବା କିଛି ରାଜନେତା ଏବଂ ଦଳ ଧର୍ମନିରପେକ୍ଷତାର ଅର୍ଥ ସଂଖ୍ୟାଲଘୁ ତୁଷ୍ଟିକରଣ ଏବଂ ସଂଖ୍ୟାଗରିଷ୍ଠ ହିନ୍ଦୁ ଧର୍ମାବଲମ୍ବୀଙ୍କୁ ଗାଳି ଦେବା, ସେମାନଙ୍କୁ ନିନ୍ଦା କରିବା ଏବଂ ସଂଖ୍ୟାଲଘୁଙ୍କ ଦୋଷ ଘୋଡ଼ୋଇବାକୁ ବୁଝନ୍ତି। ଏପରିକି ଧର୍ମନିରପେକ୍ଷତା ନାମରେ ସେମାନେ ସଂଖ୍ୟାଲଘୁ ବର୍ଗର କେହି ଦେଶ ବିରୋଧୀ କାର୍ଯ୍ୟକଲେ ବା ଆତଙ୍କରାଜ ସଅଷ୍ଟି କଲେ ତାଙ୍କୁ କ୍ଷମା କରିଦେବାକୁ ଦାବି କରନ୍ତି। ସଂସଦ ଭବନ ଉପରେ ଆକ୍ରମଣର ମାଷ୍ଟର ମାଇଣ୍ଡ ଆଫଜଲ ଗୁରୁଙ୍କୁ ଫାଶୀଦଣ୍ଡାଦେଶକୁ ଅନେକ ବିରୋଧ କରିଥିଲେ ଏବଂ ତାଙ୍କୁ କ୍ଷମା କରି କାଶ୍ମୀରବାସୀଙ୍କୁ ଶାନ୍ତିର ବାର୍ତ୍ତା ଦେବାକୁ ଅନେକ ଦାବି କରିଥିଲେ। କିଛି ବର୍ଷ ତଳେ ନିଜକୁ ବାମପନ୍ଥୀ ବୋଲାଉଥିବା କିଛି ଛାତ୍ରନେତା ଜେଏନୟୁ ପରିସରରେ ଖୋଲାଖୋଲି ଭାବେ ସ୍ଲୋଗାନ ଦେଉଥିଲେ, ଆଫଜଲ ହାମ ସରମିନ୍ଦା ହେ, ତେରେ କାତିଲ ଅଭି ଜିନ୍ଦା ହୈ। ଏମାନଙ୍କୁ ଅନେକ ଧର୍ମନିରପେକ୍ଷତା ନାମରେ ସମର୍ଥନ କରିଥିଲେ। କିଛି ଦିନ ତଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ, କଂଗ୍ରେସର ବରିଷ୍ଠ ନେତା ମଣିଶଙ୍କର ଆୟାର କହିଥିଲେ ଯେ, ଅଟଳ ବିହାରୀ ବାଜପେୟୀ ନୁହେଁ, ପି ଭି ନରସିଂହ ରାଓ ପ୍ରଥମ ବିଜେପି ପ୍ରଧାନମନ୍ତ୍ରୀ। ପି ଭି ନରସିଂହ ରାଓଙ୍କୁ ସେ ଜଣେ ସାମ୍ପ୍ରଦାୟିକ ଚିନ୍ତାଧାରା ସମ୍ପନ୍ନ ବ୍ୟକ୍ତି ଥିଲେ ବୋଲି କହିଛନ୍ତି। କାରଣ ନରସିଂହ ରାଓ କୁଆଡ଼େ ତାଙ୍କୁ ଭାରତ ଏକ ହିନ୍ଦୁ ରାଷ୍ଟ୍ର ବୋଲି କହିଥିଲେ। ଏହା ସତ କି ମିଛ ତାହା ଭିନ୍ନ କଥା, ଯଦି ବି ଏହା ସତ୍ୟ ହୋଇଥାଏ ତେବେ ଏହା କିପରି ସାମ୍ପଦାୟିକ ଚିନ୍ତାଧାରା ହେବ ? ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର, ଏଥିରେ କେହି ଦ୍ୱିମତ ନୁହଁନ୍ତି। କିନ୍ତୁ ଭାରତୀୟ ସଂସ୍କୃତି ହିନ୍ଦୁ ଧର୍ମ ଉପରେ ବା ସନାତନ ଧର୍ମ ଉପରେ ଆଧାରିତ ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ନିକଟରେ ତାମିଲନାଡୁର ଶାସକ ଡିଏମେକର ଜଣେ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନଙ୍କ ପୁଅ ଉଦୟନିଧି ଷ୍ଟାଲିନ ଏକ ସଭାରେ ସନତନ ଧର୍ମକୁ ନିନ୍ଦା କରି କହିଛନ୍ତି ଯେ, ଏହା ମ୍ୟାଲେରିଆ, ଡେଙ୍ଗୁ ଏବଂ କରୋନା ଭଳି ଏକ ରୋଗ ଯାହାର ବିଲୋପ ଆବଶ୍ୟକ। ସନାତନ ଧର୍ମ ଭାରତରେ ଜାତିଭେଦର ମୂଳ କାରଣ ବୋଲି ସେ କହିଛନ୍ତି। ଏହାକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ବିଜେପି ଏହାକୁ ନିନ୍ଦା କରିଥିବା ବେଳେ ବିରୋଧୀ ଦଳର ଅନେକ ନେତା ମଧ୍ୟ ଏହାକୁ ସହଜରେ ଗ୍ରହଣ କରିପାରୁନାହାଁନ୍ତି। କଂଗ୍ରେସ ଦଳରେ ଏହାକୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଲା ହିନ୍ଦୁତ୍ୱକୁ ନିଜର ମୂଳ ନୀତି ଭାବେ ଗ୍ରହଣ କରିଥିବା ଶିବସେନା ମଧ୍ୟ ଉଦୟନିଧିଙ୍କ ମନ୍ତବ୍ୟକୁ ବିରୋଧ ବା ନିନ୍ଦା କରି ନାହିଁ। କେବଳ ଭୋଟ ବ୍ୟାଙ୍କ ବା ସଂଖ୍ୟାଲଘୁ ତୁଷ୍ଟିକରଣ ନୀତି ତଥା ବିଜେପିକୁ ବିରୋଧ କାରଣରୁ ସେମାନେ ନିରବ ରହିଛନ୍ତି। ଉଦୟନିଧି ଯାହା କହିଛନ୍ତି ତାହା ଡିଏମକେର ନୀତି ବା ମତ ବୋଲି ବିଚାର କରିବାକୁ ପଡ଼ିବ। ବାସ୍ତବରେ ଉଦୟନିଧିଙ୍କର ସନାତନ ଧର୍ମ ଉପରେ କିଛି ଜ୍ଞାନ ନାହିଁ। ଅଳ୍ପ ବୁଦ୍ଧି ଭୟଙ୍କର ଭଳି ସେ ତାଙ୍କର କ୍ଷୁଦ୍ର ବିଚାରଧାରାକୁ ନେଇ ଯେଉଁ ମନ୍ତବ୍ୟ ଦେଇଛନ୍ତି ସେଥିପାଇଁ ତାଙ୍କୁ ଦୋଷ ଦିଆଯାଇପାରିବ ନାହିଁ। ତାଙ୍କୁ ଏଭଳି ସଂସ୍କାର ଦିଆଯାଇଛି। ତାଙ୍କ ଜେଜେ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ କରୁଣାନିଧି ରାମସେତୁକୁ ବିରୋଧ କରୁଥିଲେ ଏକଥା କେହି ଭୁଲି ନଥିବେ। ତେଣୁ ତାଙ୍କଠାରୁ ଅଧିକ କିଛି ଆଶା କରାଯାଇନପାରେ। ଭାରତରେ ଜାତିଭେଦର ଇତହାସ ଏବଂ ପ୍ରଭାବ ସମ୍ପର୍କରେ ଏଠାରେ ଆଲୋଚନା ବା ତର୍ଜମା କରାଯିବାର ସୁଯୋଗ ନାହିଁ। କିନ୍ତୁ ଡିଏମକେ ଆଜି ସନାତନ ଧର୍ମ ସମ୍ପର୍କରେ ଯାହା କହୁଛି, ସେଭଳି ମନ୍ତବ୍ୟ ଇସଲାମ ବା ଖ୍ରୀଷ୍ଟିଆନ ଧର୍ମ ବିରୋଧରେ କହିପରିବ କି ?

## ବିଗିଡି ଯାଉଛି ପିଲାଦିନ

॥ ଜୟନ୍ତୀ ପଣ୍ଡା ॥

"ଚାପଗ୍ରସ୍ତ ହେଉଛନ୍ତି ପିଲାମାନେ : ପିଲାମାନେ ଯେ ଚାପଗ୍ରସ୍ତ ହୋଇପାରନ୍ତି ସେ ନେଇ ଅନେକଙ୍କର ଧାରଣା ନଥାଏ। ସମସ୍ତେ ଭାବନ୍ତି କେବଳ ବଡ଼ମାନଙ୍କର ହିଁ ଦୁନିଆ ଯାକର ଟେନ୍ସନ ଅଛି। କିନ୍ତୁ ଏବେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କର କହିବା ଅନୁଯାୟୀ ବଡ଼ମାନଙ୍କ ପରି ଛୋଟପିଲା, କିଶୋର, ତରୁଣମାନେ ମଧ୍ୟ ଚାପଗ୍ରସ୍ତ ହୁଅନ୍ତି। ଏହା ଏକ ଶାରୀରିକ ସମସ୍ୟା ହୋଇନଥିବାରୁ ସହଜରେ ସମସ୍ତଙ୍କ ନଜରରେ ପଡ଼େନାହିଁ। ଏହା ହିଁ ଏହି ମାନସିକ ସମସ୍ୟାକୁ ଆହୁରି ଉତ୍କଟ କରିଦିଏ। ଗତ କେଇ ଦଶକ ପୂର୍ବରୁ ଏହା ଆଦୌ ଜଣାନଥିଲା।

ବର୍ତ୍ତମାନ ସମୟକୁ ଦେଖିଲେ ଅନେକଙ୍କ ଭିତରେ ସେମାନଙ୍କର ନିଜର ହୁଅନ୍ତୁ ବା ପରିଚିତ ପିଲାଟିର ପାଠପଢ଼ା ଜନିତ ସମସ୍ୟାକୁ ନେଇ ଅନେକ ଘଟଣା, ସତ୍ୟନିଷ୍ଠ କାହାଣୀ ଓ ଅଙ୍ଗେନିଭା ଅନୁଭୂତି ରହିଛି। ଏ ନେଇ ଅନେକ ସମୟରେ କେତେକ ଦୁଃଖଦ ପରିସ୍ଥିତିକୁ ମଧ ଅନେକ ସାମ୍ନା କରିଥାନ୍ତି। ବାସ୍ତବକଥା ହେଉଛି ପିଲାଦିନଟି ସତରେ କ'ଣ ବିଗିଡ଼ି ଯାଇଛି ? ଅନେକ ଏହି କଥା ସହିତ ସହମତ ହୋଇପାରନ୍ତି ଆଉ ଅସହମତ ବି। ଆସନ୍ତୁ ଗୋଟିଏ ଛୋଟିଆ ଆଲୋଚନା କରିବା। ଅନେକ ସମୟରେ ଦେଖାଯାଏ ବିଦ୍ୟାଳୟରେ ଭଲପିଲା ତଥାକଥିତ ଖରାପ ପିଲାଙ୍କୁ ନେଇ ନାନା ଆଲୋଚନା ହୁଏ। ଏହା ଭିତରେ ଅଧ୍ୟାପକ/ଅଧ୍ୟାପିକାମାନେ ବଦମାସ ପିଲା, ସେମାନଙ୍କ ଅଭିଭାବକ ଓ ସ୍କୁଲ ମ୍ୟାନେଜମେଣ୍ଟ ମଧ୍ୟରେ ଫୁଟବଲ ପାଲଟୁଛନ୍ତି। ଛାତ୍ରଛାତ୍ରୀଙ୍କ ପର୍ଫମାନ୍ସର ଦାୟିତ୍ୱ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଉପରେ ଲଦି ଦିଅନ୍ତି ସ୍କୁଲ ପ୍ରଶାସନ। କିନ୍ତୁ ଏପଟେ ଯଦି ପାଠ ପଢୁନଥିବା କିମ୍ବା ବଦମାସି କରୁଥିବା ପିଲାଙ୍କୁ ଶିକ୍ଷକ/ଶିକ୍ଷୟିତ୍ରୀ ଗାଳି ବି ଦିଅନ୍ତି ତେବେ ଆଉ ଏକ ସମସ୍ୟା ଆରମ୍ଭ ହୋଇଯାଏ। କିଛି ପିଲାଙ୍କ ପାଇଁ ସାରା ଶ୍ରେଣୀର ପିଲା ହଇରାଣ ହୁଅନ୍ତି ମାତ୍ର ସେମାନଙ୍କୁ କେବଳ ଚେତାବନୀ ଦେବା ବ୍ୟତୀତ ଆଉ କିଛି କରିହୁଏନି। ମ୍ୟାନେଜମେଣ୍ଟ ଓ ଅଭିଭାବକଙ୍କ ପାଖରେ ଅଭିଯୋଗ କଲେ କୌଣସି ସକାରାତ୍ମକ ପରିଣାମ ଆସେନି। ଫଳରେ ବାଳୁଙ୍ଗା ପିଲାମାନେ ଧୀରେ ଧୀରେ ବଦମାସ ପିଲା ପାଲଟନ୍ତି, ଯାହା ଇଛା କରନ୍ତି।

ଏ ଅବସ୍ଥା କ'ଣ ପାଇଁ : ବିଶେଷଜ୍ଞମାନଙ୍କ ମତ ଛାତ୍ରଛାତ୍ରୀମାନଙ୍କର ଏହି ପାଠ୍ୟଖସଡ଼ା ପାଇଁ ମୁଖ୍ୟ ଦାୟୀ ହେଉଛି ଶିକ୍ଷାର ବ୍ୟବସାୟୀକରଣ। ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକର ଅବସ୍ଥା ଖରାପ ହେବା ଯୋଗୁଁ ଛତୁ ଫୁଟିବା ପରି ଘରୋଇ ସ୍କୁଲ ଖୋଲୁଛି। ଏସବୁ ସ୍କୁଲର ଏକମାତ୍ର ଉଦ୍ଦେଶ୍ୟ ଅର୍ଥ। ତେଣୁ ଅଭିଭାବକଙ୍କ ପାଖରେ ଅର୍ଥ ଥିଲେ ପାଠପଢ଼ାରେ ଦୁର୍ବଳ ପିଲା ମଧ ସହଜରେ ଦାମୀ ନାମୀ ସ୍କୁଲରେ ନାମ ଲେଖାଇ ପାରୁଛନ୍ତି ମୋଟା ଡୋନେସନ ଦ୍ୱାରା। ଯେଉଁ ପିଲାଙ୍କର ପାଠପଢ଼ାରେ ଇଚ୍ଛା ନାହିଁ ସେମାନେ ନାମୀଦାମୀ ସ୍କୁଲରେ ପହଞ୍ଚିଯିବା ପରେ କେବଳ ସମୟ କାଟନ୍ତି ଓ ଏହି କାରଣରୁ ଛୋଟମୋଟ ବଦମାସୀ ଆରମ୍ଭ ହୁଏ। ଏହାର କୁପରିଣାମ ଭୋଗନ୍ତି ସହପାଠୀ/ସହପାଠିନୀ ଓ ଶିକ୍ଷକମାନେ। ସ୍କୁଲ ପ୍ରଶାସନର ଅର୍ଥ ଲିପ୍ସା ନିରୀହ ପିଲା ଓ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପାଇଁ ସମସ୍ୟା ହୋଇଯାଏ। ଆଇନ୍ ଶିକ୍ଷକଙ୍କ ହାତ ବାନ୍ଧି ଦେଇଛି। ପିଲାଙ୍କୁ ଆକଟ କରି ଗାଳି ଦେଲେ, ମାନସିକ ନିର୍ଯାତନା ଦେବା ପରି ଅଭିଯୋଗ ହେବାର ଭୟ ରହୁଛି। ଅଭିଭାବକଙ୍କ ଜିଦ୍ ପିଲାଏ ଯେ କୌଣସି ମତେ ପଢ଼ିବେ। ତେଣୁ ପାଠ ହେଉ ନା ନହେଉ ପିଲା ଦାମୀ ସ୍କୁଲରେ ପଢ଼ିବେ। ଏ ପରମ୍ପରା ଉତ୍ତର ଭାରତରେ ଅଧିକ। ଅନ୍ୟପକ୍ଷରେ ଅଧିକାଂଶ ଅଭିଭାବକ ନିଜ ନିଜ କାମରେ ଏତେ ବ୍ୟସ୍ତ ଯେ ପିଲାଙ୍କ ପାଇଁ ସେମାନଙ୍କ ପାଖରେ ସମୟ ନାହିଁ। ତେଣୁ ଶିକ୍ଷକଙ୍କର ଅଭିଯୋଗ ପ୍ରତି ମଧ ସେମାନେ ନଜର ଦେଇପାରନ୍ତି ନାହିଁ। ଏହି ଉଦାସୀନତା ସେମାନଙ୍କ ପିଲା ପାଇଁ ତ ଖରାପ କିନ୍ତୁ ଏଥିସହ ଅନ୍ୟ ପିଲାମାନେ ମଧ ସେଥିପାଇଁ କଷ୍ଟ ପାଆନ୍ତି। ଭାରତରେ ମାନସିକ ସ୍ୱାସ୍ଥ୍ୟକୁ ନେଇ ଶିକ୍ଷିତ ଲୋକମାନେ ବି ସଚେତନ ନୁହନ୍ତି। ପିଲାର ବ୍ୟବହାରରେ ପରିବର୍ତ୍ତନକୁ ସେମାନେ ସ୍ୱାଭାବିକ ଭାବରେ ନିଅନ୍ତି। ଯେ ପର୍ଯ୍ୟନ୍ତ ପିଲା କିଛି ବଡ଼ ଭୁଲ କାମ ନକରେ ସେ ପର୍ଯ୍ୟନ୍ତ ସେସବୁ ପ୍ରତି କେହି ନଜର ଦିଅନ୍ତି ନାହିଁ।

ଅନୁଷ୍ଠାନ ଓ ଅଭିଭାବକ, ଉଭୟେ ଦୋଷୀ - ବିଶେଷଜ୍ଞମାନଙ୍କ ମତ ଆଜିକାଲି ପିଲାମାନେ ବଦମାସୀ ଆଡ଼କୁ ମୁହାଁଇବା ପଛରେ ଅଭିଭାବକ ଓ ଅନୁଷ୍ଠାନ ଉଭୟେ ମୁଖ୍ୟ ଦୋଷୀ। ପିତାମାତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ ପିଲା ଯେତେବେଳେ ଜାଣିବା ମତେ ଅନୁଶାସନରେ ରହିବାକୁ ହେବ ତେବେ ତାର ବ୍ୟବହାର ନିୟନ୍ତ୍ରିତ ହେବ। କିନ୍ତୁ କିଛି ଅଭିଭାବକ ଅର୍ଥ ଓ କ୍ଷମତାର ଦମ୍ଭରେ ପିଲାର ବର୍ତ୍ତମାନ ଓ ଭବିଷ୍ୟତକୁ ଭୁଲିଯାଆନ୍ତି। ଅହଙ୍କାରୀ ପିତାମାତାଙ୍କ ପିଲାମାନେ ସ୍କୁଲରେ ଅନ୍ୟମାନଙ୍କୁ ହଇରାଣ ହରକତ କରିବାରେ ସବୁଠୁ ଆଗୁଆ ବୋଲି ଜଣାପଡ଼ିଛି। ଅନେକ ସମୟରେ ପିଲାମାନେ ନିଜେ ମଧ ଜାଣନ୍ତି ନାହିଁ, ସେମାନଙ୍କ କାର୍ଯ୍ୟକଳାପ ଅନ୍ୟକୁ କଷ୍ଟ ଦେଉଛି। ଏହା ଜଣାଇବାର ଦାୟିତ୍ୱ ପିତାମାତାଙ୍କର। ନାମୀ ଦାମୀ ପ୍ରଫେସନାଲ କଲେଜଗୁଡ଼ିକ ପାଠ କିଣାବିକାର ମୁଖ୍ୟ କେନ୍ଦ୍ର। ଅନୁଷ୍ଠାନର ଲକ୍ଷ୍ୟ ଥାଏ ଅଧିକ ପିଲା ଆସିଲେ ଅଧିକ ଅର୍ଥ ଆସିବ। ଅଧିକ ଅର୍ଥ ପାଇଁ ଆବଶ୍ୟକ ଭଲ ରେଜଲ୍ଟ। ପିଲା ପାଠ ନପଢ଼ିଲେ ବି କେମିତି ଭଲ ରେଜଲ୍ଟ କରିପାରିବ ସେ ନେଇ ବିଭିନ୍ନ ଉପାୟ ଅବଲମ୍ବନ କରିବାକୁ ଚାହାନ୍ତି ସେମାନେ। ସେମିତି ପ୍ରଚୁର ଅର୍ଥ ଥିବା ପିତାମାତା ପିଲାର ଇଚ୍ଛା ଥାଉ ବା ନଥାଉ ଦାମୀ କଲେଜରେ ନିଜ ମନମୁତାବକ ପାଠ୍ୟକ୍ରମରେ ନାମ ଲେଖାଇ ଦିଅନ୍ତି। ପିଲାର କିନ୍ତୁ ସେ ପାଠ ବ୍ୟତୀତ ଅନ୍ୟ କେଉଁ ବିଷୟରେ ଆଗ୍ରହ ଥାଏ। ଏ କ୍ଷେତ୍ରରେ ତାର ସମସ୍ତ ଆଗ୍ରହ ନକାରାତ୍ମକ କ୍ଷେତ୍ରକୁ ଚାଲିଯାଏ। ତେଣୁ ଯେ ପର୍ଯ୍ୟନ୍ତ ଅର୍ଥ ହିଁ ସବୁକିଛିର ମନୋଭାବ ଉଭୟ ଶିକ୍ଷାନୁଷ୍ଠାନ ଓ ପିତାମାତା ତ୍ୟାଗ ନକରିଛନ୍ତି ସେ ପର୍ଯ୍ୟନ୍ତ ଏ ସମସ୍ୟାର ସମାଧାନ ନାହିଁ।

ଚାପଗ୍ରସ୍ତ ହେଉଛନ୍ତି ପିଲାମାନେ : ପିଲାମାନେ ଯେ ଚାପଗ୍ରସ୍ତ ହୋଇପାରନ୍ତି ସେ ନେଇ ଅନେକଙ୍କର ଧାରଣା ନଥାଏ। ସମସ୍ତେ ଭାବନ୍ତି କେବଳ ବଡ଼ମାନଙ୍କର ହିଁ ଦୁନିଆ ଯାକର ଟେନ୍ସନ ଅଛି। କିନ୍ତୁ ଏବେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କର କହିବା ଅନୁଯାୟୀ ବଡ଼ମାନଙ୍କ ପରି ଛୋଟପିଲା, କିଶୋର, ତରୁଣମାନେ ମଧ ଚାପଗ୍ରସ୍ତ ହୁଅନ୍ତି। ଏହା ଏକ ଶାରୀରିକ ସମସ୍ୟା ହୋଇନଥିବାରୁ ସହଜରେ ସମସ୍ତଙ୍କ ନଜରରେ ପଡ଼େନାହିଁ। ଏହା ହିଁ ଏହି ମାନସିକ ସମସ୍ୟାକୁ ଆହୁରି ଉତ୍କଟ କରିଦିଏ। ଗତ କେଇ ଦଶକ ପୂର୍ବରୁ ଏହା ଆଦୌ ଜଣାନଥିଲା। ୨୦୨୨ର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁଯାୟୀ ୧୦ରୁ ୧୯ ବର୍ଷ ବୟସର ପିଲାମାନଙ୍କ ପାଇଁ ଅବସାଦ ହିଁ ମୁଖ୍ୟ ଅସୁସ୍ଥତା ଓ ଅକ୍ଷମତା ଏବଂ ଆତ୍ମହତ୍ୟା ସଡ଼କ ଦୁର୍ଘଟଣା, ଏଚ୍ଆଇଭି ପରେ ମୃତ୍ୟୁର ମୁଖ୍ୟ କାରଣ। ପିଲାଙ୍କ ଠାରେ ମାନସିକ ଅବସାଦ ସମାଜ ପାଇଁ ସବୁବେଳେ ଏକ ବଡ଼ ସମସ୍ୟା। ଏପରିକି ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ପାଇଁ ମଧ ଏହା ଏକ କଷ୍ଟକର ଅଧ୍ୟାୟ। ଅଧିକାଂଶ ଚିକିତ୍ସକ ପିଲାଙ୍କ ଠାରେ ଅବସାଦ ଆସିପାରେ ତାହା ମଧ ବିଶ୍ୱାସ କରିବାକୁ ପ୍ରସ୍ତୁତ ନୁହନ୍ତି କାରଣ ଅବସାଦ ଗ୍ରସ୍ତ ହେବା ପରି ମାନସିକ ପରିପକ୍ୱତା ପିଲାଙ୍କ ଠାରେ ଥାଇପାରେ ବୋଲି ସେମାନେ ସନ୍ଦେହ କରନ୍ତି। କାରଣ ଅବସାଦ ଗ୍ରସ୍ତ ହେଲେ ପିଲାଙ୍କ ଠାରେ ଯେଉଁ ପରିବର୍ତ୍ତନ ଦେଖାଦିଏ ତାହାକୁ ଅନେକେ ବୟୋବୃଦ୍ଧ ଜନିତ ବ୍ୟବହାରିକ ପରିବର୍ତ୍ତନ ବୋଲି ମନେ କରନ୍ତି। ଏ ପରିପ୍ରେକ୍ଷୀରେ ଜାତିସଂଘ ରିପୋର୍ଟ ସମସ୍ତଙ୍କ ଆଖି ଖୋଲି ଦେଇଛି। ଅବସାଦର ସାମାଜିକ ସହ ଜୈବିକ ଓ ବଂଶାନୁକ୍ରମିକ କାରଣ ରହିଛି। ଯେଉଁ ପିଲାମାନଙ୍କ ପରିବାରରେ ଅବସାଦର ଇତିହାସ ଅଛି ସେମାନେ ଅନ୍ୟ ପିଲାଙ୍କ ତୁଳନାରେ ଶୀଘ୍ର ଅବସାଦ ଗ୍ରସ୍ତ ହୁଅନ୍ତି। ଅବସାଦ ସବୁବେଳେ ମସ୍ତିଷ୍କର ସମସ୍ୟା ନୁହେଁ। ପରିବାର ଓ ସମାଜ ସହ ଯୋଗାଯୋଗର ଅଭାବ ମଧ ଏ ସମସ୍ୟାର କାରଣ ହୋଇଥାଏ। ଅବସାଦଗ୍ରସ୍ତ ପିଲା ଶବ୍ଦରେ ନିଜର ଯନ୍ତ୍ରଣା ବୟାନ କରିପାରନ୍ତି ନାହିଁ। ମାତ୍ର ଏହା ସେମାନଙ୍କ ଶାରୀରିକ ଯନ୍ତ୍ରଣା ଦ୍ୱାରା ପରିସ୍ଫୁଟ ହୋଇଥାଏ। ଅବସାଦ ଗ୍ରସ୍ତ ପିଲା, ପେଟ ଯନ୍ତ୍ରଣା, ମୁଣ୍ଡବିନ୍ଧା, କାନବିନ୍ଧା, ଛାତିବିନ୍ଧାର ଶିକାର ହୁଅନ୍ତୁ। ଶାରୀରିକ ଭାବରେ ଏ ସମସ୍ୟାର କିଛି କାରଣ ନଥାଏ କିନ୍ତୁ ଅବସାଦ ଯୋଗୁଁ ଏହି ଚାପ ରୁହେ। ଅନେକ ସମୟରେ ଏହା ସ୍ଥାୟୀ ଶାରୀରିକ ସମସ୍ୟା ପାଲଟି ଯାଏ। ଏଭଳି ପିଲାଙ୍କର ସାମାଜିକ ଓ ସ୍କୁଲ ପରିବେଶରେ ସମସ୍ୟା ଦେଖାଯାଏ। ପାଠପଢ଼ାରେ ଅବନତି ହେବା ସହ ଘରେ ସାଙ୍ଗସାଥୀଙ୍କ ସହ ଖେଳିବା, ନିଜର ପ୍ରିୟ ଅଭ୍ୟାସଗୁଡ଼ିକରେ ଆଗ୍ରହ ନରହିବା, ବାପା-ମା କିମ୍ବା ଭାଇଭଉଣୀଙ୍କ ସହ କଥାବାର୍ତ୍ତାର ଆଗ୍ରହ ନରହିବା ଅବସାଦର ଲକ୍ଷଣ। ଏପରିକି କିଛି ପିଲା ଶୀଘ୍ର ଉତ୍କ୍ଷିପ୍ତ ଓ ଉଗ୍ର ହୋଇଯାଆନ୍ତି। କିନ୍ତୁ ଅନେକ ସମୟରେ ଏ ସମସ୍ୟା ଚିହ୍ନିବା ସମ୍ଭବ ହେଉନଥିବାରୁ କିମ୍ବା ପରିବାର ଓ ଶିକ୍ଷକ ଶିକ୍ଷୟିତ୍ରୀ ଏ ନେଇ ସଚେତନ ନଥିବାରୁ ସମସ୍ୟା ଉତ୍କଟ ହୋଇ ଅନେକ ସମୟରେ ଅବସାଦଗ୍ରସ୍ତ ଶିଶୁକୁ ମାନସିକ ରୋଗୀରେ ପରିଣତ କରିଦିଏ। ଅବସାଦଗ୍ରସ୍ତ ଶିଶୁଙ୍କ ଚିକିତ୍ସା ପାଇଁ ଯେ ସବୁବେଳେ ଔଷଧ ଆବଶ୍ୟକ ତା ନୁହେଁ। ଯଦି ପିଲା ଖୁବ୍ ଛୋଟ ଅବସାଦ ଖୁବ କମ, ଚାପ ସୃଷ୍ଟି କରୁଥିବା ପରିବେଶ ପ୍ରତି ପ୍ରତିକ୍ରିୟାଶୀଳ ଏବଂ ପରିବାରରେ ଅବସାଦର ଇତିହାସ ନାହିଁ ତେବେ ବିନା ଔଷଧରେ କିଛି ସାଇକୋଥେରାପି କୌଶଳ ଦ୍ୱାରା ଆରୋଗ୍ୟ ହେବାର ସମ୍ଭାବନା ଅଧିକ। ତେବେ ଯେଉଁ ଅବସାଦ ମଧ୍ୟାବସ୍ଥା କିମ୍ବା ଉତ୍କଟ ସ୍ତରରେ ପହଞ୍ଚିଯାଏ ସେଠାରେ ସାଇକୋଥେରାପି ସହ ଔଷଧର ଆବଶ୍ୟକତା ଦେଖାଦିଏ। କିନ୍ତୁ ଦୁଃଖର କଥା ମାତ୍ର ୨୦ ପ୍ରତିଶତ ଅବସାଦଗ୍ରସ୍ତ ପିଲା ଉପଯୁକ୍ତ ଚିକିତ୍ସା ପାଇପାରନ୍ତି। ବିଶେଷଜ୍ଞମାନଙ୍କ ମତ ମାନସିକ ଅବସାଦ କିମ୍ବା ମାନସିକ ସମସ୍ୟା ପାଇଁ ଔଷଧ ଅଛି, ମନସ୍ତତ୍ତ୍ୱବିତ୍, ମାନସିକ ରୋଗୀ ବିଶେଷଜ୍ଞ ଅଛନ୍ତି। ତେବେ ପିଲା ପାଇଁ ସବୁଠାରୁ ଭଲ ଡାକ୍ତର ହେଉଛନ୍ତି ତାର ପିତାମାତା। ସେମାନେ ହିଁ ପ୍ରଥମେ ତାର ଚାପକୁ ବୁଝିବାକୁ ସମର୍ଥ। ତେଣୁ ପିତାମାତା ସିଧାସଳଖ ପିଲାକୁ ତାର ପରିବର୍ତ୍ତନର କାରଣ ପଚାରିପାରିବେ ଖୁବ୍ ବନ୍ଧୁତ୍ୱପୂର୍ଣ୍ଣ ଭାବରେ। ଏହାଦ୍ୱାରା ପିଲା ବି ବୁଝିବ ସେମାନେ ମୋ ପାଇଁ ବ୍ୟସ୍ତ ମତେ ଭଲପାଆନ୍ତି ବା ମୋର ଭଲ କରିବାକୁ ଚାହାନ୍ତି। ତା ମନରୁ ଭୟ ଦୂର ହେବ ଏବଂ ସେ ମନର ଦୁଃଖ, ବ୍ୟସ୍ତତା ଓ ଆଶଙ୍କାକୁ ବାପା-ମାଙ୍କ ଆଗରେ ଖୋଲି କହିପାରିବ। ପିଲାର ବନ୍ଧୁ ହେବା ଦ୍ୱାରା ତାର ହଜିଯାଇଥିବା ପିଲାଦିନକୁ ସେ ଯେ ନିଶ୍ଚିନ୍ତ ଫେରିପାଇବ ଏହାକୁ ସମସ୍ତେ ମନେରଖିବା ଉଚିତ। କେବଳ ଏହାପାଇଁ ଶ୍ରଦ୍ଧା, ପ୍ରେମ, ଆବେଗ ଓ ଭଲପାଇବାର ବନ୍ଧୁତ୍ୱ ଦରକାର।

ଏସଆରଏସ ରେସିଡେନ୍ସି, ପି-୯, ୧୭ଏ,
ସେକ୍ଟର-୮୮, ଫରିଦାବାଦ, ହରିଆନା

## ବାର୍ଦ୍ଧକ୍ୟର ଗତିରୋଧ

॥ ପ୍ରଫୁଲ୍ଲ କୁମାର ଦାସ ॥

ଚଳିତ ଚର୍ମ, ହ୍ରାସ ପାଉଥିବା ସ୍ମୃତି ଶକ୍ତି, କର୍କଟ ଓ ହୃଦରୋଗର ଭୟ ସହ ବାର୍ଦ୍ଧକ୍ୟର ସ୍ପର୍ଶ ଆମ ସମସ୍ତଙ୍କ ଜୀବନରେ ଅବସମ୍ଭାବୀ। ଯେଉଁଥିରୁ ବର୍ତ୍ତିବା ଅସମ୍ଭବ ନିଶ୍ଚୟ। ତଥାପି ହଜାର ହଜାର ବର୍ଷ ଧରି ମାନବ ଚେଷ୍ଟା କରି ଆସୁଛି ଏହି ବାର୍ଦ୍ଧକ୍ୟକୁ ଦୂରେଇ ରଖିବା ପାଇଁ। ଆମ ଦୈନନ୍ଦିନ ଜୀବନର ଆହାରର ମାତ୍ରାଧିକ ପ୍ରଭାବ ବାର୍ଦ୍ଧକ୍ୟର ଆଗମନ ଉପରେ ପ୍ରଭାବ ରଖିଛି ବୋଲି ଗବେଷଣାରୁ ଜଣାପଡ଼ିଛି। ଜଣେ ବୟସ୍କ ବ୍ୟକ୍ତି ନିଜ ଦୈନନ୍ଦିନ ଆହାରରେ ବାର୍ଦ୍ଧକ୍ୟର ପ୍ରଭାବକୁ କିଛିଟା ପ୍ରତିହତ କରିପାରିବ ବୋଲି ଗବେଷକମାନେ ମତ ଦେବା ଆରମ୍ଭ କଲେଣି। ଆମ ଖାଦ୍ୟରେ ଥିବା ପୃଷ୍ଟିସାର ବା ପ୍ରୋଟିନ ଆମ ମଧ୍ୟରେ ବୃଦ୍ଧାବସ୍ଥାର ସଙ୍କେତ ଗୁଡ଼ିକୁ ଆଣିବାରେ ସହାୟକ ହୋଇଥାଏ ବୋଲି କିଛି ଦିନ ତଳେ କୋଲକାତା ବିଶ୍ୱବିଦ୍ୟାଳୟର ଜନୈକ ବାୟୋକେମେଷ୍ଟ୍ରି ବିଭାଗର ପ୍ରଫେସର ମ୍ରିଣାଳକାନ୍ତି ପୋଦ୍ଦାର ନିଜ ଗବେଷଣାରୁ ଜାଣିପାରିଛନ୍ତି। ଏହି ଖବର ନିକଟରେ ଇଣ୍ଟରନେଟରେ ସବିଶେଷ ସୂଚୀତ ହୋଇଛି। ପୋଦ୍ଦାର ହେଉଛନ୍ତି ପ୍ରଥମ ବୈଜ୍ଞାନିକ ଯିଏ ହେଉଛନ୍ତି ଆମ ଖାଦ୍ୟରେ ଥିବା ପ୍ରୋଟିନ, ଆମ ହରମୋନ, ସ୍ନାୟୁତନ୍ତୁ ତଥା ରୋଗପ୍ରତିରୋଧକ ଶକ୍ତି ମଧ୍ୟରେ ଥିବା ନିବିଡ଼ ଗୂଢ଼ ସମ୍ପର୍କକୁ ସୂଚାଇ ପାରିଛନ୍ତି ବୈଜ୍ଞାନିକ ଭିତ୍ତିରେ। ତାଙ୍କ ଗବେଷଣାରଲବ୍ଧ ତଥ୍ୟ ସୂଚୀତ କରୁଛି କି ଯେ ଖାଦ୍ୟରେ ଅତ୍ୟଧିକ ପ୍ରୋଟିନର ଅବସ୍ଥିତି ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକର ଦ୍ରୁତ ଆଗମନରେ ସହାୟକ ହୁଏ। ଜୀବିତ ପ୍ରାଣୀମାନଙ୍କ ଦେହ ଉପରେ ପ୍ରୋଟିନର ପ୍ରଭାବ ବିଚିତ୍ର। ପରୀକ୍ଷାରୁ ଜଣାପଡ଼ିଛି ଖାଦ୍ୟରେ ଅଧିକ ପରିମାଣର ପ୍ରୋଟିନ ତରୁଣ ମୂଷା ମାନଙ୍କ ରୋଗପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ କିନ୍ତୁ ବୟସ୍କ ମୂଷା ମାନଙ୍କ କ୍ଷେତ୍ରରେ ଆହାରରେ ଅଧିକ ପରିମାଣର ପ୍ରୋଟିନ ରୋଗପ୍ରତିରୋଧକ ଶକ୍ତିକୁ ହ୍ରାସ କରାଏ। କିଛି ମୂଷାଙ୍କୁ ଅଲଗା ଅଲଗା ଭାବରେ ମାତ୍ରାଧିକ ପ୍ରୋଟିନ, ସନ୍ତୁଳିତ ପ୍ରୋଟିନ ଓ ଅଳ୍ପ ପ୍ରୋଟିନ ସମ୍ବଳିତ ଖାଦ୍ୟ ଦେଇ କିଛି ଦିନ ରଖାଯାଇଥିଲା। ତାହାପରେ ସେ ମୂଷା ମାନଙ୍କ ଦେହରେ ଥିବା କର୍ଟିକଷ୍ଟେରୋନ ନାମକ ଆଡ୍ରେନାଲ ହରମୋନର ମାତ୍ରାକୁ ଅନୁଧାନ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସ୍ତନ୍ୟପାୟୀ ପ୍ରାଣୀ ମାନଙ୍କ କ୍ଷେତ୍ରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ଦେହରେ କର୍ଟିକଷ୍ଟେରୋନର ମାତ୍ରା ହ୍ରାସ ପାଏ ଓ ରୋଗ ପ୍ରତିରୋଧକ ଶକ୍ତି କମ ଥିବା ଅବସ୍ଥାରେ ଦେହରେ ଏହି ହରମୋନର ମାତ୍ରା ବୃଦ୍ଧି ପାଏ। ଅନୁଧାନରୁ ଜଣାପଡ଼ିଲା ଯେ ଅଧିକ ପ୍ରୋଟିନ ଖାଉଥିବା ବୟସ୍କ ମୂଷାମାନଙ୍କ ଦେହରେ କର୍ଟିକଷ୍ଟେରୋନର ମାତ୍ରା ଥିଲା ସର୍ବାଧିକ। ପୋଦ୍ଦାର କହିଛନ୍ତି ଦେହର କର୍ଟିକଷ୍ଟୋରୋନ ମାତ୍ରା ମସ୍ତିଷ୍କରେ ହେଉଥିବା ପରିବର୍ତ୍ତନକୁ ମଧ ଦର୍ଶାଏ। କର୍ଟିକଷ୍ଟେରୋନର କ୍ଷରଣକୁ ମସ୍ତିଷ୍କର ହାଇପୋଥାଲାମସ ନିୟନ୍ତ୍ରର କରେ। ମାନସିକ ଚାପ ଓ ପରିଶ୍ରମ ବୃଦ୍ଧି ପାଇଲେ ହାଇପୋଥାଲାମସ ମସ୍ତିଷ୍କରେ ଅବସ୍ଥିତ ପିଟ୍ୟୁଟାରି ଗ୍ଲାଣ୍ଡକୁ ଏକ ବିଶେଷ ପ୍ରକାରର ହରମୋନ କ୍ଷରଣ କରିବାକୁ ନିର୍ଦ୍ଦେଶ ଦିଏ ଯାହା ଆମର ଆଡ୍ରେନାଲ ଗ୍ରନ୍ଥିକୁ ପ୍ରଭାବିତ କରେ। ଏହାପରେ ଆଡ୍ରେନାଲ ଗ୍ରନ୍ଥି କର୍ଟିକଷ୍ଟେରୋନ କ୍ଷରଣ କରିବା ଆରମ୍ଭ କରିଦିଏ। ତେଣୁ ଏହା ନିଶ୍ଚିତ ଯେ ବୟସ୍କ ଲୋକମାନେ ମାତ୍ରାଧିକ ପ୍ରୋଟିନ ଖାଇବା ଦ୍ୱାରା ନିଜର ରୋଗ ପ୍ରତିରୋଧକ ଶକ୍ତି କମାଇ ଚାଲନ୍ତି। ପ୍ରଫେସର ପୋଦ୍ଦାର ମସ୍ତିଷ୍କରେ ଥିବା ଅନ୍ୟ ଦୁଇଟି ରସାୟନ ଯଥା ଗାବା ଓ ଗ୍ଲୁଟମେଟରେ ହେଉଥିବା ପରିବର୍ତ୍ତନକୁ ମଧ ଅନୁଧାନ କରିଥିଲେ। ଏହି ଦୁଇ ରସାୟନର ପରିମାଣ ବୟସ ସହ ପରିବର୍ତ୍ତିତ ହୁଏ ଓ ଏହି ଉପାଦାନ ଗୁଡ଼ିକ ମସ୍ତିଷ୍କ ମଧ୍ୟରେ ସଂଚାର ବ୍ୟବସ୍ଥାରେ ସହାୟତା କରନ୍ତି। ସନ୍ତୁଳିତ ଆହାର ଗ୍ରହଣ କରୁଥିବା ବୟସ୍କ ମାନଙ୍କ କ୍ଷେତ୍ରରେ ମସ୍ତିଷ୍କରେ ଗୋବାର ପରିମାଣ ବୃଦ୍ଧି ପାଏ ଓ ଏହା ସହ ରୋଗ ପ୍ରତିରୋଧକ ଶକ୍ତି ମଧ ବୃଦ୍ଧି ପାଏ। ସେହିଭଳି କାମ ପ୍ରୋଟିନ ଥିବା ଖାଦ୍ୟ ବୟସ୍କ ଜୀବଜନ୍ତୁମାନଙ୍କ ମସ୍ତିଷ୍କରେ ଗ୍ଲୁଟାମେଟର କାର୍ଯ୍ୟକ୍ଷମତା ହ୍ରାସକରେ ଏବଂ ବାର୍ଦ୍ଧକ୍ୟର ସଂକେତ ଗୁଡ଼ିକୁ ଦୂରେଇବାରେ ସହାୟକ ହୁଏ। ଏଥିରୁ ଏହା ସ୍ପଷ୍ଟ ଯେ ରୋଗ ପ୍ରତିରୋଧକ ଶକ୍ତି, ସ୍ନାୟୁତନ୍ତୁ ଓ ଖାଦ୍ୟରେ ପ୍ରୋଟିନର ମାତ୍ରା ଅଙ୍ଗାଙ୍ଗୀ ଭାବେ ଜଡ଼ିତ କୁହନ୍ତି ପ୍ରଫେସର ପୋଦ୍ଦାର। ବର୍ତ୍ତମାନ ଯାଏ ସେ ଜୀବଜନ୍ତୁ ମାନଙ୍କ ଉପରେ ନିଜ ପରୀକ୍ଷା ଗୁଡ଼ିକୁ କରିଥିଲେ ମଧ ମାନବ ମାନଙ୍କ କ୍ଷେତ୍ରରେ ମଧ ଠିକ ଏକା ପ୍ରକ୍ରିୟା ଦେଖାଯିବ ବୋଲି ଦୃଢ଼ ନିଶ୍ଚିତ। ଭବିଷ୍ୟତରେ ମଣିଷଙ୍କୁ ନେଇ ସେ ଏହି ଅନୁଧାନ ମଧ କରିବା ପାଇଁ ଯାଉଛନ୍ତି। କିନ୍ତୁ ବର୍ତ୍ତମାନ ବି ପ୍ରଫେସର ପୋଦ୍ଦାର କୁହନ୍ତି, ବୟସ୍କ ଲୋକମାନେ ନିଜ ଖାଦ୍ୟରେ ପ୍ରୋଟିନର ମାତ୍ରାକୁ କମାଇ ବାର୍ଦ୍ଧକ୍ୟର ଆଗମନକୁ କିଛିଟା ଧିମେଇ ଦେଇ ପାରିବେ।

ପୁରାକାଳରେ ହୁଏତ ସେଇଥିପାଇଁ ବାନପ୍ରସ୍ଥ ଗ୍ରହଣ କରୁଥିବା ବୟସ୍କ ଲୋକମାନେ ଶାକାହାରୀ କିମ୍ବା ଫଳାହାରୀ ହେଉଥିଲେ। ପୋଦ୍ଦାରଙ୍କ ମତରେ ଆମିଷରେ ଥିବା ପ୍ରୋଟିନ ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକୁ ଉଜାଗର କରିବାରେ ଅଧିକ ସହାୟକ ହୁଏ ଏବଂ ଏହା ହୁଏତ ବୟସ୍କ ମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରାଏ। ଆମେ ଆମିଷ ଓ ନିରାମିଷ ଦୁଇଟି ଯାକ ଖାଦ୍ୟ ସ୍ରୋତରୁ ପ୍ରୋଟିନ ପାଉ। ମାଛ, ମାଂସ, ଅଣ୍ଡା, କ୍ଷୀର, ଡାଲି, ସୋୟବିନ ଇତ୍ୟାଦିରୁ ପ୍ରୋଟିନ ମିଳେ। ବିଜ୍ଞାନୀମାନଙ୍କ ମତରେ ବୟସ୍କ ମାନଙ୍କ ପାଇଁ ମାଂସ ଓ ଅଣ୍ଡା ସବୁଠାରୁ ଅଧିକ କ୍ଷତିକାରକ। ତେଣୁ ଆମିଷ ପ୍ରତି ଆକୃଷ୍ଟ ହେଉଥିବା ବୟସ୍କମାନେ ମାଂସ ଓ ଅଣ୍ଡା ସ୍ଥାନରେ ମାଛ ଖାଇବା ଉଚିତ। ମାଛରେ ଓମେଗା-ଥ୍ରୀ ଫ୍ୟାଟି ଏସିଡ଼ ଥିବା ହେତୁ ଏହା ହୃଦ୍‌ରୋଗର କାରଣ ଗୁଡ଼ିକୁ ପ୍ରତିହତ କରିବାରେ ସହାୟକ ହୁଏ ଓରୋଗ ପ୍ରତିରୋଧକ ଶକ୍ତିକୁ କିଛି ପରିମାଣରେ ବୃଦ୍ଧି କରିବାରେ ସହାୟକ ହୁଏ। କିନ୍ତୁ କମ ପ୍ରୋଟିନ ଥିବା ଅଧିକା ଶାକସବ୍‌ଜି ଯୁକ୍ତ ଆହାର ବୟସ୍କ ମାନଙ୍କ ପାଇଁ ସବୁଠାରୁ ଅନୁକୂଳ। ଆମେରିକାର ଇନଷ୍ଟିଚ୍ୟୁଟ ଅଫ ଏଜିଂ ଏଣ୍ଡ ଲଙ୍ଗଜିଭିଟିର ଗବେଷଣା ଅନୁଯାୟୀ ବାର୍ଦ୍ଧକ୍ୟ ଉପନୀତ ହେଲେ ଖାଦ୍ୟ ପ୍ରତି ସଜାଗ ନ ହେଲେ ମାନସିକ ଶକ୍ତି ହ୍ରାସ ପାଏ। ଏହି ସଂସ୍ଥାନ ବୟସ୍କ ଲୋକମାନଙ୍କୁ ନିଜ ଖାଦ୍ୟରେ ଆମିଷର ମାତ୍ରା କମାଇ ଅଧିକ ଫଳ ଓ ପରିବା ଖାଇବା ପାଇଁ ଉପଦେଶ ଦିଏ। ପ୍ରଫେସର ପୋଦ୍ଦାର ମଧ କୁହନ୍ତି ସେ ବର୍ତ୍ତମାନ ଯାଏ ମଣିଷଙ୍କୁ ନେଇ ପରୀକ୍ଷା କରିନଥିଲେ ମଧ ସ୍ନାୟୁ ଦୁର୍ବଳତା ଅନୁଭବ କରୁଥିବା ବୟସ୍କ ଲୋକମାନଙ୍କୁ ଖାଦ୍ୟରେ ପ୍ରୋଟିନର ମାତ୍ରା କମାଇବା ପାଇଁ ଉପଦେଶ ଦିଅନ୍ତି। ପୋର୍ଦ୍ଦାରଙ୍କ ଗବେଷଣା ସମ୍ପୂର୍ଣ୍ଣ ହେଲା ପରେ ହୁଏତ ସାରା ବିଶ୍ୱର ପଥ୍ୟ ବିଜ୍ଞାନୀମାନେ ବୟସ୍କ ମାନଙ୍କୁ ପ୍ରୋଟିନ ଗ୍ରହଣ କରିବା ସଂକ୍ରାନ୍ତରେ ଉପଦେଶ ଦେବେ।

କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ, ଏମ୍ଆରଆଇ କେନ୍ଦ୍ର,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୨୩୪୪୩

## ମାନବିକତା ହିଁ ପରମ ଧର୍ମ

॥ ମୌଲାନା ଫଜଲ ହକ ଖାଁ ॥

ଦୁନିଆର ବିଭିନ୍ନ ପ୍ରାନ୍ତରେ ଅନେକ ମେଳା ମହୋତ୍ସବ ଓ ସମାରୋହ ଆୟୋଜିତ ହେଉଛି । ଯେଉଁଥିରେ ଅନେକ ନେତା ବକ୍ତା ଓ ଶ୍ରୋତା ଉପସ୍ଥିତ ହେଉଛନ୍ତି । କେତେକ ସ୍ଥାନରେ ଏହା କେବଳ ଉଗ୍ର ଜାତିଆଣ ମନୋଭାବକୁ ଉଜାଗର କରିବାର ମାଧ୍ୟମ ହେଉଛି ତ ଅନ୍ୟ କେଉଁଠି ଏହାଦ୍ୱାରା କେତେକ ବ୍ୟକ୍ତି ବିଶେଷ ଅଜ୍ଞ ଜନତାଙ୍କୁ ପ୍ରତାରଣା ପୂର୍ଣ୍ଣ ଆଶ୍ୱାସନା ଦେଇ ରାଜ ନୈତିକ ଫାଇଦା ହାସଲ କରିବାରେ ସମର୍ଥ ହେଉଛନ୍ତି ଏବଂ କେତେକ ସ୍ଥାନରେ ଏହାର ଆୟୋଜନ ସରକାର ତଥା ପ୍ରଶାସନ ବିରୁଦ୍ଧରେ ଆନ୍ଦୋଳନ ସୃଷ୍ଟି କରିବାର କାରଣ ହୋଇଥାଏ ।

କିନ୍ତୁ ଅହମଦୀୟା ସମ୍ପ୍ରଦାୟର ବାର୍ଷିକ ସମ୍ମିଳନୀରେ କୌଣସି ରାଜନୈତିକ ଆଳାପ ହୁଏ ନାହିଁ କିମ୍ବା କୌଣସି ବିଦ୍ରୋହାତ୍ମକ ମତ ପୋଷଣ କରାଯାଏ ନାହିଁ । ଅନେକ ହିନ୍ଦୁ, ମୁସଲମାନ, ଶିଖ ତଥା ଖ୍ରୀଷ୍ଟ ଧର୍ମାବଲମ୍ବୀ ଏଥିରେ ଯୋଗଦେଇ ଧର୍ମ ଚର୍ଚ୍ଚା ଶୁଣିଥାଆନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକ ବିଦ୍ୱାନ ନିଜର ବକ୍ତବ୍ୟ ମଧ ପ୍ରଦାନ କରନ୍ତି । ଯଦ୍ୱାରା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠା ନିମନ୍ତେ ଏହା ପ୍ରାଣେ ପ୍ରାଣେ ଉତ୍ସାହଭରି ଦେଉଥାଏ । ଉକ୍ତ ସର୍ବଧର୍ମ ସମ୍ମିଳନୀ ଦ୍ୱାରା ଭ୍ରାତୃଭାବର ମନୋରମ ପରିବେଶ ସୃଷ୍ଟି ହୋଇଥାଏ ଏବଂ ବିଶ୍ୱଶାନ୍ତି ସ୍ଥାପନା ସହିତ ଧର୍ମ ଓ ମାନବିକତାକୁ ମିଶ୍ରିତ କରାଇ ଏକ ନୂତନ ମୁକ୍ତିପଥ ପ୍ରଦର୍ଶିତ କରାଯାଇଥାଏ ।

ଅହମଦୀୟା ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ୍ (୧୮୩୫-୧୯୦୮)ପ୍ରତ୍ୟେକ ଧର୍ମଗ୍ରନ୍ଥ ମଧ୍ୟରେ ବର୍ଣ୍ଣିତ ଭବିଷ୍ୟବାଣୀ ଅନୁଯାୟୀ ଏ ଯୁଗରେ ସ୍ୱୟଂକୁ ହିନ୍ଦୁ ଭ୍ରାତାଙ୍କ ନିମନ୍ତେ କଲ୍‌କୀ ଅବତାର, ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ନିମନ୍ତେ ମସିହ ତଥା ମୁସଲମାନମାନଙ୍କ ପାଇଁ ଇମାମ ମେହେଦୀ ହେବାର ଦାବୀ କରିଛନ୍ତି । ସେହି ମହାନ ମହାପୁରୁଷଙ୍କ ଦ୍ୱାରା ହିଁ ଆଜି ବିଶ୍ୱ ଶାନ୍ତି ସମ୍ଭବ । ତେଣୁ ତାହାଙ୍କ ଶରଣ ବିନା ଦୁନିଆରୁ ଅଶାନ୍ତି ଓ ଅରାଜକତା ଲୁପ୍ତ ହେବା ଅସମ୍ଭବ । ସେ ହେଉଛଁି ଏ ଯୁଗରେ ଶାନ୍ତି,ମୈତ୍ରୀ ଓ ପ୍ରିତିର ଅବତାର । ପରସ୍ପରର ଧର୍ମ ବିବାଦକୁ ପ୍ରତ୍ୟାହାର କରି ବିଶ୍ୱଶାନ୍ତି ପ୍ରତିଷ୍ଠା ନିମନ୍ତେ ସେ ଅନେକ ସୁନ୍ଦର ସିଦ୍ଧାନ୍ତ ବିଶ୍ୱବାସୀଙ୍କୁ ପ୍ରଦାନ କରିଛନ୍ତି ।

ସେ କୁହନ୍ତି; 'ଏହା ଅତ୍ୟନ୍ତ ସୁନ୍ଦର, ଶାନ୍ତିପ୍ରଦ ଓ ପାରସ୍ପରିକ ସଦ୍‌ଭାବର ଭିତି ସ୍ଥାପନକାରୀ ତଥା ନୈତିକ ଚିନ୍ତା ଧାରର ସମର୍ଥନକାରୀ ସିଦ୍ଧାନ୍ତ ଯେ ଆମେ ଉକ୍ତ ସମସ୍ତ ଅବତାରଙ୍କୁ ଯେଉଁମାନେ ଏହି ସଂସାର ଭିତରେ ଆବିର୍ଭୁତ ହୋଇଛନ୍ତି, ସେ ଭାରତ ବର୍ଷରେ ପ୍ରକଟ ହୋଇଥାନ୍ତୁ ବା ପାରସ୍ୟ ଅଥବା ଚୀନ କିମ୍ବା ଅନ୍ୟ କୌଣସି ଦେଶ ମଧ୍ୟରେ ଆବିର୍ଭାବ ହୋଇଥାନ୍ତି ଏବଂ ଅଲ୍ଲାଃତାଲା ତାହାଙ୍କ ସମ୍ମାନ ଓ ତାଙ୍କ ପ୍ରବର୍ତ୍ତିତ ଧର୍ମର ଶ୍ରଦ୍ଧା କୋଟି କୋଟି ହୃଦୟରେ ପ୍ରତିଷ୍ଠା କରି ଦେଇଥାନ୍ତି, ତଥା ଶତାଧିକ ବର୍ଷ ପର୍ଯ୍ୟନ୍ତ ଉକ୍ତ ଧର୍ମ ଦୁନିଆରେ ପ୍ରଚଳିତ ହୋଇଥାଉ । ସେମାନଙ୍କ ସତ୍ୟତା ସ୍ୱୀକାର କରିନେବା ହିଁ ଉକ୍ତ ସିଦ୍ଧାନ୍ତ, ଯାହା ଆମକୁ ପବିତ୍ର କରୁଆନ ଶିକ୍ଷା ଦେଉଛି । ତଦ୍‌ନୁଯାୟୀ ଆମେ ପ୍ରତ୍ୟେକ ଧର୍ମ ପ୍ରବର୍ତ୍ତକ ଯାହାଙ୍କ ଜୀବନ ଚରିତ୍ର ଉକ୍ତ ପରିଭାଷା ଅନ୍ତର୍ଗତ ହୋଇଥାଏ । ସେ ହିନ୍ଦୁ ଧର୍ମଗୁରୁ ହୋଇଥାନ୍ତୁ ବା ପାର୍ସି, ଚୀନି ଅଥବା ଯହୁଦୀ ଅବା ଖ୍ରୀଷ୍ଟ ଧର୍ମ ପ୍ରବର୍ତ୍ତକ ହୋଇଥାନ୍ତୁ , ସମସ୍ତଙ୍କୁ ଭକ୍ତିପୁତ ଶ୍ରଦ୍ଧା ଓ ଗମ୍ଭୀର ସମ୍ମାନ ଜଣାଇ ଥାଉଁ ।'

ଯଦି ଅହମଦଙ୍କ ଉପର ସିଦ୍ଧାନ୍ତ ସମଗ୍ର ଭାରତବାସୀ ତଥା ସାରା ବିଶ୍ୱବାସୀ ନିଜ ସିଦ୍ଧାନ୍ତ ରୂପେ ଗ୍ରହଣ କରିନିଅନ୍ତି, ତେବେ ଆଜିର ଅଶାନ୍ତ ମାନବ ଶାନ୍ତି, ମୈତ୍ରୀ ପୂର୍ଣ୍ଣ ଏକ ନୂଆ ସଂସାର ଗଢ଼ି ତୋଳନ୍ତା । ଅତଏବ ଉକ୍ତ ମହାପୁରୁଷଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇ ଥିବା ବାର୍ଷିକ ସର୍ବଧର୍ମ ଶାନ୍ତି ସମ୍ମିଳନୀରେ ପ୍ରତ୍ୟେକ ଭାରତୀୟ ଯୋଗ ଦେଇ ପୁନରାୟ ଏକ ନୂତନ ଶାନ୍ତିମୟ ଭାରତ ବର୍ଷ ଗଢ଼ିବା ଆବଶ୍ୟକ ।

ଚଳିତ ବର୍ଷ ୫୬ତମ ବାର୍ଷିକ ସର୍ବଧର୍ମ ଶାନ୍ତି ସମ୍ମିଳନୀ,କେରଙ୍ଗ ମେ ୧୩-୧୪ ତାରିଖ (ଶନିବାର ଓ ରବିବାର ) କେରଙ୍ଗ ଇଦ୍‌ଗାଃ ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଅଛି। ଉକ୍ତ ସମ୍ମିଳନୀରେ ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ବିଶିଷ୍ଟ ମୌଲାନା,ଧର୍ମବିତ,ବୁଦ୍ଧିଜୀବୀ ତଥା ଶିକ୍ଷାବିତ୍, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଅଂଶ ଗ୍ରହଣ କରି ସର୍ବ ଶକ୍ତିମାନ ଅଲ୍ଲାଃଙ୍କ ଅସ୍ତିତ୍ୱ,ମାନବ ଜନ୍ମର ମୁଖ୍ୟ ଉଦ୍ଦେଶ୍ୟ,ବିଶ୍ୱରେ ସ୍ଥାୟୀ ଶାନ୍ତି, ଭ୍ରାତୃଭାବ ପ୍ରତିଷ୍ଠା ପାଇଁ ଧର୍ମର ଭୂମିକା,ଇସଲାମ ଏକ ଶାନ୍ତିପୂର୍ଣ୍ଣ ଧର୍ମ, ଜେହାଦର ବାସ୍ତବିକତା,ନାରୀର ସୁରକ୍ଷା ଓ ସମ୍ମାନ,ସୁଖ ବୈବାହିକ ଜୀବନର ବାସ୍ତବିକତା,ଇସଲାମିକ ପରଦା,ସମାଜ ସୁଧାର ତଥା ଅହମଦୀୟା ମୁସଲିମ ସଂପ୍ରଦାୟ ବିଶ୍ୱକୁ କ'ଣ ଦେଲା ? କାହିଁକି ଏ ବିପ୍ରାପ୍ତ ? ସମ୍ପର୍କରେ ତାତ୍ତ୍ୱିକ ଉଦ୍‌ବୋଧନ ଦେବେ। ଏହି ସମ୍ମିଳନୀରେ ଯୋଗ ଦେଉଥିବା ଶ୍ରଦ୍ଧାଳୁ ଭକ୍ତଙ୍କ ନିମନ୍ତେ ଅହମଦୀୟା ମୁସଲିମ ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ: ପ୍ରାର୍ଥନା କରି କୁହନ୍ତି; 'ସର୍ବଶେଷରେ ମୁଁ ଦୁଆ କରୁଛି ଯେ ପ୍ରତ୍ୟେକ ବ୍ୟକ୍ତି ଯେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ପାଳିତ ଏହି ସମ୍ମିଳନୀ ନିମନ୍ତେ ଯାତ୍ରା କରନ୍ତି, ଅଲ୍ଲାଃ ସେମାନଙ୍କ ସହାୟ ହୁଅନ୍ତୁ ଏବଂ ସେମାନଙ୍କୁ ଅତୁଳନୀୟ ବଦଳା ଦିଅନ୍ତୁ ଓ ସେମାନଙ୍କ ଉପରେ ନିଜର ଅନୁକମ୍ପା ବୃଷ୍ଟି କରନ୍ତୁ ଏବଂ ସେମାନଙ୍କ ସମସ୍ତ ମନସ୍କାମନା ପୂର୍ଣ୍ଣ କରନ୍ତୁ । ଅଲ୍ଲାଃ ଏହି ଯାତ୍ରାର ସମାପ୍ତି ପର୍ଯ୍ୟନ୍ତ ସେମାନଙ୍କର ଯତ୍ନବାନ ହୁଅନ୍ତୁ।'

ମଙ୍ଗଳାବାଗ,କଟକ ମୋ:୯୬୯୨୨୨୫୦୫୭

# ଭିନ୍ନକ୍ଷମ ହିତାଧିକାରୀଙ୍କ ବର୍ଦ୍ଧିତ ଭତ୍ତା ବିତରଣ

ବଡଚଣା ( ମହାଭାରତ): ଅଦ୍ୟ ୮୦ ବର୍ଷରୁ ଉର୍ଦ୍ଧ୍ୱ ଓ ଶତକଡା ୮୦ ପ୍ରତିଶତରୁ ତଦୁର୍ଦ୍ଧ ଭିନ୍ନକ୍ଷମ ହିତାଧିକାରୀଙ୍କ ବର୍ଦ୍ଧିତ ଭତ୍ତା ୩,୫୦୦ ଟଙ୍କା ବିତରଣ ସମାରୋହ ଗୌତମ ବୁଦ୍ଧ ସଂସ୍କୃତି ଭବନ, ଯାଜପୁର ଠାରେ ଆୟୋଜିତ ହୋଇଯାଇଅଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ ସମବାୟ,ହସ୍ତତନ୍ତ,ବୟନଶିଳ୍ପ ଶ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ କହିଲେ ମଧୁବାବୁ ପେନସନ ଯୋଜନା ଏବଂ ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଅଧୀନରେ ୮୦ ବର୍ଷ କିମ୍ବା ତା ଠାରୁ ଅଧିକ ବୟସ୍କ ଭତ୍ତା ହିତାଧିକାରୀ ଏବଂ ଶତକଡା ୮୦ କିମ୍ବା ତଦୁର୍ଦ୍ଧ ଭିନ୍ନକ୍ଷମତା ଥିବା ହିତାଧିକାରୀଙ୍କୁ ପୂର୍ବରୁ ୧୨୦୦ ଟଙ୍କା ଭତ୍ତା ମିଳୁଥିଲା । ମାତ୍ର



ଏବେ ସେମାନେ ୩୫୦୦ ଟଙ୍କା ମାସିକ ଭତ୍ତା ପାଇବେ। ଯାଜପୁର ଜିଲ୍ଲାର ୮୦ ବର୍ଷ କିମ୍ବା ତା ଠାରୁ ଅଧିକ ବୟସ ବର୍ଗରେ ମୋଟ ୧୬ ହଜାର ୪୧ ଜଣ ହିତାଧିକାରୀ ଏବଂ ଶତକଡା ୮୦ ଭାଗ କିମ୍ବା ତଦୁର୍ଦ୍ଧ ଭିନ୍ନକ୍ଷମତା ଥିବା ବର୍ଗରେ ୪ ହଜାର ୧୪୮ ଜଣ ହିତାଧିକାରୀ ଉପକୃତ ହେବେ। ଜିଲ୍ଲାରେ ମୋଟ ୨୦ ହଜାର ୧୮୯ ଜଣ ଉପକୃତ ହେଉଥିବା ବେଳେ ରାଜ୍ୟରେ ୪ ଲକ୍ଷ ୧୭ ହଜାର ୪୯୬ ଜଣ ହିତାଧିକାରୀ ଉପକୃତ ହେବେ। ଏହା ବୟସ୍କ ଓ ଦିବ୍ୟାଙ୍ଗମାନଙ୍କ ପ୍ରତି ଆମର ସେବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ନୂତନ ବର୍ଦ୍ଧିତ ଭତ୍ତା ପ୍ରଦାନ ନିଷ୍ପତି ସରକାରଙ୍କ ବୟସ୍କ ଓ ଦିବ୍ୟାଙ୍ଗମାନଙ୍କ ପ୍ରତି ସମ୍ବେଦନଶୀଳତାର ପ୍ରମାଣ। ଏହା ସେମାନଙ୍କୁ ଆର୍ଥିକଭାବେ ସଶକ୍ତ କରିବ । ତେଣୁ ସାମାଜିକ ନିରାପତ୍ତା ସୁନିଶ୍ଚିତ ହେବ। ଆମେ ଏପରି ଏକ ସମାଜ ଗଠନ କରିବାକୁ ଚେଷ୍ଟା କରୁଛୁ ଯେଉଁଠାରେ ସବୁ ବର୍ଗର ବ୍ୟକ୍ତି ନିଜକୁ ସଶକ୍ତ ଅନୁଭବ କରିବେ ।

# ୧୧ ଜଣ ମାନସିକ ଭିନ୍ନକ୍ଷମଙ୍କୁ ଥଇଥାନ କଲା ବ୍ୟାସ ଫାଉଣ୍ଡେସନ




ପାରାଦୀପ (ମହାଭାରତ): ମକର ସଂକ୍ରାନ୍ତି ର ପବିତ୍ର ମୁହୂର୍ତ୍ତ କୁ ଅଧିକ ସ୍ମରଣୀୟ କରିବା ପାଇଁ ବ୍ୟାସ ଫାଉଣ୍ଡେସନ ର କର୍ମକର୍ତ୍ତା ମାନେ ସେମାନଙ୍କର ମାନବ ସେବା ହି ମାଧବ ସେବା ମନବୃତ୍ତି କୁ ସଫଳ କରି ପାରିଛନ୍ତି। ଫାଉଣ୍ଡେସନ ର ଅଧକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ,ସଭାପତି ପଣ୍ଡିତ ଡ଼ ଃ ସି ଦ୍ଧେଶ୍ୱ ର ପଣ୍ଡା,ଉପସଭାନେତ୍ରୀ ରଶ୍ମିତା ନାୟକ,ସଭ୍ୟ ବିପିନ ମାଝୀ,ସଭ୍ୟ ସେବକ ସଂଗ୍ରାମ ନାୟକ ଙ୍କର ସମ୍ମିଳିତ ଉଦ୍ୟମ ରେ ପାରାଦୀପ କୁଜଙ୍ଗ ଅଞ୍ଚଳ ରୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ମମତା ନାୟକ ଙ୍କ ର ପତ୍ରକ୍ଷଙ୍କ ୫୮ ଆଧାର ରେ ୧୧ ଜଣ ମାନସିକ ଭିଉକ୍ଷମ ବ୍ୟକ୍ତି ବିଶେଷ ଙ୍କୁ ଉଦ୍ଧାର କରି ନୀଳାଚଳ ସେବା ପ୍ରତିଷ୍ଠାନ କଣାସ ପୁରୀ ଠାରେ ଅବସ୍ଥାପିତ କରି ପାରିଛନ୍ତି। ଏଠାରେ ସୂଚନାଥାଉକି ଯେ ବ୍ୟାସ ଫାଉଣ୍ଡେସନ ମାନସିକ ଭିଉକ୍ଷମ ବ୍ୟକ୍ତି ବିଶେଷ ଙ୍କୁ କେବଳ ଥଇଥାନ କରେ ନାହିଁ ଅପର ପକ୍ଷରେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ରେ ଉନ୍ନତି ପରେ ଅନେକ ବ୍ୟକ୍ତି ଙ୍କୁ ସୁସ୍ଥ କରାଇ ତାଙ୍କ ପରିବାର ପାଖରେ ଛାଡ଼ିପାରିଛନ୍ତି । ଗଣ୍ଡକିପୁର ଅଞ୍ଚଳ ର ୨ ଜଣ ଏବଂ ବାଲିତୁଠ ଅଞ୍ଚଳ ର ୨ ଜଣ ଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ନୀଳାଚଳ ସେବା ପ୍ରତିଷ୍ଠାନ ରୁ ସେମାନଙ୍କୁ ଆଣି ତାଙ୍କ ପରିବାର ରେ ଛାଡି ପରିବାର ରେ ହସ ଖୁସି ର ବାତାବରଣ ସୃଷ୍ଟି କରିପାରିଛନ୍ତି ଏହି ଅନୁଷ୍ଠାନ । ବ୍ୟାସ ଫାଉଣ୍ଡେସନ ର ଏଭଳି ଉତ୍ସର୍ଗୀକୃତ ସେବା ମନବୃତ୍ତି ପାଇଁ ପାରାଦୀପ ପୌରକ୍ଷଧକ୍ଷ ବସନ୍ତ କୁମାର ବିଶ୍ୱାଳ, ଶ୍ରମିକ ନେତା ପ୍ରକାଶ ତ୍ରିପାଠି,ରାକେଶ ପଟ୍ଟନାୟକ ଏବଂ ପାରାଦୀପ ର କାର୍ଯ୍ୟରତ ସାମ୍ବାଦିକ ମାନେ ଉଚ୍ଚ ପ୍ରଶଂସା କରିଛନ୍ତି । ବ୍ୟାସ ଫାଉଣ୍ଡେସନ ପକ୍ଷରୁ ମଧ ନୀଳାଚଳ ସେବା ପ୍ରତିଷ୍ଠାନ ର କର୍ମକର୍ତ୍ତା ଙ୍କ ର ଏପରି ଉତ୍ସର୍ଗୀକୃତ ସେବା ପାଇଁ ପ୍ରଶଂସା କରିବା ସହ ପ୍ରତିଷ୍ଠାନ ର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। ଫାଉଣ୍ଡେସନ ର ଅଧକ୍ଷା ଶ୍ରୀମତୀ ଆଚାର୍ଯ୍ୟ ଜିଲ୍ଲା କୁ ଅଳ୍ପ ଦିନ ହେବ ବଦଳି ହୋଇ ଆସିଥିବା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ନାୟକ ଙ୍କୁ ବ୍ୟାସ ଫାଉଣ୍ଡେସନ ର ସେବା କାର୍ଯ୍ୟ ଉପରେ ଆସ୍ଥା ପ୍ରକଟ କରିଥିବାରୁ ଫାଉଣ୍ଡେସନ ର କର୍ମକର୍ତ୍ତା ମାନେ ତାଙ୍କର ସାମଗ୍ରିକ ଉତ୍ତତି କାମନା କରିଛନ୍ତି।

# ବାଘ ଆକ୍ରମଣରେ ଦୁଇଜଣ ଆହାତ

## ପରିବାର ଲୋକେ ଆର୍ଥିକ ସହାୟତା ପାଇବା ପାଇଁ ସରକାରଙ୍କ ପାଖରେ ଦାବି

ନୂଆଗାଁ (ମହାଭାରତ) : ଜାକେଡ଼ା ଅଞ୍ଚଳରେ କରଡା ପତରିଆ ବାଘ ଆତଙ୍କ। ବାଘ ଆତଙ୍କରେ ଗାଁ ଲୋକେ ଭୟଭୀତ। ବାଘ ଆକ୍ରମଣରେ ଦୁଇଜଣ ଆହାତୟ ଆହାତ ବ୍ୟକ୍ତିଙ୍କୁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି । ଏଭଳି ଅଭାବନୀୟ ଘଟଣା ଘଟିଛି ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଜାକେଡ଼ା ପଞ୍ଚାୟତ କରଚୁଲି ଓ ସୁଡୁଙ୍ଗି ଗ୍ରାମରେ। ସୂଚନା ଥାଉକି ମଙ୍ଗଳବାର ଦିନ କରଚୁଲି ଗ୍ରାମର ପ୍ରମୋଦ ଗୁରୁ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଗାଈ ଚରାଉ ଥିବା ବେଳେ ସନ୍ଧ୍ୟା ୫.୩୦ ଘଟିକା ସମୟରେ କରଡ଼ା ପତରିଆ ବାଘ ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଆସି ପଛପଟୁ ଝାମ୍ପ ମାରି ତାଙ୍କ ଆଖି ଓ ଡାହାଣ ହାତକୁ କାମୁଡି ରକ୍ତାକ୍ତ କରିଥିବା ବେଳେ ସେହିପରି ସୁଡୁଙ୍ଗି ଗ୍ରାମର ସାଧୁ ନାଏକ ଘରେ ବସି ନିଆଁ ପୁଆଉଁ ଥିବା ବେଳେ ପାଲଭା ଜଙ୍ଗଲରୁ ବାହାରି ଗାଁକୁ ପସି ତାଙ୍କ ଡ଼ାହାଣ ଆଖି ଓ ବେକକୁ କାମୁଡି ରକ୍ତାକ୍ତ କରିଥିଲା ।ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ଭର୍ତ୍ତି କରାଯାଇଥିଲା । ବର୍ତ୍ତମାନ ଉଭୟ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏହି ଖବର ପ୍ରସାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି ।ଘଟଣା ସମ୍ପର୍କରେ ଗ୍ରାମବାସୀଙ୍କୁ ପଚାରିବାରୁ ଲୋକମାନେ ଭୟଭୀତ ଥିବା କହିଛନ୍ତି । ଖବର ପାଇ ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ରାତି ଅଧିଆ ଘରୁ ପଦାକୁ ବାହାରିବା ପାଇଁ ଗ୍ରାମବାସୀଙ୍କୁ ମନା କରିଛନ୍ତି। ବନ କର୍ମଚାରୀ ମାନେ ବାଘର ଗତିବିଧିକୁ କଡ଼ା କଡ଼ି ଭାବେ ନଜର ରଖିଛନ୍ତି। ଏହି ସମ୍ପର୍କରେ ଗୁମି ବନପାଳ ପବିତ୍ର ପରିଡ଼ାଙ୍କୁ ପଚାରିବାରୁ ସତ ଘଟଣା ବୋଲି କହିଛନ୍ତି। ଆହାତ ବ୍ୟକ୍ତିଙ୍କୁ ସରକାର ତରଫରୁ ଆର୍ଥିକ ସହାୟତା ପାଇବା ପାଇଁ ପରିବାର ଲୋକେ ଦାବି କରିଛନ୍ତି।

# ଖଡ଼ିଆଳ ଗସ୍ତରେ ଓଡିଶା ସରକାରଙ୍କ ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟସ୍ତ ପ୍ରସମନ ମନ୍ତ୍ରୀ ସୁରେଶ ପୂଜାରୀ



ଖଡ଼ିଆଳ:(ମହାଭାରତ) ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକକୁ ଓଡ଼ିଶା ସରକାରଙ୍କ ମାନ୍ୟବର ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରସମନ ମନ୍ତ୍ରୀ ସୁରେଶ ପୁଝାରି ତାଙ୍କର ପ୍ରଥମ ଗସ୍ତ କରିଥିବା ବେଳେ ତାଙ୍କୁ ପ୍ରଥମେ ଖଡ଼ିଆଳ ବିଧାନସଭା ସ୍ତରୀୟ ଭାରତୀୟ ଜନତା ପାର୍ଟି ତରଫରୁ ସ୍ୱାଗତ କରାଯାଇଥିଲା । ମନ୍ତ୍ରୀଙ୍କ ଗସ୍ତ ନେଇ ଖଡ଼ିଆଳ କୌଶଲ୍ୟା ମଣ୍ଡପ ଠାରେ ଏକ ବିଜେପି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ବିଜେପି କର୍ମୀ ସମ୍ମିଳନୀରେ ଖଡ଼ିଆଳ ବିଧାନସଭା ଅନ୍ତର୍ଗତ ଖଡ଼ିଆଳ, ସିନାପାଲି, ବୋଡ଼େନ ବ୍ଲକର ହଜାର ହଜାର ବିଜେପି କର୍ମୀ ଯୋଗ ଦେଇ ଥିବା ବେଳେ ସେମାନଙ୍କ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ମାନ୍ୟବର ମନ୍ତ୍ରୀଙ୍କୁ ଦାବୀ ପତ୍ର ପ୍ରଦାନ କରିଥିଲେ।ଏହି କାର୍ଯ୍ୟକ୍ରମ ରେ ଓଡ଼ିଶା ରାଜସ୍ୱ ମନ୍ତ୍ରୀ ଶ୍ରୀଯୁକ୍ତ ସୁରେଶ ପୁଝାରୀ ଯୋଗ ଦେଇ ଜିଲ୍ଲାରେ ଜଣେମଧ ଭୂମିହୀନ ରହିବେ ନାହିଁ ବୋଲି କହିଥିଲେ କ୍ଷଜନଜାତି ଙ୍କୁ ଅଗ୍ରାଧିକାର ଭିତ୍ତିରେ ପଟ୍ଟା ପ୍ରଦାନ ସହ ଅଣ ଆଦିବାସୀ ଙ୍କୁ ମଧ ପଟ୍ଟା ପ୍ରଦାନ ପାଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାପାଇଁ ପ୍ରତିଶୃତି ଦେଇଛନ୍ତି । ସେହିପରି ରାଜସ୍ୱ ଗ୍ରାମ ଘୋଷଣା, ଉପଖଣ୍ଡ ଓ ବ୍ଲକ ମାନ୍ୟତା ନେଇ ସରକାର ଠିକ ସମୟରେ ନିଷ୍ପତ୍ତି ନେବେ ବୋଲି ପ୍ରକାଶ କରିଛନ୍ତି। ଜିଲ୍ଲାରେ ୯୯୩୦ ଜଣ ୮୦ ବର୍ଷ ରୁ ଉର୍ଦ୍ଧ ବୃଦ୍ଧ ବୃଦ୍ଧା ଙ୍କୁ ଭତ୍ତା ପ୍ରଦାନ କରିଥିବା ବେଳେ ୧୨୬୧ ଜଣ ୮୦% ରୁ ଉର୍ଦ୍ଧ ଦିବ୍ୟାଙ୍ଗ ଙ୍କୁ ଭତ୍ତା ପ୍ରଦାନ କରିଥିବା ମଧ କହିଥିଲେ । ଏହି କାର୍ଯ୍ୟକ୍ରମ ମନ୍ତ୍ରୀ ସୁରେଶ ପୁଝାରି ଙ୍କ ସହ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା,ପୂର୍ବତନ ଖଡ଼ିଆଳ ବିଧାୟକ ହିତେଶ କୁମାର ବଗର୍ତି, ଅଭିନନ୍ଦନ ପଣ୍ଡା, ଜିଲ୍ଲା ସଭାପତି ସୁବ୍ରତ ଠାକୁର, ଦେବେବ ସିଂ ଦେଓ, ଶିବ ପ୍ରସାଦ ମୁଣ୍ଡ, ଅଜିତ ଚଳାନ, ଅତୀନ୍ଦ୍ର ସିଂ ମଲ୍ଲିକ ପ୍ରମୁଖ ମଂଚସୀନ ଥିଲେ ।

# ୮୦ ବର୍ଷ ଓ ତଦୁର୍ଦ୍ଧ ହିତାଧିକାରୀଙ୍କ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ



କୋରାପୁଟ(ମହାଭାରତ):୮୦ ବର୍ଷ ଓ ତଦୁର୍ଦ୍ଧ ହିତାଧିକାରୀ ଏବଂ ୮୦ ପ୍ରତିଶତ ବା ତଦୁର୍ଦ୍ଧ୍ ଭିନ୍ନକ୍ଷମ ହିତାଧିକାରୀଙ୍କ ପ୍ରଥମ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ, ଦକ୍ଷତା ବିକାଶ ତାଲିମ କେନ୍ଦ୍ର, କୋରାପୁଟ ଠାରେ ଆୟୋଜିତ ହୋଇଯାଇଛି । ଏହି କର୍ମଶାଳା ଆୟୋଜନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ୮୦ ବର୍ଷ ଓ ତଦୁର୍ଦ୍ଧ୍ ହିତାଧିକାରୀ ଏବଂ ୮୦ ପ୍ରତିଶତ ବା ତଦୁର୍ଦ୍ଧ ଭିଉକ୍ଷମ ହିତାଧିକାରୀଙ୍କ ବର୍ଦ୍ଧିତ ଭତ୍ତା ବିତରଣ ସହିତ ସେମାନଙ୍କ ଜରିଆରେ ସମାଜର ଅନ୍ୟ ମାନଙ୍କ ମଧ୍ୟରେ ଉକ୍ତ ଯୋଜନାଗୁଡିକ ପ୍ରତି ସଚେତନତା ସୃଷ୍ଟି କରିବା । ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ- ଭି. କୀର୍ତ୍ତି ଭାସନ, କୋରାପୁଟ ଯୋଗଦାନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଶ୍ରୀ ବେଣୁଧର ଶବର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ, କୋରାପୁଟ, ଅଧକ୍ଷ, କୋରାପୁଟ ପୌରପାଳିକା, ଶ୍ରୀ ଲଲାଟ ରଞ୍ଜନ ସେଠୀ, ଉପଜିଲ୍ଲାପାଳ, କୋରାପୁଟ ଶ୍ରୀ ପ୍ରେମଲାଲ ହିଆଲ ଯୋଗଦାନ କରିଥିଲେ। ଏହି କର୍ମଶାଳାରେ ୧୧୦ଟି ୮୦ ବର୍ଷ ଓ ତଦୁର୍ଦ୍ଧ୍ ହିତାଧିକାରୀଙ୍କୁ ଏବଂ ୬୬ଟି ୮୦ ପ୍ରତିଶତ ବା ତଦୁର୍ଦ୍ଧ ଭିଉକ୍ଷମ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା । ଏତ୍ ବ୍ୟତୀତ ନିଜର ଦୈନନ୍ଦିନ ଜୀବନକୁ ସମୃଦ୍ଧି କରିବା ନିମନ୍ତେ ୧୪ ଜଣ ଭିଉକ୍ଷମଙ୍କୁ ବେଟେରୀ ଚାଳିତ ଅଟୋ ରିକ୍ସା ପ୍ରଦାନ କରାଯାଇଥିଲା ।ଏହି କର୍ମଶାଳାକୁ ଶ୍ରୀ ତରୁଣ ତପନ ପ୍ରହରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, କୋରାପୁଟ, ଶ୍ରୀମତୀ ଆହାନା ବୈଦ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, କୋରାପୁଟ ଆୟୋଜନ ଓ ପରିଚାଳନା କରିଥିଲେ ଏବଂ ଉକ୍ତ କାର୍ଯ୍ୟୟଳୟର ଅନ୍ୟ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

# ବାବନପୁର ରେ ପ୍ରଶାସନ ଗାଁ କି ଔର ନେଇ ସମନ୍ୱୟ ବୈଠକ

ଆସିକା (ମହାଭାରତ): ପ୍ରଶାସନିକ ଅଧିକାରୀ ମାନେ ଗାଁ ଅଭିମୁଖେ ଯାଇ ଲୋକ ମାନଙ୍କ ସମସ୍ୟା କୁ ଆର ଡି ସି ସ୍ତରୀୟ ତ୍ୱରିତ ସମାଧାନ ହେବା ନେଇ ଏହି ଅଭିଯାନ ଗଞ୍ଜାମ ଜିଲ୍ଲା ରେ ଆଜି ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟ ରେ ଆସିକା ବ୍ଲକ ର ବାବନପୁର ପଞ୍ଚାୟତ,ବେଲଗୁଣ୍ଠା ର ଗାଙ୍ଗପୁର, ଭଞ୍ଜନଗର ଏବଂ ଜଗଡ଼ାଥପ୍ରସାଦ ରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି ।ଜିଲ୍ଲାପ୍ରଶାସନ ଦ୍ୱାରା ଆସିକା ତହସିଲଦାର ସଂଗୀତା ସେନ ଙ୍କ ଅଧକ୍ଷତା ରେ ଆୟୋଜିତ ପଞ୍ଚାୟତ ସ୍ତରୀୟ ସମନ୍ୱୟ ବୈଠକ ରେ ରାଜସ୍ୱ ବିଭାଗୀୟ କମିଶନ କାର୍ଯ୍ୟାଳୟ ର ଅତିରିକ୍ତ ମୁଖ୍ୟ ସଚିବ ଗୋପୀନାଥ ମହାପାତ୍ର,ସିଡିପିଓ ଇନ୍ଦିରା ମହାପାତ୍ର, ବାଲିସିରା ମେଡିକାଲ ଅଧିକାରୀ ଡାକ୍ତର ମଧୁସୁଦନ ବାରିକ, ବ୍ଲକ ର ସହକାରୀ ନିର୍ବାହୀ ଯନ୍ତ୍ରୀ ଇ. ଅଶୋକ ଶତପଥୀ, କନିଷ୍ଠ ଯନ୍ତ୍ରୀ ଇ. ଅଶୋକ ସେନାପତି, ଆସିକା ବନ ଅଧିକାରୀ ଶରତ ଚନ୍ଦ୍ର ବେହେରା, କୃଷି ଅଧିକାରୀ ଶୋଭଦା ମିଶ୍ର,ଗ୍ରାମ୍ୟ ଜଳ ପରିମଳ ଅଧିକାରୀ ଇ. ଶ୍ରୀନିବାସ ରାଓ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଭଞ୍ଜ ବେହେରା, ଉଦ୍ୟାନ ବିଭାଗ ଓବସର ତୃପ୍ତିରାଣୀ ତ୍ରିପାଠୀ,ବାବନପୁର ସରପଞ୍ଚ ସଞ୍ଜୟ ନାୟକ,ସମିତି ସଭ୍ୟ ସନ୍ତୋଷ ଜେନା, ସମେତ ବିଦ୍ୟୁତ ବିଭାଗ, ରାଜସ୍ୱ ବିଭାଗର ନିରୀକ୍ଷକ ଅଧିକାରି, ପ୍ରମୁଖ ଉପସ୍ଥିତ ଥିଲେ ।

# ରେମ ସୋରେ କମ୍ପିଲା କଳାହାଣ୍ଡି ଉତ୍ସବ ଘୁମୁରା ପଥୋତ୍ସବ କାର୍ଯ୍ୟକ୍ରମ

କଳାହାଣ୍ଡି/ମହାଭାରତ :କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହର ଉତ୍ସବ ମୁଖର ହୋଇଉଠିଛି । କଳାହାଣ୍ଡିର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା ସାହିତ୍ୟ ,କ୍ରୀଡ଼ା କୌଶଳର ମହା ମିଳନସ୍ଥଳୀ ପାଲଟିଥିଲା ସଡ଼କପଥ । ନାଚଗୀତ, ପ୍ରଥା, ପରମ୍ପରାର ନିଦର୍ଶନ ସହିତ ନିଜର ପ୍ରତିଭାର ପ୍ରଦର୍ଶନ ପାଇଁ ସମସ୍ତେ ଓହ୍ଲାଇ ଆସିଥିଲେ ରାଜରାସ୍ତାକୁ । ଭଳି କି ଭଳି ଦୃଶ୍ୟ ସମସ୍ତଙ୍କୁ ଅଭିଭୂତ କରି ପକାଉଥିଲା । ଶତାଧିକ ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରକଳା ପ୍ରଦର୍ଶନୀ, ଜିଲ୍ଲା, ରାଜ୍ୟ ଓ ଦେଶର ବିଭିନ୍ନ ପ୍ରସଙ୍ଗକୁ ନେଇ ରଙ୍ଗୋଲି, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ନୃତ୍ୟ କଳା ପ୍ରଦର୍ଶନ, ପଥପ୍ରାନ୍ତ ବିଜ୍ଞାନ ପ୍ରଦର୍ଶନୀ, ମହାକୁମ୍ଭ ମେଳାକୁ ନେଇ ଆକର୍ଷଣୀୟ ବାଲୁକା କଳା, କରାଟେ, ଟାଇକୋଣ୍ଡୋ, ଯୋଗ, କ୍ଷୁଦ୍ର ନାଟିକା, ଶାରୀରିକ କ୍ରୀଡ଼ା କୌଶଳ ସହିତ ବାଇକ ଷ୍ଟଣ୍ଟ,ରେମ ସୋ,କୋରେକୋ ସଙ୍ଗୀତ ଉପଭୋଗ କରିଥିଲେ ହଜାର ହଜାର ଜନସାଧାରଣ । ଏହି ପଥୋତ୍ସବ କାର୍ଯ୍ୟକ୍ରମରେ କୁନି କୁନି ଛୁଆ ଓ ବୟସ୍କ ମାନେ ରେମ ସୋ ରେ ଭାଗନେଇ ପଥୋତ୍ସବ ସଂଧ୍ୟା କୁ ଆହୁରି ମନ ମୁଗ୍ଧ କରିଦେଇଥିଲେ ।ମିଉଜିକ ର ତାଳେ ତାଳେ ଛୋଟ କୁନି କୁନି ଛୁଆଙ୍କ ଠାରୁ ବୟସ୍କ ପର୍ଯ୍ୟନ୍ତ ସମ୍ବଲପୁରୀ କଷଟ୍ୟୁମ ରେ ପରିଧାନ ହୋଇ ରେମ ସୋ କୁ ଆହୁରି ଆକର୍ଷଣୀୟ କରି ଦେଇଥିଲେ । ପଥୋତ୍ସବ କାର୍ଯ୍ୟକ୍ରମ ଭବାନୀପାଟଣା ସହରର ଜେଲଛକରୁ ଷ୍ଟେଟବ୍ୟାଙ୍କ ଛକ ଯାଏଁ ଦେଖିବାକୁ ମିଳିଥିଲା ଏଭଳି ନିଆରା ଦୃଶ୍ୟ । କେବଳ ପ୍ରତିଭାଗୀ, କଳାକାର କିମ୍ବା ସାଧାରଣ ଲୋକେ ନୁହଁନ୍ତି ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ସମସ୍ତେ ଏହାକୁ ଉପଭୋଗ କରିବା ସହିତ ପଥୋତ୍ସବରେ ସାମିଲ ହୋଇଥିଲେ । ଶେଷରେ ସମସ୍ତ କଳାକାର ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।କାର୍ଯ୍ୟକ୍ରମ ରେ ଲୋକସଭା ସାଂସଦ ମାଳବିକା ଦେବୀ, କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ( ସାଧାରଣ ) ତନ୍ମୟ ଦରୱାନ, ଅତିରିକ୍ତ ଜିଲ୍ଲାପାଳ ( ରାଜସ୍ୱ ) ବଇତୁରା ଦୀପ, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ଯୋଜନା ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ସହକାରୀ ଜିଲ୍ଲାପାଳ ମମତା ଦାସ, ନୋଡାଲ ଅଫିସର ମିଶ୍ର ସାର ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମସ୍ତ ପ୍ରତିଭାଗୀଙ୍କୁ ଉତ୍ସାହିତ କରିଥିଲେ । ପଥୋତ୍ସବ ଉପ କମିଟିର ଅଧକ୍ଷ ଡ. ଅଜୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ କମିଟିର କର୍ମକ□ା ସଞ୍ଜୟ କୁମାର, ଶାନ୍ତନୁ ମୁଣ୍ଡ, ଶେଖ ମୁନାୱର, ଭବାନୀ ପଟ୍ଟନାୟକ, ଡ. ପଲ୍ଲୀଶ୍ରୀ ପଟ୍ଟନାୟକ,ଉମା ଚରଣ ପ୍ରଧାନଙ୍କ ସମେତ ଅନ୍ୟମାନେ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥଲେ।

# ୫୧କୁଣ୍ଡିୟ ଗାୟତ୍ରୀ ଯଜ୍ଞ ପାଇଁ ଭୂମି ପୂଜନ

ଖଡ଼ିଆଳ:(ମହାଭାରତ) ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ତୁକଲା ଗ୍ରାମରେ ହେବାକୁ ଥିବା ୫୧କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ପାଇଁ ଆଜି ଭୂମି ପୂଜନ ଓ ଦେବ ଦମ୍ପତି ସମ୍ମିଳନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ତୁକଲା ଗାଁର ମାଲପଡ଼ା ଧନୁଯାତ୍ରା ପଡ଼ିଆ ରେ ଏହି ଉତ୍ସବ ଆୟୋଜିତ ହୋଇଥିବା ବେଳେ ଗାୟତ୍ରୀ ଶକ୍ତିପୀଠ ହରିଦ୍ୱାରରୁ ଆସିଥିବା ସାଧୁ ସନ୍ଥ ମାନେ ଗାୟତ୍ରୀ ଉପାସନା ସହ ଭୂମି ପୂଜନ ପାଇଁ ଶୁଭ ଦେଇଥିଲେ।ଅନେକ ଦମ୍ପତି ପୂଜନ କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରଜ୍ଞାପୁରଣ କଥା ଶୁଣିଥିଲେ। ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ସ୍ଥାନୀୟ ସରପ□ ନିଳାଦ୍ରୀ ମେହେର ପ୍ରମୁଖ କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ।ଆସନ୍ତା ମାର୍ଚ୍ଚ ମାସ ୫ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ଏହି ଯଜ୍ଞ ଅନୁଷ୍ଠିତ ହେବାକୁ ଥିବା ବେଳେ ଶ୍ରଦ୍ଧାଳୁ ମାନେ ବହୁଳ ସଂଖ୍ୟାରେ ଯୋଗଦେବେ ବୋଲି ଆୟୋଜକ କମିଟି ଆଶା ବାନ୍ଧିଛନ୍ତି।

# ବେଆଇନ ଟ୍ରକ ପାର୍କିଂ ସହ ଟ୍ରାଫିକ ନୀୟନ୍ତର ତ୍ରୁଟି

## ବଢୁଛି ସମସ୍ୟା ସହ ଦୁର୍ଘଟଣା,



ଦାନଗଦି: (ମହାଭାରତ)ଯାଜପୁର କଳିଙ୍ଗନଗର ଶିଳ୍ପା□ଳ ରେ ଅନେକ ସମସ୍ୟାର ସହ ଦୁର୍ଘଟଣା ବଢିବାକୁ ଲାଗିଥିବାବେଳେ ବେଆଇନ ଭାବେ ଗାଡ଼ି ପାର୍କିଂ ସହ ଅତ୍ୟଧିକ ଗାଡି ଚଳାଚଳ ପାଇଁ ଅନେକ ଦୁର୍ଘଟଣା ର ଶିଖର ହେବାସହ ଅନେକ ଧନଜିବ କ୍ଷତି ହେବାରେ ଲାଗିଛି ।ଦୈନିକ ଦିନ ଜୀବନରେ କିଛିନା କିଛି ଦୁର୍ଘଟଣା ରେ ଅନେକ ଜୀବନ ମଧ ଗଲାଣି। ଅନେକ ପରିବାର ଛାରଖାର ହୋଇଯିବାକୁ ବସିଲାଣି କିଏ କାହା ପୁଅକୁ ତ କିଏ କାହା ସ୍ୱାମୀ କୁ ହରେଇ ବସିଛନ୍ତି। ଡୁବୁରୀ ରୁ ପାଣିକୋଇଲି ରାସ୍ତା ଏବେ ସାଜିଛି ଲୋକଙ୍କ ମରଣ ଯନ୍ତା , ଟାଟା ୩ ନମ୍ବର ଖୁରଣ୍ଟି ବିଁଷାମୁଣ୍ଡ ଛକ ରାସ୍ତା ରେ ମର୍ମନ୍ତ ଦୁର୍ଘଟଣା ରେ ପ୍ରାଣ ହରାଇ ବସିଲେଣି ଅନେକ ଜୀବନ ମଧ ଗଲାଣି ,କୌଣସି ପ୍ରକାର ଟ୍ରାଫିକ ସୁରକ୍ଷା ବ୍ୟବସ୍ଥା ନଥିବାରୁ ଅତ୍ୟଧିକ ବେଗରେ ଗାଡ଼ି ଯାତାୟାତ ହେଉଥିବା ସମୟରେ କାରଖାନାରୁ ବାହାରୁଥିବା ପଦାର୍ଥ କୁ ବଡ଼ ବଡ଼ ଗାଡ଼ି ସହାୟତାରେ ଏହି ରାସ୍ତାଦେଇ ଯାତାୟାତ ମଧ କରୁଛନ୍ତି ।ଚରିଛକ ବିଶିଷ୍ଟ ରାସ୍ତା ବର୍ତ୍ତମାନ ଆଠ ଛକ ହୋଇ ରାସ୍ତାରେ ଗାଡି ଯାତାୟାତ ଫଳରେ ଟ୍ରାଫିକ ର କୌଣସି ନିୟମ ନଥିବା ବେଳେ ଦୁର୍ଘଟଣା ପରେ ଦୁର୍ଘଟଣା ଘଟିବାରେ ଲାଗିଛି । ଏହାର ତଦାରଖ କରି ଟ୍ରାଫିକ ସୁରକ୍ଷା କୁ କଡାକଡିଭାବେ ପାଳନ କରିବା ପ୍ରଶାସନ କି କୌଣସି କାରଖାନା ନଜର କୁ ଆସିଲେ ମଧ ଟ୍ରାଫିକ ସୁରକ୍ଷା ପାଇଁ କୌଣସି ପ୍ରକାର ବ୍ୟବସ୍ଥା କରାଯାଉନାହ। ଯାହାଫଳରେ ଦୁର୍ଘଟଣା ପରେ ଦୁର୍ଘଟଣା ବଢିବାକୁ ଲାଗିରହିଥିବାବେଳେ ବେଆଇନ ଭାବେ ରାସ୍ତା ରେ ଗାଡ଼ି ପାର୍କିଂ ସମସ୍ୟା ବଢିବାରେ ଲାଗିଛି। ରାସ୍ତା ଉପରେ ବଡ଼ ବଡ଼ ମାଲ୍ ବୋଝେଇ ଟ୍ରକ ମଧ ବେଆଇନ ଭାବେ ପାର୍କିଂ କରିଚାଲିଛନ୍ତି। ଟ୍ରାଫିକ ସମସ୍ୟା ସହ ବେଆଇନ ଗାଡ଼ି ପାର୍କିଂ ସମାଧାନ ନହେଲେ ଆଗକୁ ଆହୁରି ଅନେକ ଧନଜୀବନ କ୍ଷୟ କ୍ଷତି ହେବାରେ ଲାଗିବ ଏହାର ସମସ୍ୟା ପାଇଁ ପ୍ରଶାସନ କିମ୍ବା କାରଖାନା କର୍ତୃପକ୍ଷ ଧ୍ୟାନ ଦେବା ଅତ୍ୟନ୍ତ ଆବଶ୍ୟକ।

# ପାଇପଲାଇନ ପାଇଁ ଏନଆରଏଲ ର ମାଟି ଖୋଳା କୁ ଅଭୟଚନ୍ଦପୁର କମିଟିର ବିରୋଧ



ପାରାଦୀପ(ମହାଭାରତ): ଏନଆରଏଲ ପାଇପ ଲାଇନ ବିଛା କାର୍ଯ୍ୟକୁ ନେଇ ପୁଣିଥରେ ସ୍ୱର ଉଠାଇଲେ ଜମି ମାଲିକ ।ଏଥିରେ ସାମିଲ ହୋଇଛନ୍ତି ଅ ଭ ୟ ଚ ନ୍ଦ ପୁ ର ଡେଭଲପମେ□ କମିଟି ର ସମସ୍ତ ସଦସ୍ୟ । କମ୍ପାନୀ ତାର କାର୍ଯ୍ୟ କରୁ ଆମର ଏଥିରେ ଆପତ୍ତି ନାହିଁ, ସାଧାରଣ ଜନତା ଙ୍କ ଧନଜୀବନ କିଭଳି ସୁରକ୍ଷିତ ରହିବ, ଭବିଷ୍ୟତକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବାକୁ ଏନଆରଏଲ କର୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି କମିଟି ର ସଦସ୍ୟ । କିଛିଦିନ ହେବ ପାରାଦୀପ ଉପକଣ୍ଠ କଂସାରୀପାଟିଆ, ଅଭୟଚନ୍ଦପୁର ନିକଟରେ ଏନଆରଏଲ କମ୍ପାନୀ ର ପାଇପଲାଇନ ବିଛା କାର୍ଯ୍ୟ ଚାଲୁ ରହିଛି । ଯାହାକୁ ନେଇ ଅଭୟଚନ୍ଦପୁର ଠାରେ ରହିଥିବା ବେସରକାରୀ ଜମି ମାଲିକ ମାନେ ପାଇପଲାଇନ କାର୍ଯ୍ୟକୁ ବିରୋଧ କରିବା ସହିତ କାର୍ଯ୍ୟ ବନ୍ଦ କରିଥିଲେ । ଯାହାକୁ ନେଇ କମ୍ପାନୀ କିଛି ଜମି ମାଲିକ ମାନଙ୍କୁ ଡକାଇ ଆଲୋଚନା କରାଯାଥିବା ନେଇ ଜମି ମାଲିକ ପ୍ରକାଶ କରିଛନ୍ତି । ସେମାନଙ୍କ ଅଭିଯୋଗ ଅନୁଯାୟୀ ଏନଆରଏଲ କମ୍ପାନୀ ନେଉଥିବା ପାଇପ ଲାଇନ ଦ୍ୱାରା ଅଶୋଧିତ ତୈଳ ପରିବହନ କରାଯିବ ।ଯାହା ଅତ୍ୟନ୍ତ ଜ୍ୱଳନଶିଳ ଏବଂ ଜନବସତି ପାଇଁ ଏହା ଅତ୍ୟନ୍ତ ବିପଦଜନକ । ଯାହାର ଅନେକ ପ୍ରମାଣ ମଧ୍ୟରୁ କିଛିଦିନ ତଳେ ଯେଉଁଭଳି ରିଫାଇନେରୀ ଟାଉନସିପ ସମ୍ମୁଖରେ ହୋଇଥିବା ଅଶୋଧିତ ତୈଳ ପାଇପଲାଇନ ରୁ ଲିକେଜ ଏହାର ଉଦାହରଣ ବୋଲି କହିଛନ୍ତି ଜମି ମାଲିକ । ଅଭୟଚନ୍ଦପୁର ଠାରେ ପର୍ଯ୍ୟାପ୍ତ ସରକାରି ଜମି ରହିଥିବା ବେଳେ କେଉଁ ଉଦ୍ଦେଶ୍ୟରେ ଏବଂ କଣପାଇଁ ବେସରକାରୀ ଘରବାଡି ଜାଗାକୁ ଲଗାଇ ପାଇପଲାଇନ କାର୍ଯ୍ୟ କରାଯାଉଛି ତାହାକୁ ନେଇ ପ୍ରଶ୍ନ ଉଠିଛି । ଆମେ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛୁ ଆଗାମୀ ଦିନରେ ଆମେ ଏଠି ବସବାସ କରିବୁ, କମ୍ପାନୀ ତାର ପାଇପଲାଇନ କୁ ସରକାରୀ ଜାଗାରେ ନେଉ ଆମର ଆପତ୍ତି ନାହିଁ । ଆମର ରାସ୍ତାଠାରୁ ତିରିଶ ଫୁଟ ଛାଡି ପାଇପଲାଇନ ବିଛାଇବାକୁ କହିଛନ୍ତି ଜମିମାଲିକ । କମ୍ପାନୀ ଯଦି ଏଥିରେ ଅବହେଳା ପ୍ରଦର୍ଶନ କରେ କିମ୍ବା ଜମି ମାଲିକ ମାନଙ୍କୁ ଅବଗତ ନ କରି ତାର ପାଇପଲାଇନ କାର୍ଯ୍ୟ ଜାରିରଖେ ତେବେ ଅଭୟଚନ୍ଦପୁର ଡେଭଲପମେ□ କମିଟି ର ସମସ୍ତ ଜମିମାଲିକ ଗଣତାନ୍ତ୍ରିକ ପଦ୍ଧତିରେ ଆଇନକୁ ସମ୍ମାନ ଜଣାଇ ଏନଆରଏଲ କମ୍ପାନୀ ର ପାଇପଲାଇନ କାର୍ଯ୍ୟ କୁ ବନ୍ଦ କରିବା ସହିତ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି ।

## ଫୁଲବାଣୀ କେରେଡି ଠାରେ ଧାନମଣ୍ଡି ଉଦଘାଟିତ

ଫୁଲବାଣୀ(ମହାଭାରତ): ଚଳିତ ବର୍ଷ ଚାଷୀଙ୍କ ଠାରୁ ଧାନ କିଣିବା ପାଇଁ ଫୁଲବାଣୀ ବ୍ଲକର କେରେଡି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଫୁଲବାଣୀ ସମବାୟ ବିଭାଗର ସହକାରୀ ପ୍ରବନ୍ଧକ ଲଳିତ କୁମାର ମାଝୀ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଫୁଲବାଣୀ ବୃହଦାକାର ବହୁମୁଖୀ ସେବା ସମବାୟ ସମିତି(ଲ୍ୟାମ୍ପସ)ର ପରିଚାଳନା ନିର୍ଦ୍ଦେଶକ ଭୀମସେନ ସାହୁ ଧାନମଣ୍ଡିରେ ଚାଷୀଙ୍କ ଠାରୁ ସୁଚାରୁରୂପେ ଧାନ କିଣିବାକୁ ସମସ୍ତ ଆୟୋଜନ କରିଥିଲେ।ଏହି ଅବସରରେ



ଲ୍ୟାମ୍ପସର ନିର୍ଦ୍ଦେଶକ କେରେଡି ସରପଞ୍ଚ ଓ ବହୁ ଚାଷୀ ଭାଇ ଉପସ୍ଥିତ ଥିଲେ। ଚଳିତ ବର୍ଷ ସରକାର ଧାନ କୁଇ□ାଲ ପ୍ରତି ୨୩୦୦ଟଙ୍କା ଓ ବୋନସ ଆକାରରେ ୮୦୦ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଥିବାରୁ ଚାଷୀମାନେ ଖୁସି ହେଉଥିବା ଦେଖାଯାଉଛି।ଯେଉଁ ଚାଷୀମାନଙ୍କୁ ଟୋକୋନ ପ୍ରଦାନ କରାଯାଇଛି ସେହି ଚାଷୀମାନଙ୍କ ଠାରେ ଲ୍ୟାମ୍ପସ ଜରିଆରେ ଧାନ କିଣିବା ବ୍ୟବସ୍ଥା କରାଯାଇଛି।କନ୍ଧମାଳ ଜିଲ୍ଲାରେ ଧାନ ସଂଗ୍ରହ କମ ହେଉଥିଲେ ମଧ୍ୟ ସମସ୍ତ ଚାଷୀ କିଭଳି ସୁରୁଖୁରୁରେ ଧାନ ବିକ୍ରି କରିବେ ସେଥିପାଇଁ ବିଭାଗ ପକ୍ଷରୁ ଦୃଷ୍ଟି ଦିଆଯାଇଛି।

## ଲିଙ୍ଗ ନିରୂପଣ ନିଷିଦ୍ଧ ଆଇନ ୧୯୯୪ ର ଜିଲ୍ଲା ପରାମର୍ଶ ଦାତା ଓ ଟାସ୍କ ଫୋର୍ସ ବୈଠକ

ସମ୍ବଲପୁର:(ମହାଭାରତ):ଲିଙ୍ଗ ନିରୂପଣ ନିଷିଦ୍ଧ ଆଇନ ୧୯୯୪ ର ଜିଲ୍ଲା ପରାମର୍ଶ ଦାତା ଏବଂ ଟାସ୍କ ଫୋର୍ସ ବୈଠକ ଆଜି ଅପରାହ୍ନ ରେ ଜିଲ୍ଲାପାଳ, ସମ୍ବଲପୁର ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର(ଆଇ.ଏ.ଏସ), ଙ୍କ ଅଧକ୍ଷତା ରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଙ୍କ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲ୍ଲାରେ ୨ଟି ବେସରକାରୀ ଅଲ୍ଟ୍ରାସାଉଣ୍ଡ କେନ୍ଦ୍ର ର ପଞ୍ଜୀକରଣ କରିବା ପାଇଁ ଆଲୋଚନା କରାଯାଇ ଅନୁମୋଦନ କରାଗଲା । ଜିଲ୍ଲାରେ ରାଜସ୍ୱ ପାଣ୍ଠି ରୁ ୨୪ ଟି ପ୍ରଶାସନିକ, ଡାକ୍ତରଖାନା ଏବଂ ବିଭିନ୍ନ ଅଞ୍ଚଳ ରେ ହୋର୍ଡିଂ ଲଗାଇ ଜନ ସଚେତନ କରାଯାଇଅଛି। ଏହା ବ୍ୟତୀତ ଜିଲ୍ଲାର ୱେବସାଇଟ ରେ ସମସ୍ତ ପଞ୍ଜୀକୃତ ଅଲ୍ଟ୍ରାସାଉଣ୍ଡ କ୍ଲିନିକ୍ ଗୁଡିକର ତଥ୍ୟ ଉପଲବ୍ଧ କରାଯାଇଅଛି।ଜିଲ୍ଲା ରେ ନଭେମ୍ବର ୨୫ ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ମହିଳା ଓ ଘରୋଇ ହିଂସା ନିରାକରଣ ପକ୍ଷ ପାଳନ କରାଯାଇଅଛି। ଉକ୍ତ ସଭା ରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ ସୁଜାତାରାଣୀ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲୁ, ସଖୀ ଏନଜିଓ, ଚାଇଲ୍ଡ ଲାଇନ ପ୍ରତିନିଧି, ସରକାରୀ ଓକିଲ,ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ତଥ୍ୟ କୁ ଶ୍ରୀ ବୁଧ ରଞ୍ଜନ ଭୋଇ, ସହକାରୀ ପରିଚାଳକ(ଆଇନ ବ୍ୟାପାର) ଉପସ୍ଥାପନ କରିଥିଲେ।

## ମାନଗୋବିନ୍ଦପୁର ବିଦ୍ୟାଳୟରେ ବାର୍ଷିକକ୍ରୀଡା ଉତ୍ସବ ଉଦଘାଟିତ

ଦାନଗଦି :( ମହାଭାରତ)ପ୍ରତି ବର୍ଷ ପରି ଚଳିତ ବର୍ଷ ଦାନଗଦି ବ୍ଲକ ଅନ୍ତର୍ଗତ ମାନଗୋବିନ୍ଦପୁର ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଆରମ୍ଭ ହୋଇଛି। ଏହି ବାର୍ଷିକ କ୍ରୀଡା ପ୍ରତିଯୋଗିତାକୁ ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଉଦଘାଟନ କରିଥିଲେ। ତିନି ଦିନ ଧରି ହେଉଥିବା ଏହି ଖେଳ ପ୍ରତିଯୋଗିତା ରେ ବିଦ୍ୟାଳୟ ର ପ୍ରଥମ ରୁ ଦଶମ ପ୍ରଯ୍ୟନ୍ତ ପାଞ୍ଚ ଶହ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ପ୍ୟାରେଡ କରିଥିଲେ।ବାର୍ଷିକ ଖେଳ ରେ ବିଭିନ୍ନ ଦୌଡ ପ୍ରତିଯୋଗିତା, ଉଚ୍ଚ ଡିଆ, ଲମ୍ବ ଡିଆଁ, ଅଖା ଦୌଡ, ବାଇଗଣ ଦୌଡ, ମ୍ୟୁଜିକ ଚେୟାର, ଗଣିତ ଦୌଡ, ତିନି ଗୋଡ଼ିଆ ଦୌଡ, ଆଦି ବିଭିନ୍ନ ଖେଳ ରେ ଛାତ୍ର ଛାତ୍ରୀ ମାନେ ଉତ୍ସାହର ସହ ଅଂଶ ଗ୍ରହଣ କରିଥିଲେ, ଆଜିର ଖେଳ ପ୍ରତିଯୋଗିତା ରେ ନୋଡାଲ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିବା ବେଳେ, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଭୂୟାଁ ଓ ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁନ୍ଦରୀ ବିରୁଆ ଉପସ୍ଥିତ ଥିଲେ ,ବିଦ୍ୟାଳୟର କ୍ରୀଡା ଶିକ୍ଷକ ସନ୍ତୋଷ କୁମାର ସାହୁ ଖେଳ ପରିଚାଳନା କରିଥିଲେ, ।

## ସ୍ଥାୟୀ ନିଯୁକ୍ତି ଦାବିରେ ନାଲକୋ କ୍ଷତିଗ୍ରସ୍ତ ପ୍ରଜାସଂଘର ଗଣ ଧାରଣା



ଅନୁଗୋଳ,(ମହାଭାରତ):କିଛିଦିନ ତଳେ ନାଲକୋ ର ଜନ୍ମ ଦିନ ପାଳି ମଉଜ କରୁଥିଲେ ଅଧିକାରୀ ମାନେ, କିନ୍ତୁ ଗତ ୧୬ ବର୍ଷ ଧରି ନାଲକୋ କ୍ଷତିଗ୍ରସ୍ତ ପ୍ରଜାମାନେ ନିଜର ଦାବି ନେଇ ଯେଭଳି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେଥିପ୍ରତି ନାଲକୋ ଅଣଦେଖା କରିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଆଜି ଏହି କାରଣରୁ ତାଳଚେର ଅନୁଗୋଳ ନାଲକୋ କ୍ଷତିଗ୍ରସ୍ତ ପ୍ରଜାସଂଘ ପକ୍ଷରୁ ଅନୁଗୋଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଆରମ୍ଭ ହୋଇଛି। ପ୍ରଜା ସଂଘ ର ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ସାମଲ ଙ୍କ ଅନୁସାରେ ନାଲକୋ ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ ୨୦୦୬ ରୁ ୨୦୦୮ ଏବଂ ୨୦୦୮ ରୁ ୨୦୧୦ ମଧ୍ୟରେ ଦ୍ୱିତୀୟ, ତୃତୀୟ ବ୍ୟାଚ ର କ୍ଷତିଗ୍ରସ୍ତ ପରିବାର ର ୧୯୮ଜଣ ଯୁବକ ଯୁବତୀଙ୍କୁ ଆଇ ଟି ଆଇ ଟ୍ରେନିଂ ଦେବାର ସୁବିଧା କରିଥିଲେ।କିନ୍ତୁ ଟ୍ରେନିଂ ପରେ ପ୍ରଥମ, ଦ୍ୱିତୀୟ ବ୍ୟାଚ ଭଳି ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇନଥିଲା। ଏହାପରେ କ୍ଷତିଗ୍ରସ୍ତ ପ୍ରଜା ଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟ ର ଦ୍ୱାରସ୍ଥ ହେବା ପରେ କୋର୍ଟ ରିଟ ପିଟିସନ ନଂ ୧୯୬୨୨/୨୦୧୦ ଉପରେ ତୃତୀୟ ଓ ଚତୁର୍ଥ ବ୍ୟାଚ ର ଆଇ ଟି ଆଇ ଧାରି ଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲା। ଏହା ସତ୍ତ୍ୱେ ନାଲକୋ ଓ ଜିଲ୍ଲା ପ୍ରଶାସନ ବାରମ୍ବାର କ୍ଷତିଗ୍ରସ୍ତ ପ୍ରଜାଙ୍କ ସହ ପ୍ରତାରଣା କରିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୀର୍ଘ ଦିନର ବ୍ୟବଧାନ ପରେ ନାଲକୋ ବିଭିନ୍ନ ପାଦ ପଦବୀ ପାଇଁ ନିଯୁକ୍ତି ବିଜ୍ଞାପନ ଦେଇଥିବା ବେଳେ ୨୦.୧୨.୨୪ ର ଉକ୍ତ ବିଜ୍ଞାପନ କୁ ବାତିଲ କରି କ୍ଷତିଗ୍ରସ୍ତ ପ୍ରଜାଙ୍କୁ ସେ ସ୍ଥାନରେ ନିଯୁକ୍ତି ଦେବାକୁ ଦାବି କରିଛନ୍ତି ସଙ୍ଘ କର୍ମକର୍ତ୍ତା। ସଙ୍ଘ ପକ୍ଷରୁ ଏଥିପାଇଁ ଆଜି ଏକ ରାଲି ବାହାର କରାଯାଇ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଓ ଗଣ ଧାରଣା ଆରମ୍ଭ କରାଯାଇଛି। ନାଲକୋ କର୍ତ୍ତୃପକ୍ଷ ଓ ପ୍ରଶାସନ ର ଖାମ ଖିଆଲି ନୀତି ଓ ଅବହେଳା କୁ ସଙ୍ଘ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି।

## ସମ୍ବଲପୁରରେ ଆୟୋଜିତ ହେଲା ଭିନ୍ନକ୍ଷମ ହିତାଧିକାରୀଙ୍କ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ

ସମ୍ବଲପୁର,(ମହାଭାରତ): ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ଜନସେବା ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମହୋଦୟ କେଉଁଝର ଠାରୁ ଆଭାସୀ ମାଧ୍ୟମରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ଏବଂ ୮୦ ପ୍ରତିଶତ ବା ତଦୁର୍ଦ୍ଧ୍ୱ ଭିନ୍ନକ୍ଷମ ହିତାଧିକାରୀଙ୍କ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହରେ ଯୋଗଦାନ କରି ଏହି ସେବାକୁ ଓଡ଼ିଶାବାସୀଙ୍କ ନିମନ୍ତେ ଉତ୍ସର୍ଗୀକୃତ କରିଥିଲେ। ଏହି ପରିପ୍ରେକ୍ଷୀରେ, ସମ୍ବଲପୁର ର ତପସ୍ୱିନୀ କକ୍ଷ ଠାରେ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏବଂ ଏହି ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡିଶା ସରକାର ଶ୍ରୀ ରବିନରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।ନିମନ୍ତ୍ରିତ ଅତିଥି ମାନଙ୍କ ମଧ୍ୟରେ ସମ୍ବଲପୁର ର ମାନ୍ୟବର ବିଧାୟକ ଶ୍ରୀ ଜୟନାରାୟଣ ମିଶ୍ର, ରେଙ୍ଗାଲି ପୂର୍ବତନ ବିଧାୟକ ଶ୍ରୀ ନାଉରି ନାୟକ, ଜିଲ୍ଲାପାଳ, ସମ୍ବଲପୁର ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର(ଆଇ.ଏ.ଏସ), ସମ୍ବଲପୁର ମହାନଗର ନିଗମ ର କମିଶନର ଶ୍ରୀ ବେଦ ଭୂଷଣ(ଆଇ.ଏ.ଏସ.), ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଅବିର କୁମାର ମହାନନ୍ଦ ପ୍ରମୁଖ ମଂଚାସୀନ ଥିଲେ।ଏହି ଅବସରରେ, ଜିଲ୍ଲାରେ ଥିବା ବିଭିନ୍ନ ୮୦ ବର୍ଷରୁ ଉର୍ଦ୍ଧ୍ୱ ଏବଂ ୮୦ ପ୍ରତିଶତ ବା ତଦୁର୍ଦ୍ଧ୍ୱ ଭିନ୍ନକ୍ଷମ ହିତାଧିକାରୀ ମାନଙ୍କୁ ବର୍ଦ୍ଧିତ ଭତ୍ତା ବିତରଣ କରାଯାଇଥିଲା ଓ ଅନ୍ୟ କିଛି ଭିନ୍ନକ୍ଷମ ହିତାଧିକାରୀ ମାନଙ୍କୁ ସହାୟତା ରାଶି ମଧ୍ୟ ମୁଖ୍ୟ ଅତିଥି ଓ ନିମନ୍ତ୍ରିତ ଅତିଥି ମାନଙ୍କ କରକମଳରେ ପ୍ରଦାନ କରାଯାଇଥିଲା। ସୂଚନା ଅନୁଯାଇ ସମ୍ବଲପୁର ଜିଲ୍ଲାରେ ପ୍ରାୟ ୮୬୬୨ ଜଣ ୮୦ ବର୍ଷରୁ ଉର୍ଦ୍ଧ୍ୱ ଏବଂ ୮୦ ପ୍ରତିଶତ ବା ତଦୁର୍ଦ୍ଧ୍ୱ ଭିନ୍ନକ୍ଷମ ହିତାଧିକାରୀ ଏହି ଯୋଜନା ରେ ଲାଭାନି□ ହେଉଛନ୍ତି।ଉକ୍ତ କାର୍ଯ୍ୟକ୍ରମ ରେ ମାନ୍ୟବର ମନ୍ତ୍ରୀ ଶ୍ରୀ ନାଏକ ଯୋଗ ଦେଇ ନିଜ ଅଭିଭାଷଣରେ କହିଥିଲେଯେ ନୂତନ ସରକାରଙ୍କ ପ୍ରକୃତ ସଫଳତା ୭ ମାସ ମଧ୍ୟରେ ପରିଲକ୍ଷିତ ହେଉଛି କାରଣ ଓଡିଶାର ଜନସାଧାରଣଙ୍କ ସେବା ରେ ରାଜ୍ୟସରକାର ଦୃଢ଼ ପ୍ରତିଶୃତିବଦ୍ଧ। ୮୦ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀ ଙ୍କ ର ଏବଂ ୮୦ ପ୍ରତିଶତ ବା ତଦୁର୍ଦ୍ଧ୍ୱ ଭିନ୍ନକ୍ଷମ ହିତାଧିକାରୀ ମାନଙ୍କ ର ସମାଜ ରେ ଅନେକ ଅବଦାନ ରହିଛି ସେଥିପାଇଁ ସେମାନଙ୍କର ଜୀବନଶୈଳୀକୁ ଏକ ନୂତନ ଦିଗ ଦେବା ପାଇଁ ରାଜ୍ୟସରକାର ଙ୍କ ର ଏହି ବର୍ଦ୍ଧିତ ଭତ୍ତା, ଏକ ପ୍ରମୁଖ ପ୍ରୟାସ ବୋଲି ନିଜ ବକ୍ତବ୍ୟରେ ଶ୍ରୀ ନାଏକ କହିଥିଲେ। ଏହି ବର୍ଦ୍ଧିତ ଭତ୍ତା ଅନର୍ଗତ ଆଗାମୀ ଦିନରେ ୩୫୦୦ ଟଙ୍କା ସହାୟତା ରାଶି ଭାବେ ରାଜ୍ୟସରକାର ପ୍ରଦାନ କରିବେ।

## କଳାହାଣ୍ଡି ଉତ୍ସବ ଅବସରରେ ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ

ଭବାନୀପାଟଣା, (ମହାଭାରତ)- କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ ଅବସରରେ ଆଜି ସ୍ଥାନୀୟ ଟାଉନହଲଠାରେ ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ପଓ୍ୱାର ସଚିନ ପ୍ରକାଶ ଯୋଗ ଦେଇ ଏହାର ଉଦଘାଟନ କରିଥିବାବେଳେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ କବି ଡ. ବିଧୁପ୍ରଭା ରଥ, ସମ୍ମାନିତ ଅତିଥି ଭାବେ ବରିଷ୍ଠ କବି ସକିତ ରତେ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ, କବି ସମ୍ମିଳନୀ ଉପ ସମିତିର ନୋଡାଲ ଅଧିକାରୀ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ



ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ସହକାରୀ ଜିଲ୍ଲାପାଳ ପ୍ରତାପ ମାଝୀ, ସମିତିର ସହ ଅଧକ୍ଷ ସନ୍ତୋଷ କୁମାର ରଥ, ଉପାଧକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପ୍ରାପ୍ତ ଯୁବକବି ଜୟଦ୍ରଥ ସୁନା, କଳ୍ପନା ରଥ, ବିଶ୍ୱରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କବୟତ୍ରୀ ମଞ୍ଜୁମେଧା ଗୁରୁଙ୍କୁ ମାଟିପୁତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା।କବି ସମ୍ମିଳନୀ ଉପ ସମିତିର ଅଧକ୍ଷ ଡ. ତପନ କୁମାର ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବରେ ଆବାହକ ଡିଳେଶ୍ୱର ରଣା ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ କବି ଯାଦବେନ୍ଦ୍ର ସାହା, ସୁମତୀ ମୁଣ୍ଡ, ଲିପ୍ସାମୟୀ ଦୁବେ, ସଞ୍ଜୀବ କୁମାର ପଣ୍ଡା ପ୍ରମୁଖ କବିତା ସଂଯୋଜନା କରିଥିଲେ। କବି ସମ୍ମିଳନୀ ଉପ ସମିତିର ସମସ୍ତ ସଦସ୍ୟ, ସଦସ୍ୟାଙ୍କ ସହିତ ତପନ କୁମାର ସାହୁ, କର୍ଣ୍ଣ ଗହୀର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଏଥିରେ ଜିଲ୍ଲାର ବିଭିନ୍ନ ଅ□ଳରୁ ଦୁଇଶହରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ।

## ଗୋଛାପଡା ନୂତନ ବ୍ଲକ ଗଠନ ଦାବିରେ ବୈଠକ

କନ୍ଧମାଳ(ମହାଭାରତ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଗୋଛାପଡା ପଞ୍ଚାୟତ ଠାରେ ନୂତନ ବ୍ଲକ ଗଠନ ଦାବିରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାର ବଦଳିବା ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟରେ ନୂତନ ବ୍ଲକ ଗଠନ ପାଇଁ ଆହ୍ୱାନ ଦେଇଛନ୍ତି।୧୯୯୫,୨୦୧୦,୨୦୧୮ ମସିହା ମାନଙ୍କରେ କ୍ରମାଗତ ଭାବେ ଗୋଛାପଡା କୁ ବ୍ଲକ୍ ଘୋଷଣା କରିବାକୁ ଶାନ୍ତି ପୂର୍ଣ୍ଣ ଭାବେ ଏହି ଅଞ୍ଚଳ ବାସୀ ଦାବି ଜଣାଇ ଆସୁଛନ୍ତି। କନ୍ଧମାଳ ଜିଲ୍ଲା ର ଫିରିଙ୍ଗିଆ ବ୍ଲକ ହେଉଛି ଦ୍ୱିତୀୟ ବୃହ□ମ ବ୍ଲକ ଅଟେ।ଗୋଛାପଡା,ସଲାଗୁଡା, ପଲାବୁଡି, କ୍ରାଣ୍ଡିବାଲି, ପକାରୀ, ବାଲନ୍ଧାପଡା, ଲୁଇସିଙ୍ଗି, ପାଇରାଜୁ, କୁଏରିମାଣ୍ଡୁ ଓ ପାଙ୍ଗା ପଞ୍ଚାୟତ ଏହି ଦଶ ଗୋଟି ପଞ୍ଚାୟତ ର କେନ୍ଦ୍ରସ୍ଥଳୀ ଗୋଛାପଡା ବ୍ଲକ ମାନ୍ୟତା ଦାବି ଜୋର୍ ଧରିଛି। ଗତକାଲି ସମାଜ ସେବୀ ଓ ଜିଲ୍ଲାର ଜଣାଶୁଣା କବି ଓ ବୁଦ୍ଧିଜୀବୀ ମୋହନ ଦିଗାଲଙ୍କ ଆହ୍ୱାନ କ୍ରମେ ଗୋଛାପଡା ସରପ□ ଯୁଗାନ୍ତ କହଁର, ପାହି ରାଜୁ ସରପ□ କେଶବ କହଁର,ସଲାଗୁଡା



ସରପ□ ରୋହିତ କହଁର, ବିଜେଡି ନେତା ବିଷ୍ଣୁ ଚରଣ ମଲିକ,ସମାଜ ସେବୀ କୃଷ୍ଣ ଚନ୍ଦ୍ର କହଁର ପୂର୍ବତନ ବିଧାୟକ ଅଙ୍ଗଦ କହଁର ଙ୍କ ସମେତ ଦଶ ଗୋଟି ପଞ୍ଚାୟତ ର ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇ ଥିଲେ।ଏହି ଦଶ ଗୋଟି ପଞ୍ଚାୟତ ଫିରିଙ୍ଗିଆ ବ୍ଲକ ସଦର ମହକୁମା ଠାରୁ ୩୦କିମି ରୁ ୮୦କିମି ଦୂରରେ ଅବସ୍ଥିତ ହେତୁ ଗମନାଗମନ, ଏବଂ ସରକାରୀ ସେବା ଠିକ୍ ଭାବରେ ପାଇ ପାରୁନାହାନ୍ତି। ବ୍ଲକ ମାନ୍ୟତା ଦାବି ନେଇ ଆସନ୍ତା ୩୦ ତାରିଖଦିନ ଅତାର୍ଥ ଜାନୁଆରୀ ମାସ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ କନ୍ଧମାଳ ଜିଲ୍ଲା ପାଳ ଙ୍କ ନିକଟରେ ଦାବି ଜଣାଇ ବାକୁ ବୈଠକ ରେ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି।

## ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପୂର୍ବତନ ବିଧାୟକ ସ୍ୱର୍ଗତ ହରିହର ଦାସଙ୍କ ୧୦୩ତମ ଜନ୍ମ ଜୟନ୍ତୀ ପାଳିତ

ଆସିକା ୧୫/୦୧-ଆସିକା ବ୍ଲକ କାଳଷଣ୍ଡପୁର ଠାରେ ଜନ୍ମିତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଚାରି ଥର ଆସିକା ରୁ ବିଧାୟକ ହୋଇଥିବା ସ୍ୱର୍ଗତ ହରିହର ଦାସଙ୍କ ୧୦୩ତମ ଜନ୍ମ ଜୟନ୍ତୀ କାଳଷଣ୍ଡପୁର ସଂଗ୍ରାମୀ ହରିହର ଉଚ୍ଚ ବିଦ୍ୟାଳୟ ଠାରେ କାଳଷଣ୍ଡପୁର ସରପ□ ଜୟନ୍ତୀ ବେହେରାଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛିଯ ପ୍ରାତଃ ରୁ ଉପସ୍ଥିତ ସମସ୍ତ ଅତିଥି ବିଦ୍ୟାଳୟ ପରିସରରେ ଥିବା ହରିହର ଦାସ ଙ୍କ ପ୍ରତିମୂ□ ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେଯଏହି ଅବସରରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରସନ୍ନ ପାଣିଗ୍ରାହୀ, ଅବସରପ୍ରାପ୍ତ ଶିକ୍ଷକ ଚି□ରଞ୍ଜନ ଆଚାର୍ଯ୍ୟ ,ଆଇନ ଯିବି ବୁଲୁ ପାଣିଗ୍ରାହୀ, କୃଷକ ନେତା ପ୍ରଫୁଲ୍ଲ ନାହାକ ସି ପି ଆଇ ନେତା



ଅଶୋକ ମହାରଣା, ଯୁବନେତା ସଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେଯ ସ୍ୱର୍ଗତ ହରିହର ଦାସ ସ୍ୱାଧୀନତା ସଂଗ୍ରାମୀ ହେବା ସହ ୧୯୬୯ରେ ଗଞ୍ଜାମ ଜିଲ୍ଲା ବଡ଼ନଦୀ ଭାଙ୍ଗିଯାଇଥିବା କୁଳ ହୁଡ଼ା, ଭଞ୍ଜନଗର ଠାରୁ ଆସିକା, ଛତ୍ରପୁର କୂଳହୁଡା ନିର୍ମାଣ ସହ ବିଜ୍ଞାନ ମହାବିଦ୍ୟାଳୟ, ଆସିକା କାଳ ଷଣ୍ଡପୁର ବିଦ୍ୟାଳୟ ସାଙ୍ଗକୁ ରାଜ୍ୟରେ ବହୁ ଉନ୍ନୟନ ମୂଳକ କାର୍ଯ୍ୟରେ ତାଙ୍କର ଅବଦାନ ରହିଛିଯ ହଳ ଯାହାର ଜମି ତାଙ୍କର ଆନ୍ଦୋଳନ ରେ ମୁସ୍ତାଦାର ମାନଙ୍କ ବିରୁଦ୍ଧରେ ମୁଖ୍ୟ ସାରଥୀ ସାଜିଥିବା କଥା ଉପସ୍ଥିତ ବକ୍ତା ମାନେ ସେମନଙ୍କ ବକ୍ତବ୍ୟରେ କରିଥିଲେଯ

## ୩୨ତମ ବିରାଟ ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ

### ଯୋଗଦେଲେ ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ

କୁଚିଣ୍ଡା,(ମହାଭାରତ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର ସର୍ବ ପୁରାତନ ଖଣ୍ଡୋକଟା ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପିତ ହୋଇଯାଇଛି।ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ହେବାକୁ ଥିବା ୩୨ତମ ବିରାଟ ଧନୁଯାତ୍ରା ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ କରିଥିଲେଯସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ,ଏ ଅ□ଳର କଳା ଓ ସଂସ୍କୃତିର ବିକାଶ ନିମନ୍ତେ ଖଣ୍ଡୋକଟା ଗ୍ରାମ ତଥା ଅଞ୍ଚଳବାସୀଙ୍କ ସହଯୋଗରେ ୩୨ବର୍ଷ ପୂର୍ବେ ୧୯୯୩ରେ ଏହି ଧନୁଯାତ୍ରା ଆରମ୍ଭ ହୋଇଥିଲା।ଏହି ଧନୁଯାତ୍ରା ସଂସ୍କୃତି ତଥା ଅ□ଳର କଳାକୁ ବିକଶିତ କରିବା ଉଦ୍ଦେଶ୍ୟରେ ଅନବରତ ଭାବେ ତାର ଉଦ୍ୟମ ଜାରି ରଖିଛି।ଫେବୃଆରୀ ୮ରୁ ମାଘ ପୂର୍ଣ୍ଣିମା ୧୨(କୃଷ୍ଣ ଜନ୍ମରୁ କଂସ ବଧ) ପର୍ଯ୍ୟନ୍ତ ୫ଦିନ ଧରି ହେବାକୁ ଥିବା ଖଣ୍ଡୋକଟା ଧନୁଯାତ୍ରା ପାଇଁ ସମଗ୍ର ଅ□ଳ ମୁଖରିତ ହେବ।ତେଣୁ ଏହି ସଂସ୍କୃତି ଭିତ୍ତିକ ମହୋତ୍ସବରେ ସମସ୍ତ ଜନସାଧାରଣ ସହଯୋଗ କରିବାକୁ ମନ୍ତ୍ରୀ ନାଏକ ଅନୁରୋଧ କରିଛନ୍ତି।ଏହି ଅବସରରେ ଗ୍ରାମର ଶ୍ରୀ ଜଗନ୍ନାଥ ମନ୍ଦିରରେ ଶୁଭ ସ୍ତମ୍ଭକୁ ପୂଜାର୍ଚ୍ଚନା କରାଯାଇ ଏକ ବିରାଟ ଶୋଭାଯାତ୍ରାରେ ଧନୁଯାତ୍ରାସ୍ଥଳ କଂସ ମଣ୍ଡପକୁ ନିଆଯାଇଥିଲା।ଏଥିରେ ଶତାଧିକ ମହିଳାପୁରୁଷ ସାମିଲ ହୋଇଥିଲେ।ଶୋଭାଯାତ୍ରାରେ ଘଣ୍ଟ ଶଙ୍ଖ,ଦୁଲଦୁଲି ବାଦ୍ୟ ସହ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିବାରୁ ଗ୍ରାମରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ପୂଜକ ପତିତପାବନ ପାଣିଗ୍ରାହୀ ଶିବଙ୍କ ଆରାଧନା କରି ଯଥାରୀତି ପୂଜାର୍ଚ୍ଚନା ପରେ ଶୁଭସ୍ତମ୍ଭର ସ୍ଥାପନ କରାଯାଇଥିଲା।ଧନୁଯାତ୍ରା ମହୋତ୍ସବ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ,ଉପସଭାପତି ସନ୍ତୋଷ ପୃଷେଠ, ସମ୍ପାଦକ ଧନିରାମ ନାୟକ,ସହସମ୍ପାଦକ ବିକାଶ ଚନ୍ଦ୍ର ନାୟକ,କୋଷାଧକ୍ଷ ଚନ୍ଦ୍ରମଣି ନାଏକଙ୍କ ତ□ାବଧାନରେ ହୋଇଥିବା କାର୍ଯ୍ୟକ୍ରମ ପରିଚାଳନାରେ କଂସ ଭୂମିକାରେ ଅଭିନୟ କରୁଥିବା ପ୍ରତାପ ଧୂରୁଆ(ପିଣ୍ଟୁ),ଡିଳେଶ୍ୱର ସାହୁ, କିଶୋର ଚନ୍ଦ୍ର ସାହୁ,ବୀରେନ୍ଦ୍ର ପଟେଲ,କୃଷ୍ଣଚନ୍ଦ୍ର ନାୟକ, ଶ୍ରୀବତ୍ସ ମାକର, ପ୍ରଫୁଲ୍ଲ ପଟେଲ,ସୁମନ୍ତ ନାୟକ, ସନ୍ତୋଷ ପଟେଲ,ବେଦବ୍ୟାସ ପଟେଲ, ତୁଳାରାମ ସାହୁ, ମନୋଜ ପୃଷେଠଙ୍କ ସମେତ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସହଯୋଗ କରିଥିଲେ।

## ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସ୍ୱେଚ୍ଛାସେବୀଙ୍କ ସାଇକେଲ ଯାତ୍ରା



ଅନୁଗୋଳ,(ମହାଭାରତ):ଶିଳ୍ପ ସମୃଦ୍ଧ ଆନୁଗୋଳ ସହରରେ ପ୍ରଦୂଷଣର ମାତ୍ରା ବଢ଼ିବାରେ ଲାଗିଥିବା ବେଳେ ଏଠାରେ ବଞ୍ଚିବା ହୋଇପଡୁଛି ଦୁର୍ବିସହ । ଶ୍ୱାସ, ଯକ୍ଷ୍ମା, କ୍ୟାନ୍ସର,ଚର୍ମଜନିତ ରୋଗ ଆଦିରେ ଲୋକମାନେ ପଡି ହନ୍ତସନ୍ତ ହେଉଥିବାବେଳେ ଖଣି କଳକାରଖାନାର ଧୂଆଁ ଧୂଳି, ଯାନବାହନରୁ ନିର୍ଗତ ଧୂଆଁ ପ୍ରଦୂଷଣର ମାତ୍ରାକୁ ଦ୍ୱିଗୁଣିତ କରୁଛି। ଦ୍ରୁତ ଶିଳ୍ପାୟନ ଓ ଖଣି ଖାଦାନ ବୃଦ୍ଧି ଯୋଗୁଁ ଅନୁଗୋଳ ଜିଲ୍ଲାରୁ ସବୁଜିମା ହଜି ଯିବାକୁ ବସିଥିବାବେଳେ, ପୁରୁଣା ଜଙ୍ଗଲକୁ ଖଣି କର୍ତ୍ତୃପକ୍ଷ କାଟିବାରେ ଲାଗିଥିବାବେଳେ ଅନୁଗୋଳ ଜିଲ୍ଲାରେ ବସ ବାସ କରିବା ଏକରକମ ଅସମ୍ଭବ ହୋଇପଡ଼ିଲାଣି। ତେଣୁ ଏହାର ନିରାକରଣ ପାଇଁ ଆଜି କିଛି ସ୍ୱେଚ୍ଛାସେବୀ ଅନୁଗୋଳ ଶୈଳଶ୍ରୀ କ୍ଷେତ୍ର ସମ୍ମୁଖରୁ ସାଇକଲରେ ଶୋଭାଯାତ୍ରାରେ ବାହାରିଛନ୍ତି ।ବିଶିଷ୍ଟ ସମାଜସେବୀ କୃଷ୍ଣା ମହାନ୍ତି ଶୋଭାଯାତ୍ରାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।ସ୍ୱେଚ୍ଛାସେବୀଗଣ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ରାଜ୍ୟପାଳଙ୍କୁ ଭେଟି ଅନୁଗୋଳ ସହରର ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଦାବି ପତ୍ର ଦେବାର ରହିଛି କାର୍ଯ୍ୟକ୍ରମ।



ମହାଭାରତ ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






# ଯୁଦ୍ଧପୋତ, କ୍ଷେପଣାସ୍ତ୍ର ବୃଦ୍ଧି କରୁଛନ୍ତି ଇସ୍ରାଏଲ୍ -ତୁର୍କୀ

**ତେଲ ଅଭିବ,୧୫।୧(ଏଜେନ୍ସି):** ଗାଜା, ଲେବାନନ୍ ଏବଂ ସିରିଆରେ ଯୁଦ୍ଧ ପରେ ଇସ୍ରାଏଲ୍ ଏବଂ ତୁର୍କୀ ମଧ୍ୟରେ ସମ୍ପର୍କ ଏବେ ଅଧିକ ତିକ୍ତ ହେବାରେ ଲାଗିଛି। ମୁସଲମାନ ଦେଶର ଖଲିଫା ହେବାକୁ ସ୍ୱପ୍ନ ଦେଖୁଥିବା ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏବଂ ତୁର୍କୀ ରାଷ୍ଟ୍ରପତି ରିସେପ୍ ତାଇପ ଏର୍ଦୋଗନଙ୍କ ଆଭିମୁଖ୍ୟ ଯୋଗୁ ପଶ୍ଚିମ ଏସିଆରୁ ଭୂମଧ୍ୟସାଗର ପର୍ଯ୍ୟନ୍ତ ପରିବେଶ ତିକ୍ତ ହୋଇପଡିଛି । ଇସ୍ରାଏଲ ଏବଂ ତୁର୍କୀ ମଧ୍ୟରେ ଚାଲିଥିବା ବିବାଦର କେନ୍ଦ୍ର ପାଲଟିଛି । ଯେଉଁଠାରେ ଏର୍ଦୋଗନଙ୍କ ସମର୍ଥିତ ଏଚଟିଏସ ବିଦ୍ରୋହୀମାନେ ବଶର ଅଲ-ଅସଦଙ୍କ ପଳାୟନ ପରେ କ୍ଷମତା ଦଖଲ କରିଛନ୍ତି । ଏହା ସହିତ ତୁର୍କୀର ନିୟନ୍ତ୍ରଣ କ୍ଷେତ୍ର ବର୍ତ୍ତମାନ ଇସ୍ରାଏଲ୍ ସୀମାରେ ପହଞ୍ଚିଛି । କେବଳ ଏତିକି ନୁହେଁ, ତୁର୍କୀ ସେ ନ୍ୟବାହିନୀ ସିରିଆ ଭିତରେ ବହୁ ସଂଖ୍ୟାରେ ଉପସ୍ଥିତ ଅଛନ୍ତି ଏବଂ ଇସ୍ରାଏଲ ତଥା ଆମେରିକା ଦ୍ୱାରା ସମର୍ଥିତ କୁର୍ଦ୍ଦମାନଙ୍କ ଉପରେ ଆକ୍ରମଣ କରୁଛନ୍ତି । ଏହି ଉତ୍ତେଜନା ମଧ୍ୟରେ ତୁର୍କୀ ଏବଂ ଇସ୍ରାଏଲ ମଧ୍ୟରେ ସାମରିକ ବିବାଦ ହେବାକୁ ଯାଉଛି ବୋଲି ଅନ୍ତର୍ଜାତୀୟସ୍ତରରେ ଚର୍ଚ୍ଚା ହେଉଛି । ଉଭୟ ଇସ୍ରାଏଲ ଏବଂ ତୁର୍କୀ ସାମରିକ ଶକ୍ତି ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି । ତୁର୍କୀ ରାଷ୍ଟ୍ରପତି ଭୂମଧ୍ୟସାଗର ଆଫ୍ରିକା ଉପରେ ନଜର ରଖିଛନ୍ତି । ସେ ସେଠାରେ ନିଜର ପ୍ରଭାବ ବାଇବାକୁ ଚାହୁଁଛନ୍ତି । ବିଶେଷଜ୍ଞମାନେ କହିଛନ୍ତି ଯେ, ଅକ୍ଟୋବର ୭ ରେ ହମାସ ଆକ୍ରମଣର ଜବାବ ଦେବା ପାଇଁ ଯେତେବେଳେ ଇସ୍ରାଏଲ୍ ଗାଜା ଉପରେ ଆକ୍ରମଣ କରିଥିଲା, ତୁର୍କୀ ଏହାର ଫାଇଦା ଉଠାଇଥିଲା । ଏର୍ଦୋଗନଙ୍କ ଦଳ ଦେଶ ତଥା ଏହାର ଆଖପାଖ ଅଞ୍ଚଳରେ ଇସଲାମ ତଥା ଏକ ନୂତନ ଅସ୍ମାନୀ ଭାବନାର ପ୍ରଚାର କରି ହମାସ ଏବଂ କତାର ସହ ଘନିଷ୍ଠ ସମ୍ପର୍କକୁ ପ୍ରୋତ୍ସାହିତ କରୁଛି । ଗାଜା ଯୁଦ୍ଧ ସମୟରେ ତୁର୍କୀ ସରକାର ହମାସକୁ ନେତିକ ସମର୍ଥନ ଯୋଗାଇ ବିବାଦ ଭିତରକୁ ଆସିଥିଲେ । କେବଳ ଏତିକି ନୁହେଁ, ଅନେକ ହମାସ କମାଣ୍ଡର ତୁର୍କୀରେ ଆଶ୍ରୟ ନେଇଥିଲେ । କେବଳ ଏତିକି ନୁହେଁ, ତୁର୍କୀ କ୍ରମାଗତ ଭାବରେ ଇସ୍ରାଏଲକୁ ଟାର୍ଗେଟ କରୁଛି । ତୁର୍କୀ ଧମକ ଦେଇଥିଲା ଯେ, ଯଦି ଇସ୍ରାଏଲ୍ ଲେବାନନ୍ ଉପରେ ଆକ୍ରମଣ କରେ, ତୁର୍କୀ ମଧ୍ୟ ଯୁଦ୍ଧକୁ ଓହ୍ଲାଇବ । ସିରିଆରେ ଏଚଟିଏସ ର ସଫଳତାରେ ତୁର୍କୀ ଗୁପ୍ତଚର ସଂସ୍ଥା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ସିରିଆର ଅସାଦ ସରକାର ତୁର୍କୀରୁ ଲକ୍ଷ ଲକ୍ଷ ଶରଣାର୍ଥୀଙ୍କୁ ଫେରାଇ ଆଣିବାକୁ ମନା କରିଦେଇଥିଲେ । ବର୍ତ୍ତମାନ ଏଚଟିଏସ ତୁର୍କୀ ସହିତ ସହଯୋଗ କରୁଛି । ସିରିଆରେ ଏଚଟିଏସ କ୍ଷମତାକୁ ଆସିବାର କିଛି ସମୟ ପରେ ଇସ୍ରାଏଲ୍ ସିରିଆର ହରମୋନ୍ ପର୍ବତକୁ ଦଖଲ କରିଥିଲା । ସେହିପରି, ଇସ୍ରାଏଲ ଲଗାତାର ଆକ୍ରମଣ କରି ସିରିଆର ଅସଦ ସେନାର ଅସ୍ତ୍ରଶସ୍ତ୍ରକୁ ନଷ୍ଟ କରିଦେଇଛି । ଏଥି ସହିତ ଇସ୍ରାଏଲ୍ ତୁର୍କୀ ସେନାର କୁର୍ଦ୍ଦମାନଙ୍କ ବିରୋଧରେ ଅଭିଯାନକୁ ମଧ୍ୟ ନିନ୍ଦା କରିଛି । ଇସ୍ରାଏଲ୍ ସିରିଆ ଭିତରେ ପ୍ରାୟ ୧୦ କିଲୋମିଟର ପ୍ରବେଶ କରି ଏକ ବଫର୍ ଜୋନ୍ ସୃଷ୍ଟି କରିଛି । ତୁର୍କୀ ଏବଂ ଇସ୍ରାଏଲ ମଧ୍ୟରେ ବିବାଦ ବର୍ତ୍ତମାନ ପର୍ଯ୍ୟନ୍ତ ପରଦା ପଛରେ ଚାଲିଥିଲା କିନ୍ତୁ ବର୍ତ୍ତମାନ ଉତ୍ତେଜନା ବୃଦ୍ଧି ପାଉଛି ।

# ମେଟା ସିଇଓଙ୍କ ମନ୍ତବ୍ୟକୁ ଖଣ୍ଡନ

**ନୂଆଦିଲ୍ଲୀ,୧୫।୧(ଏଜେନ୍ସି):** ମେଟା ସିଇଓ ମାର୍କ ଜକରବର୍ଗ ଭାରତ ସଂପର୍କରେ ଦେଇଥିବା ମନ୍ତବ୍ୟକୁ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଖଣ୍ଡନ କରିଛନ୍ତି । ଏକ ସାକ୍ଷାତକାରରେ ଜକରବର୍ଗ କହିଥିଲେ ଯେ କୋଭିଡ୍-୧୯ ପରେ ବିଶ୍ୱରେ ଭାରତ ସମେତ ଅନ୍ୟ ସବୁ ସ୍ଥାନରେ ହୋଇଥିବା ନିର୍ବାଚନରେ ଶାସନ । ମତାରେ ଥିବା ଦଳଗୁଡ଼ିକ ପରାଜିତ ହୋଇଛନ୍ତି । ଜୋ ରୋଗାନଙ୍କ ସହିତ ଏକ ପଡକାଷ୍ଟ୍ରେ ସେ ଦାବି କରିଥିଲେ ୨୦୨୪ ମସିହା ବିଶ୍ୱ ପାଇଁ ଏକ ନିର୍ବାଚନ ବର୍ଷ ଥିଲା । ଭାରତ ସମେତ ବହୁ ଦେଶରେ ନିର୍ବାଚନ ହୋଇଥିଲା । ମୁଖ୍ୟତଃ ଶାସନ କ୍ଷମତାରେ ଥିବା ଦଳଗୁଡ଼ିକ ନିର୍ବାଚନରେ ହାରିଯାଇଥିଲେ । ଉଚ୍ଚ ମୁଦ୍ରାସ୍ଫୀତି ହେଉ କିମ୍ବା କୋଭିଡ୍ ମହାମାରୀର ମୁକାବିଲା ପାଇଁ ନିଆଯାଇଥିବା ଅର୍ଥନୈତିକ ନୀତି ପାଇଁ ହେଉ ଅବା ସରକାର ଯେଉଁଳି ଭାବେ



କୋଭିଡ୍ର ମୁକାବିଲା କଲେ ତାହାର ପ୍ରଭାବ ନିର୍ବାଚନ ଉପରେ ପଡ଼ିଛି । ଏଥିଯୋଗୁ କ୍ଷମତାରେ ଥିବା ସରକାର ଏବଂ ମୋଟାମୋଟିଭାବେ ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକ ଉପରେ ଆସ୍ଥା ହ୍ରାସ ପାଇବାରୁ ଏହା ହୋଇଛି ବୋଲି ମେଟା ସିଇଓ କହିଛନ୍ତି । କିନ୍ତୁ ଏହା ଉପରେ କଡ଼ା ପ୍ରତିକ୍ରିୟା ରଖିଛନ୍ତି ଭାରତ ସରକାର । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଚାଲିଥିବା ସରକାର ୨୦୨୪ ନିର୍ବାଚନରେ ପରାଜିତ ହୋଇଛି ବୋଲି ଜକରବର୍ଗ କରିଥିବା ଦାବିକୁ କେନ୍ଦ୍ରମନ୍ତ୍ରୀ ବୈଷ୍ଣବ ଭୁଲ୍ ବୋଲି କହିଛନ୍ତି । ବୈଷ୍ଣବ କହିଛନ୍ତି ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଭାରତରେ ୨୦୨୪ରେ ହୋଇଥିବା ନିର୍ବାଚନରେ ୬୪ କୋଟିରୁ ଅଧିକ ଭୋଟର ସାମିଲ ଥିଲେ । ଭାରତର ଲୋକମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃବ ଉପରେ ପୁନର୍ବାର ଆସ୍ଥା ସ୍ଥାପନ କରିଛନ୍ତି । ତେଣୁ ଜକରବର୍ଗଙ୍କ ମନ୍ତବ୍ୟ ତଥ୍ୟ ଦୃଷ୍ଟିରୁ ଠିକ୍ ନୁହେଁ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ୨୦୨୪ ନିର୍ବାଚନରେ ଏନଡିଏ ବିଜୟୀ ହୋଇ ଲଗାତାର ତୃତୀୟ ଥର ପାଇଁ କ୍ଷମତାକୁ ଆସିଛି । ମହାମାରୀ ସମୟରେ ସରକାର ୮୦ କୋଟି ଲୋକଙ୍କୁ ମାଗଣାରେ ଖାଦ୍ୟ ବଣ୍ଟନ କରିବା ସହିତ ୨୨୦ କୋଟି ମାଗଣା ଟିକା ପ୍ରଦାନ କରିଛନ୍ତି ଏବଂ ଅନ୍ତର୍ଜାତୀୟ ସମୁଦାୟକୁ ସହାୟତା ଯୋଗାଇଛନ୍ତି । ମେଟା ସିଇଓଙ୍କ ଦ୍ୱାରା ଭୁଲ୍ ସୂଚନା ପ୍ରସାର କରାଯାଇଥିବାରୁ ଏହା ନିରାଶ କରିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## ଭାରତୀୟ ସଶସ୍ତ୍ର ବାହିନୀର 'ଡେୟାର ୨' ରାଲି

**ନୂଆଦିଲ୍ଲୀ,୧୫।୧(ଏଜେନ୍ସି):** ବିଶ୍ୱର ସବୁଠାରୁ ମୂଲ୍ୟବାନ ଦୁଇ ଚକିଆ ଓ ତିନି ଚକିଆ ଯାନ କମ୍ପାନି ବଜାଜ ଅଟୋ ଭାରତୀୟ ସଶସ୍ତ୍ର ବାହିନୀ ସହ ଭାଗିଦାରୀରେ ବିଶାଖାପାଟଣାରୁ ଅଯୋଧ୍ୟା ପର୍ଯ୍ୟନ୍ତ ୧୩ ଦିନିଆ ମିଳିତ ରାଲି 'ଡେୟାର-୨'କୁ ପତାକା ଦେଖାଇ ଶୁଭାରମ୍ଭ କରିଛି । ପଲସର ଏନଏସ୪୦୦ଜେଡର ଗତିଶୀଳତାରେ ସଜ୍ଜିତ ଭାରତୀୟ ନୌସେନାର ୧୫ ଜଣ ନିର୍ଭୀକ ଯବାନ ୧୬୦୦ କିଲୋମିଟର ଅତିକ୍ରମ କରି ପଲସର ଏନଏସ ୪୦୦ଜେଡ ସହିତ ସାହସିକତା'ର ଭାବନାକୁ ସୂଚାଇବେ । ବଜାଜ ଅଟୋ ଲିମିଟେଡର ମାର୍କେଟିଂ ସଭାପତି ସୁମିତ ନାରଙ୍ଗ କହିଛନ୍ତି ଯେ, "ଡେୟାର-୨ ମୋଟର ସାଇକେଲ ରାଲିରେ ସାମିଲ ହେବା ପାଇଁ ଚରମ ଡେଷ୍ଟ୍ରୋୟର ଆଇଏନଏସ ରଣବିଜୟଙ୍କ ଦ୍ୱାରା ପ୍ରତିନିଧିତ୍ୱ କରୁଥିବା ଭାରତୀୟ ନୌସେନାର ସମ୍ମାନଜନକ ପୂର୍ବ ଖଣ୍ଡା ସହିତ ହାତ ମିଳାଇ ଆମେ ଅତ୍ୟନ୍ତ ଗର୍ବିତ ।

# ଚୀନଠାରୁ ଟିକ୍‌ଟକ୍‌କୁ କିଣିବେ ମସ୍କ !

**ନୂଆଦିଲ୍ଲୀ,୧୫।୧(ଏଜେନ୍ସି):** ଭାରତରେ ନିଷିଦ୍ଧ ଥିବା ଚୀନର ଲୋକପ୍ରିୟ ଆପ୍ ଟିକ୍‌ଟକ୍ ଏହାର ଆମେରିକା ବ୍ୟବସାୟକୁ ଟେସ୍ଲା ମୁଖ୍ୟ ଏଲନ୍ ମସ୍କଙ୍କୁ ବିକ୍ରି କରିବା ଉପରେ ବିଚାର କରୁଛି । ଆମେରିକାର ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ୍ ନିର୍ବାଚିତ ହୋଇଥିବାରୁ ଆପକୁ ନିଷିଦ୍ଧ କରାଯିବାର ପ୍ରବଳ ସମ୍ଭାବନା ରହିଛି । ସେଭଳି କୌଣସି ପ୍ରକାର ଅଭାବନୀୟ ସ୍ଥିତିକୁ ଏଡ଼ାଇବା ଲାଗି ଟିକଟକର ଆମେରିକା କାରବାରକୁ ଟ୍ରମ୍ପ୍‌ଙ୍କ ଅତ୍ୟନ୍ତ ଘନିଷ୍ଠ ମସ୍କଙ୍କୁ ବିକ୍ରି କରିବା ପାଇଁ ଚୀନର ଅଧିକାରୀମାନେ କଥାବାର୍ତ୍ତା ଆରମ୍ଭ କରିଥିବା କୁହାଯାଉଛି । ତେବେ ଏହି ଖବରକୁ ଟିକଟକ୍ ପକ୍ଷରୁ ଦୃ ଭାବେ ଖଣ୍ଡନ କରାଯିବା ସହ ଏହା ସମ୍ପୂର୍ଣ୍ଣ ରୂପେ ମନଗା କାହାଣୀ ବୋଲି କୁହାଯାଇଛି । ମସ୍କଙ୍କ ପାଖରେ ବିଶ୍ୱର ଅନ୍ୟତମ ବୃହ୍ ସୋସିଆଲ ମିଡିଆ 'ଏକ୍ସ' (ପୂର୍ବରୁ ଟ୍ୱିଟର୍) ରହିଛି । ଟିକ୍‌ଟକକୁ କିଣିବା ପରେ ଏହି କ୍ଷେତ୍ରରେ ମସ୍କଙ୍କ ପତିଆରା ଆହୁରି ବଢିବ । ଆମେରିକାରେ ଟିକଟକକୁ ୧୭ କୋଟିରୁ ଅଧିକ ଲୋକ ବ୍ୟବହାର କରୁଛନ୍ତି । ପୂର୍ବରୁ ଆମେରିକା ଟିକଟକକୁ ଏକ ସମୟ ସୀମା ପ୍ରଦାନ କରିଛି । ଚଳିତ ବର୍ଷ ଜାନୁଆରୀ ୧୯ ସୁଦ୍ଧା ନିଜର ସମସ୍ତ ଅଂଶଧନକୁ ବିକ୍ରି କରିବା କିମ୍ବା ନିଷେଧାଦେଶର ସାମ୍ନା କରିବା ଭଳି ଦୁଇଟି ବିକଳ୍ପ ପ୍ରଦାନ କରାଯାଇଛି । ଏହି ସମୟ ସୀମା ଶୀଘ୍ର ଶେଷ ହେବାକୁ ଯାଉଥିବା ବେଳେ କମ୍ପାନୀ ଆମେରିକା ସୁପ୍ରମକୋର୍ଟରେ ଆବେଦନ କରି ସମ୍ଭାବ୍ୟ ନିଷେଧାଦେଶ ରୋକିବାକୁ ଉଦ୍ୟମ କରିଛି । ତେବେ କମ୍ପାନୀ ଉପସ୍ଥାପନ କରିଥିବା ଯୁକ୍ତି କୋର୍ଟଙ୍କୁ ବିଶେଷ ପ୍ରଭାବିତ କରିପାରିନାହିଁ । ୨୦୨୦ରେ ଲଦାଖର ଗଲ୍‌ୱାନ ଘାଟିରେ ସଂଘର୍ଷ ଘଟି ୨୦ ଭାରତୀୟ ଯବାନ ସହିଦ ହେବା ହେବା ପରେ ଅର୍ଥନୈତିକ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଭାରତ ପକ୍ଷରୁ ଟିକଟକ୍ ସମେତ ଚୀନର ବହୁ ଲୋକପ୍ରିୟ ଆପକୁ ନିଷିଦ୍ଧ କରାଯାଇଥିଲା । ସେହି ସମୟରେ ଦେଶରେ ତାହା ଅତ୍ୟନ୍ତ ଲୋକପ୍ରିୟ ଥିଲା । ପରବର୍ତ୍ତୀ ସମୟରେ ରେଳ, ଟେଲିକମ୍ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପରୁ ଚୀନ୍ ସଂସ୍ଥାଗୁଡ଼ିକୁ ହଟାଇ ଦିଆଯାଇଥିଲା । ଚୀନରୁ ଆସୁଥିବା ନିବେଶ ଉପରେ ଲଗାମ କଷିବା ଲାଗି ସେଗୁଡ଼ିକୁ ପ୍ରଥମେ ସରକାରୀ ଅନୁମତି ଆବଶ୍ୟକ ବୋଲି ନିୟମ ଲାଗୁ କରାଯାଇଥିଲା ।

# ଭାଗବତଙ୍କ ବୟାନ ଦେଶଦ୍ରୋହ ସହ ସମାନ

**ନୂଆଦିଲ୍ଲୀ,୧୫।୧(ଏଜେନ୍ସି):** ଲୋକସଭାରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ସମ୍ବିଧାନ ଉପରେ ମୋହନ ଭାଗବତଙ୍କ ବୟାନକୁ ତୀବ୍ର ସମାଲୋଚନା କରିଛନ୍ତି । ସେ କହିଛନ୍ତି, ମୋହନ ଭାଗବତ ଦେଇଥିବା ବୟାନ ଆମ ସମ୍ବିଧାନ ଉପରେ ସିଧାସଳଖ ଆକ୍ରମଣ । ସେ କହିଥିଲେ ଯେ ସମ୍ବିଧାନ ଆମ ସ୍ୱାଧୀନତାର ପ୍ରତୀକ ନୁହେଁ ଯାହା ସମ୍ପୂର୍ଣ୍ଣ ଭୁଲ କଥା । ପଞ୍ଜାବ, କାଶ୍ମୀର ଏବଂ



ଉତ୍ତର-ପୂର୍ବରେ ଆମର ହଜାର ହଜାର କର୍ମୀଙ୍କ ମୃତ୍ୟୁ କେବଳ ସମ୍ବିଧାନର ଉଲ୍ଲଂଘନ ନୁହେଁ ବରଂ ଆମର ମୂଲ୍ୟବୋଧର ମଧ୍ୟ ଉଲ୍ଲଂଘନ । ଗାନ୍ଧୀ ଏହା ମଧ୍ୟ କହିଛନ୍ତି ଯେ ଭାରତର ବିଚାରଧାରା ପାଶ୍ଚାତ୍ୟ ବିଚାରଧାରାଠାରୁ ସମ୍ପୂର୍ଣ୍ଣ ଭିନ୍ନ ଯାହା ଆତ୍ମ ବୁଝାମଣା ଉପରେ ଗୁରୁତ୍ୱ ଦେଇଥାଏ ଏବଂ ପାଶ୍ଚାତ୍ୟ ବାହ୍ୟ ଜଗତ ଉପରେ ଧ୍ୟାନ ଦିଏ । ରାହୁଲ ଗାନ୍ଧୀ ମୋହନ ଭାଗବତଙ୍କ ବୟାନକୁ ଦେଶଦ୍ରୋହ ବୋଲି କହିଛନ୍ତି । ମୋହନ ଭାଗବତ ସ୍ୱାଧୀନତା ସଂଗ୍ରାମ ଓ ସମ୍ବିଧାନ ବିଷୟରେ କ'ଣ ଭାବୁଛନ୍ତି ତାହା ପ୍ରତି ୨-୩ ଦିନରେ କହିବାର ସାହସ ରହିଛି । ସମ୍ବିଧାନ ଓ ସ୍ୱାଧୀନତା ସଂଗ୍ରାମ ବେଆଇନ ବୋଲି ସେମାନେ କହିଛନ୍ତି । ଏହା ଏକ ବଡ଼ ଅପରାଧ । ଏପରି କହିବା ଆମ ଦେଶର ସ୍ୱାଧୀନତା ଏବଂ ପ୍ରତ୍ୟେକ ଭାରତୀୟଙ୍କ ପ୍ରତି ଅପମାନ । ଯଦି ଅନ୍ୟ କୌଣସି ଦେଶରେ ଏହି ବୟାନ ଦିଆଯାଇଥାନ୍ତା, ତେବେ ଭାଗବତଙ୍କୁ ଗିରଫ କରାଯାଇ ନ୍ୟାୟିକ କାର୍ଯ୍ୟାନୁଷ୍ଠାନ ନିଆଯାଇଥାନ୍ତା ବୋଲି ସେ କହିଛନ୍ତି, ବର୍ତ୍ତମାନ ସମୟ ଆସିଛି ଯେ କିଛି ଲୋକ ବିନା ଚିନ୍ତାରେ ସର୍ବସାଧାରଣରେ କହୁଛନ୍ତି ।

# 'ପ୍ୟାରିସ୍ ଭଳି ଦିଲ୍ଲୀ' କହି କେଜ୍ରିୱାଲଙ୍କୁ ରାହୁଲଙ୍କ କଟାକ୍ଷ

**ନୂଆଦିଲ୍ଲୀ,୧୫।୧(ଏଜେନ୍ସି):** ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ପ୍ରତି ତାଙ୍କ ସମାଲୋଚନାକୁ ଆହୁରି ଶାଣିତ କରିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ । ଫଳରେ ଇଣ୍ଡି ବ୍ଲକରେ ଦେଖା ଦେଇଥିବା ଫାଟ ଆହୁରି ଓସାରିଆ ହୋଇଛି । ରାହୁଲ ମଙ୍ଗଳବାର ଏକ୍ସରେ ଏକ ଭିଡିଓ ପୋଷ୍ଟ କରିଛନ୍ତି । ଏହାର କ୍ୟାପସନରେ ସେ ଲେଖିଛନ୍ତି- ଏହା ହେଉଛି କେଜ୍ରିୱାଲଙ୍କ ଚମକୁଥିବା ଦିଲ୍ଲୀ -ପ୍ୟାରିସ ଭଳି ଦିଲ୍ଲୀ ! ଏହି ଭିଡିଓରେ ରାହୁଲ ଦିଲ୍ଲୀର ଏକ ନାଳ କଡ଼ରେ ବୁଲୁଥିବାର ଦେଖିବାକୁ ମିଳିଛି । ଉକ୍ତ ନାଳଟି ଅଳିଆରେ ଭର୍ତ୍ତି ହୋଇଛି । ଏହା ଦେଖି ସେ କହିଛନ୍ତି- ଦେଖ, ଦିଲ୍ଲୀକୁ ଦେଖ । ଦିଲ୍ଲୀ ଚମକୁଛି । ପ୍ୟାରିସ ଭଳି ଦିଲ୍ଲୀ । ସବୁ ଜାଗାରେ ଏହି ଅବସ୍ଥା । ୨୦୧୯ରେ କେଜ୍ରିୱାଲ ପ୍ରତିଶ୍ରୁତି ଦେଇଥିଲେ ଯେ



ପ୍ୟାରିସ ଓ ଲଣ୍ଡନ ଭଳି ଦିଲ୍ଲୀକୁ ସଫା କରି ଦେବେ । ଏହା ସହିତ ଦିଲ୍ଲୀରେ ରାସ୍ତା ଓ ହସ୍ପିଟାଲ ସମେତ ଅନ୍ୟାନ୍ୟ ଭିତ୍ତିଭୂମିକୁ ଉତ୍ତମ କରାଯିବ ବୋଲି କହିଥିଲେ । ଏମିତିକି ଯମୁନା ନଦୀକୁ ସଫା କରି ଦେବେ ବୋଲି କହିଥିଲେ । ସେଥିପାଇଁ ରାହୁଲ ଗାନ୍ଧୀ ଆଜି ତାଙ୍କୁ କଟାକ୍ଷ କରି ପ୍ୟାରିସ ଭଳି ଦିଲ୍ଲୀ କହିଛନ୍ତି । ଗତକାଲି ମଧ୍ୟ କେଜ୍ରିୱାଲଙ୍କୁ ସମାଲୋଚନା କରି ରାହୁଲ ଗାନ୍ଧୀ କହିଥିଲେ ଯେ ସେ ଦରଦାମ ଓ ପ୍ରଦୂଷଣ ରୋକିବାକୁ କିଛି କରି ନାହାନ୍ତି । ଏହା ସହିତ ସେ କେଜ୍ରିୱାଲଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ତୁଳନା କରିଥିଲେ । ଉଭୟ କେବଳ ମିଛ ପ୍ରତିଶ୍ରୁତି ଦେଇ ଜାଣନ୍ତି ବୋଲି ରାହୁଲ କହିଥିଲେ । ରାହୁଲଙ୍କ ଏହି ମନ୍ତବ୍ୟ ଆସିବା ପରେ ଏପର୍ଯ୍ୟନ୍ତ ତାଙ୍କୁ ବ୍ୟକ୍ତିଗତ ଭାବେ ସମାଲୋଚନା କରି ନଥିବା ଅରବିନ୍ଦ କେଜ୍ରିୱାଲ କହିଥିଲେ ରାହୁଲ ତାଙ୍କ ସହିତ ଦୁର୍ବ୍ୟବହାର କରିଛନ୍ତି । ସେ ଦେଶକୁ ବଞ୍ଚାଇବାକୁ ଚେଷ୍ଟା କରୁଥିବା ବେଳେ ରାହୁଲ କଂଗ୍ରେସକୁ ବଞ୍ଚାଇବାକୁ ଚେଷ୍ଟା କରୁଛନ୍ତି ବୋଲି କେଜ୍ରିୱାଲ କହିଥିଲେ । ଇଣ୍ଡି ବ୍ଲକ୍ ମଧ୍ୟରେ ସବୁ କିଛି ଠିକଠାକ୍ ଚାଲି ନଥିବା ବେଳେ ଉଭୟ ଆପ୍ ଓ କଂଗ୍ରେସ ସଦସ୍ୟଙ୍କ ମଧ୍ୟରେ କାନ୍ଧୁଆ ଫିଙ୍ଗାଫିଙ୍ଗି ବିଯାଇଛି । ଏମିତିକି ଅନ୍ୟ ଦଳ ସହିତ ଆଲୋଚନା କଲା ପରେ କଂଗ୍ରେସକୁ ଇଣ୍ଡି ବ୍ଲକରୁ ବାହାର କରିଦେବାକୁ ଧମକ ଦେଇଛି ଆପ୍ । ଗତ ଲୋକସଭା ନିର୍ବାଚନରେ ଦିଲ୍ଲୀରେ ଆପ୍ ଓ କଂଗ୍ରେସ ଏକାଠି ଲଢ଼ିଥିଲେ । କିନ୍ତୁ କେହି ଗୋଟିଏ ବି ଆସନ ପାଇ ନଥିଲେ । କିନ୍ତୁ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଉଭୟ ଅଲଗା ଅଲଗା ଲଢୁଛନ୍ତି । ୨୦୧୫ରୁ ଦିଲ୍ଲୀରେ ଆପ୍ କ୍ଷମତାରେ ଅଛି । ଲଗାତାର ତୃତୀୟ ଥର ପାଇଁ ଦଳ ଏଠାରେ ଜିତିବାକୁ ପ୍ରୟାସ କରୁଛି । ଅନ୍ୟପକ୍ଷରେ ୨୭ ବର୍ଷ ପରେ ଦିଲ୍ଲୀରେ ପୁଣି କ୍ଷମତାରେ ବସିବାକୁ ପ୍ରୟାସ ଚଳାଇଛି ବିଜେପି । ସେହିପରି ଆପ୍ ପୂର୍ବରୁ ୧୫ ବର୍ଷ ଧରି ଦିଲ୍ଲୀରେ ଶାସନ କରୁଥିବା କଂଗ୍ରେସ ପୁଣି କ୍ଷମତାକୁ ଆସିବ ବୋଲି ଆଶା ରଖିଛି ।

## ରୁଷ-ୟୁକ୍ରେନ ଯୁଦ୍ଧରେ ଭାରତୀୟ ନାଗରିକ ନିହତ

**କ୍ୱିଭ୍/ମସ୍କୋ,୧୫।୧(ଏଜେନ୍ସି):** ରୁଷ-ୟୁକ୍ରେନ ଯୁଦ୍ଧରେ ଜଣେ ଭାରତୀୟ ନାଗରିକ ନିହତ ନିହତ ହୋଇଛନ୍ତି । ଏହା ପରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତ୍ତି ଜାରି କରିଛି । ସେହି ବ୍ୟକ୍ତି କେରଳର ବାସିନ୍ଦା ଥିଲେ ଏବଂ ରୁଷ ସେନା ପକ୍ଷରୁ ଆଗରେ ଯୁଦ୍ଧ କରୁଥିଲେ । ତାଙ୍କ ସହ ତାଙ୍କର କିଛି ସମ୍ପର୍କୀୟ ଥିଲେ ଯେଉଁମାନେ ଆହତ ହୋଇଥିଲେ । ରୁଷ ସେନାରେ କାର୍ଯ୍ୟରତ ଅବଶିଷ୍ଟ ନାଗରିକମାନଙ୍କୁ ଯଥାଶୀଘ୍ର ମୁକ୍ତ କରିବାକୁ ବୈଦେଶିକ ମନ୍ତ୍ରଣାଳୟ ରୁଷକୁ କହିଛି । ବୈଦେଶିକ ମନ୍ତ୍ରଣାଳୟ କହିଛି, କେରଳର ଜଣେ ଭାରତୀୟ ନାଗରିକଙ୍କ ଦୁର୍ଭାଗ୍ୟଜନକ ମୃତ୍ୟୁ ବିଷୟରେ ଆମେ ଜାଣିବାକୁ ପାଇଲୁ, ଯିଏକି ରୁଷ ସେନାରେ ଚାକିରି ପାଇଁ ନିଯୁକ୍ତ ହୋଇଥିଲେ । କେରଳର ଅନ୍ୟ ଜଣେ ଭାରତୀୟ ନାଗରିକ ଆହତ ହୋଇଛନ୍ତି ଏବଂ ତାଙ୍କୁ ମସ୍କୋକୁ ବିମାନ ଉଡ଼ାଣ କରାଯାଇଛି । ଆମେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ମୃତକଙ୍କ ପରିବାର ପ୍ରତି ଆମର ଗଭୀର ସମବେଦନା ଜଣାଉଛୁ । ରୁଷ ସେନାରେ ଯୁଦ୍ଧ କରୁଥିବା ଭାରତୀୟ ନାଗରିକଙ୍କ ସମ୍ପର୍କରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ, ଆମେ ରୁଷର ଅଧିକାରୀଙ୍କ ସହ ଆଲୋଚନା କରିଛୁ ଏବଂ ରୁଷର ସେନାରେ କାର୍ଯ୍ୟ କରୁଥିବା ଭାରତୀୟମାନଙ୍କୁ ଯଥାଶୀଘ୍ର ମୁକ୍ତ କରାଯାଉ ବୋଲି ଅନୁରୋଧ କରିଛୁ ।

# ରୁଷ୍ ତେଲ କିଣାରୁ ଭାରତର ପଛଘୁଞ୍ଚା

**ନୂଆଦିଲ୍ଲୀ,୧୫।୧(ଏଜେନ୍ସି):** ୟୁକ୍ରେନ୍ ସହ ଯୁଦ୍ଧ ପରେ ରିହାତିରେ ତେଲ ବିକ୍ରି କରୁଥିବା ରୁଷଠାରୁ ଭାରତ ବିପୁଳ ଅଶୋଧିତ ତେଲ କିଣୁଥିଲା । କିନ୍ତୁ ନିକଟରେ ଏହା ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିଛି । ଆମେରିକା ଯେଉଁ ସଂସ୍ଥାଗୁଡ଼ିକ ଉପରେ କଟକଣା ଲଗାଇଛି, ସେମାନଙ୍କଠାରୁ ତେଲ ନ କିଣିବାକୁ ଭାରତ ନିଷ୍ପତ୍ତି ନେଇଛି । ରୁଷର ସଂସ୍ଥା ଗାଜପ୍ରମ୍ ନେଫ୍ଟ, ସୁର୍ଗୁଟନେଫ୍ଟେଗ୍ୟାଜ୍, ଇନ୍ଗୋସ୍ଟ୍ରାଖ୍ ଓ ଆଲଫାଷ୍ଟ୍ରାଖୋଭାନି ଗ୍ରୁପ୍ ଉପରେ ଆମେରିକାର ଟ୍ରେଜେରି ବିଭାଗ କଟକଣା ଲଗାଇଛି । ଏହି ସଂସ୍ଥାଗୁଡ଼ିକ ଜରିଆରେ ରୋଜଗାର କରି ସେହି ଅର୍ଥକୁ ୟୁକ୍ରେନ୍ ବିରୋଧ ଯୁଦ୍ଧରେ ରୁଷ୍ ବ୍ୟବହାର କରୁଥିବା ଆମେରିକା ସନ୍ଦେହ କରୁଛି । ରୁଷ୍ ତେଲ ପରିବହନ କରୁଥିବା ୧୮୩ଟି ଜାହାଜ ଉପରେ ମଧ୍ୟ ଆମେରିକା କଟକଣା ଲଗାଇଛି । ତେବେ କଟକଣା ଲାଗୁ ହେବା ପୂର୍ବରୁ ଭାରତ ଯେଉଁ ତେଲ ମଗାଇଛି ତାହା ପହଞ୍ଚିବାରେ ଅସୁବିଧା ହେବନାହିଁ । ଭବିଷ୍ୟତରେ ଭାରତକୁ ନିଜ ରଣନୀତି ବଦଳାଇବାକୁ ପଡ଼ିବ । ଆମେରିକାର କଟକଣା ବିଷୟ ଜଣାପଡ଼ିବା ପରେ ଅଶୋଧିତ ତେଲର ବ୍ୟାରେଲ ପିଛା ଦାମ୍ ୮୧ ଡଲାରକୁ ବୃଦ୍ଧି ପାଇଛି ।

## ଶିବଦତ୍ତ ଦାସ ବିଶ୍ୱ ସମୁଦ୍ର ଗ୍ରୁପ ମ୍ୟାନେଜିଂ ଡାଇରେକ୍ଟର ଏବଂ ଲକ୍ଷ୍ମୀ ପ୍ରିୟଦର୍ଶିନୀ ଭାଇସ୍ ଚେୟାରପର୍ସନ

**ଭୁବନେଶ୍ୱର,୧୫।୧ :** ପ୍ରମୋଟର ଚେୟାରମ୍ୟାନ ଶ୍ରୀ ଚିନ୍ତା ଶଶିଧରଙ୍କ ନେତୃତ୍ୱରେ ପରିଚାଳିତ ହେଉଥିବା ହାଇଦରାବାଦସ୍ଥିତ ୩ ବିଲିଅନ ଆମେରିକୀୟ ଡଲାର ଗ୍ରୁପ୍ କମ୍ପାନୀ ବିଶ୍ୱ ସମୁଦ୍ର ଗ୍ରୁପ୍ ତାହାର ମ୍ୟାନେଜିଂ ଡାଇରେକ୍ଟର ଭାବରେ ଶ୍ରୀ ଶିବଦତ୍ତ ଦାସ ଏବଂ ଭାଇସ ଚେୟାରପର୍ସନ ଭାବରେ ଶ୍ରୀମତୀ ଲକ୍ଷ୍ମୀ ପ୍ରିୟଦର୍ଶିନୀଙ୍କ ନାମ ନିଜର ହୋଲଡିଂ କମ୍ପାନୀ ପାଇଁ ଘୋଷଣା କରିଛି । ସେମାନେ ଗ୍ରୁପ୍‌ର ବିଦେଶରେ ବ୍ୟବସାୟିକ କାର୍ଯ୍ୟ ପରିଚାଳନାର ନେତୃତ୍ୱ ନେବେ । ହୋଲ୍ଡିଂ କମ୍ପାନୀର ସମ୍ପ୍ରତି ଇଞ୍ଜିନିୟରିଂ, ସାମୁଦ୍ରିକ, ବିମାନ ଚଳାଚଳ, ବିନିର୍ମାଣ ଏବଂ ନିବେଶ କ୍ଷେତ୍ରରେ ଆଗ୍ରହ ରହିଛି । ଏହାର ଇଞ୍ଜିନିୟରିଂ ସଂସ୍ଥା ବିଶ୍ୱସମୁଦ୍ର ଇଞ୍ଜିନିୟରିଂ ଶିଳ୍ପରେ ଅଗ୍ରଣୀ ରହିବା ସହିତ ଗତ ୨ବର୍ଷ ଧରି ଉଲ୍ଲେଖନୀୟ ଅଭିବୃଦ୍ଧି ପ୍ରଦର୍ଶନ କରିଆସୁଛି ଏବଂ ଭାରତରେ ସଂରଚନା କ୍ଷେତ୍ରରେ ଅନେକ ପ୍ରତିଯୋଗୀଙ୍କୁ ପଛରେ ପକାଇ ଦେଇଛି । ବାରାଣସୀରେ ଅର୍ବାନ ରୋପ ୱେ ନିର୍ମାଣରେ ଅଗ୍ରଣୀ ରହିଥିବା ଏହି କମ୍ପାନୀ ମଧ୍ୟ ସର୍ବାଧିକ ନବୋନ୍ମେଷୀ ସଂରଚନା କମ୍ପାନୀ ଭାବରେ ଏବିପି ଇନ୍‌ଫ୍ରାଷ୍ଟ୍ରକଚର କନ୍‌କ୍ଲେଭରେ ପୁରସ୍କାର ହାସଲ କରିଛି । ଶିବଦତ୍ତ ଗତ କିଛିବର୍ଷ ଧରି ଏହି ଗ୍ରୁପ୍‌ର ଅଂଶ ହୋଇ ରହିଆସିଛନ୍ତି ଏବଂ ଗ୍ରୁପ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଭାବରେ କାର୍ଯ୍ୟ କରୁଛନ୍ତି । ଏହା ତାଙ୍କୁ ତାଙ୍କର ସମକକ୍ଷ ଗ୍ରୁପ୍ ତୁଳନାରେ ଅନ୍ୟତମ ଯୁବ ବୃତ୍ତିଧାରୀ କରି ଗଢିତୋଳୁଛି ।

### ମାର୍କ ଜୁକରବର୍ଗଙ୍କ ବଢିଲା ଅଡୁଆ

# ମେଟାକୁ ସମନ ପଠାଇବ ସଂସଦର ସ୍ଥାୟୀ କମିଟି

**ନୂଆଦିଲ୍ଲୀ,୧୫।୧(ଏଜେନ୍ସି):** ସାମାଜିକ ଗଣମାଧ୍ୟମ ମେଟାର ମାଲିକ ମାର୍କ ଜୁକରବର୍ଗଙ୍କ ଅଡୁଆ ବଢିବାକୁ ଯାଉଛି । ଭାରତରେ ହୋଇଥିବା ୨୦୨୪ ଲୋକସଭା ନିର୍ବାଚନ ଉପରେ ବିବାଦୀୟ ବୟାନ ଦେଇ ଏବେ ବିବାଦ ଘେରରେ ଜୁକରବର୍ଗ । ଏନେଇ ସଂସଦର ସ୍ଥାୟୀ କମିଟି ତାଙ୍କୁ ସମନ ପଠାଇବାକୁ ଯାଉଛି । ସୂଚନା ମୁତାବକ, ଚଳିତବର୍ଷ ଜାନୁଆରୀ ୧୦ ତାରିଖରେ ଜୁକରବର୍ଗ ଜୋଇ ରୋଗାନ ଏକ୍ସପରିଅନ୍ସ ପୋଡକାଷ୍ଟ ନାମକ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କୋଭିଡ-୧୯ର ଦୁର୍ବଳ ପରିଚାଳନା ଯୋଗୁଁ ପିଏମ ମୋଦୀ ଲୋକସଭା ନିର୍ବାଚନ ଜିତି ମଧ୍ୟ ହାରିଯାଇଛନ୍ତି ବୋଲି ସେ ଏହି କାର୍ଯ୍ୟକ୍ରମରେ କହିଥିଲେ । ଏହି ପୋଡକାଷ୍ଟ ଭାଇରାଲ ହେବାପରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ମିଛ ବୟାନ ପାଇଁ ଜୁକରବର୍ଗଙ୍କୁ କଡ଼ା ସମାଲୋଚନା କରିଥିଲେ । ବିଜେପି ସାଂସଦ ଏବଂ ସଂସଦ ଏବଂ ସୂଚନା ପ୍ରଯୁକ୍ତି ଉପରେ ସଂସଦର କମିଟିର ଅଧକ୍ଷ



ନିଶିକାନ୍ତ ଦୁବେ କହିଥିଲେ ଯେ ଭୁଲ ସୂଚନା ପ୍ରସାର ଅଭିଯୋଗରେ ମେଟାକୁ ତଲବ କରାଯିବ । ନିଶିକାନ୍ତ ଦୁବେ ଏନେଇ ଏକ୍ସରେ, 'ଏକ ଗଣତାନ୍ତ୍ରିକ ଦେଶକୁ ନେଇ ଭୁଲ ସୂଚନା ପ୍ରସାର ଏହାର ଛବିକୁ ମଳିନ କରୁଛି । ଏହି ଭୁଲ ପାଇଁ କମ୍ପାନୀ ସଂସଦ ଏବଂ ଦେଶର ଲୋକଙ୍କୁ ଭୁଲ ମାଗିବା ଦରକାର' ବୋଲି ଲେଖିଥିଲେ । ଭାରତ ସହ ବିଶ୍ୱର ପ୍ରାୟ ସମସ୍ତ ସରକାର କୋଭିଡ-୧୯ ମହାମାରୀ ଯୋଗୁଁ ପ୍ରଭାବିତ ହୋଇଛନ୍ତି ବୋଲି ପୋଡକାଷ୍ଟରେ ବସିଥିବା ଜୁକରବର୍ଗ କହିଥିଲେ । ଏହାପରେ ଏହାକୁ ନେଇ ଭାରତରେ ରାଜନୈତିକ ବୟାନବାଜି ଆରମ୍ଭ ହୋଇଯାଇଥିଲା । କେନ୍ଦ୍ର ମନ୍ତ୍ରୀ ଅଶ୍ୱିନି ବୌଷ୍ଣବ ଏହାକୁ ବାସ୍ତବରେ ଭୁଲ ଆଖ୍ୟା ଦେଇଥିଲେ । ଏହାର ତଥ୍ୟ ଅନୁସନ୍ଧାନ କରିବାକୁ ସେ ମାର୍କ ଜୁକରବର୍ଗଙ୍କୁ ପରାମର୍ଶ ଦେଇଥିଲା । ଫେସବୁକ, ଇନଷ୍ଟାଗ୍ରାମ ଓ ହ୍ୱାଟ୍ସଆପ ଭଳି ସାମାଜିକ ଗଣମାଧ୍ୟମ ଚଳାଉଥିବା ମେଟା ପ୍ଲାଟଫର୍ମ ଏହାକୁ ନେଇ ଏଯାଏଁ କୌଣସି ଅଧିକାରୀକ ପ୍ରତିକ୍ରିୟା ପ୍ରକାଶ କରିନାହିଁ ।

## ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ନାମାଙ୍କନ ଭରିଲେ ମୁଖ୍ୟମନ୍ତ୍ରୀ ଆତିଶୀ

**ନୂଆଦିଲ୍ଲୀ,୧୫।୧(ଏଜେନ୍ସି):** ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ କାଲକାଜୀ ଆସନରୁ ପ୍ରାର୍ଥିପତ୍ର ଭରିଛନ୍ତି ମୁଖ୍ୟମନ୍ତ୍ରୀ ଆତିଶୀ । ସେପଟେ ନିର୍ବାଚନ ପରିପ୍ରେକ୍ଷୀରେ ବଢୁଛି ଆରୋପ, ପ୍ରତ୍ୟାରୋପର ରାଜନୀତି । ବିଭିନ୍ନ ପ୍ରମୁଖ ଦଳ ପରସ୍ପର ଉପରେ କରୁଛନ୍ତି ଆକ୍ରମଣ । ଗତକାଲି ଇଣ୍ଡି ମେଷ୍ଟ ରାଲିରେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଶାଣିତ ଟାର୍ଗେଟ କରିଥିଲେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ । ପ୍ରଦୂଷଣ ଓ ମୁଦ୍ରାସ୍ଫୀତି ଲାଗି କେଜରିୱାଲ ଦାୟୀ ବୋଲି କହିଥିଲେ ରାହୁଲ । ସେ କହିଥିଲେ- ଦିଲ୍ଲୀକୁ ଏକ ସ୍ୱଚ୍ଛ ସହରରେ ପରିଣତ କରିବା, ଦୁର୍ନୀତିମୁକ୍ତ ଶାସନ ଓ ଜାତୀୟ ରାଜଧାନୀକୁ ପ୍ୟାରିସରେ ପରିଣତ କରାଯିବ ବୋଲି କେଜରିୱାଲ କହିଥିଲେ । ହେଲେ ସବୁକିଛି ପ୍ରତିଶ୍ରୁତିରେ ରହିଯାଇଥିଲା । ସେପଟେ ରାହୁଲଙ୍କୁ କଡା ଜବାବ ଦେଇଥିଲେ କେଜରିୱାଲ । କେଜରିୱାଲ କହିଥିଲେ- ରାହୁଲ କଂଗ୍ରେସକୁ ବଞ୍ଚାଇବା ଲାଗି ଲଢେଇ କରୁଛନ୍ତି । କିନ୍ତୁ ସେ ଦେଶକୁ ରକ୍ଷା କରିବା ଲାଗି ଲଢେଇ କରୁଛନ୍ତି । ତେଣେ ପ୍ରଦୂଷଣ, ମୌଳିକ ସୁବିଧା ଓ ଆଇନ ଶୃଙ୍ଖଳା ସ୍ଥିତି ପ୍ରସଙ୍ଗରେ ଦିଲ୍ଲୀ କଂଗ୍ରେସ ପକ୍ଷରୁ ପ୍ରକାଶିତ କରାଯାଇଛି ୧୨ ଦଫା ସମ୍ବଳିତ ଶ୍ୱେତପତ୍ର । ତେଣେ ନିଜ ନିର୍ବାଚନ ଇସ୍ତାହାରରେ ଆପ୍ ୭ରୁ ୮ଟି ଲୋକପ୍ରିୟ ପ୍ରତିଶ୍ରୁତି ଘୋଷଣା କରିପାରେ ବୋଲି ସୂଚନା ମିଳିଛି । ମାଗଣା ବିଦ୍ୟୁତ, ପାଣି, ଶିକ୍ଷା, ତୀର୍ଥ ଯାତ୍ରା, ମହିଳାଙ୍କ ଲାଗି ବସଯାତ୍ରା ସୁବିଧା ଦଳ ଘୋଷଣା କରିବ ବୋଲି ସୂଚନା ମିଳିଛି । ହାଟ୍ରିକ ଲକ୍ଷ୍ୟ ରଖିଥିବା ଆପ୍ ମହିଳା ସମ୍ମାନ ଯୋଜନା, ସଞ୍ଜୀବନୀ ଯୋଜନା, ଗ୍ରନ୍ଥୀ ସମ୍ମାନ ଯୋଜନା ଆଦି ଘୋଷଣା କରିସାରିଛି । ତେଣେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀଙ୍କ ବିରୋଧରେ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ରିଟର୍ଣ୍ଣିଂ ଅଫିସରଙ୍କ ଦ୍ୱାରା ଏକ ମାମଲା ରୁଜୁ ହୋଇଛି । ଗତ ଜାନୁଆରୀ ୭ରେ ନିର୍ବାଚନ ଘୋଷଣା ପରେ ଦିଲ୍ଲୀ ସରକାରଙ୍କ ପୂର୍ତ୍ତ ବିଭାଗର ଏକ ଗାଡିରେ ନିର୍ବାଚନ ପ୍ରଚାର ସାମଗ୍ରୀକୁ ଆପର ନିର୍ବାଚନ କାର୍ଯ୍ୟାଳୟରେ ଦିଆଯାଇଥିଲା ବୋଲି ଅଭିଯୋଗ ହୋଇଛି ।

# ଇତିହାସ ରଚିଲା ଭାରତୀୟ ମହିଳା କ୍ରିକେଟ୍ ଟିମ୍

## ବିରାଟ ବ୍ୟବଧାନରେ ଆୟର୍ଲାଣ୍ଡକୁ କଲେ ପରାସ୍ତ

ନୂଆଦିଲ୍ଲୀ: ଭାରତୀୟ ମହିଳା କ୍ରିକେଟ୍ ଟିମର କମାଲ କରିଛନ୍ତି। ତୃତୀୟ ଦିନିକିଆରେ ଆୟର୍ଲାଣ୍ଡକୁ ୩୦୪ ରନ୍ ବ୍ୟବଧାନରେ ପରାସ୍ତ କଲା ଭାରତ। ଏହିପରି ଭାବରେ ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଦିନିକିଆ ସିରିଜକୁ ୩-୦ରେ ଜିତିନେଇଛି। ଆୟର୍ଲାଣ୍ଡ

### ମନ୍ଧାନା ଓ ପ୍ରତୀକାଙ୍କ ବିସ୍ଫୋରକ ଶତକ

ବିପକ୍ଷ ସିରିଜ୍ ଜିତିବା ପରେ ଭାରତୀୟ ମହିଳା ଦଳର ଖେଳାଳିମାନେ ଜୋରଦାର ସେଲିବ୍ରେସନ କରିଥିଲେ ବିସିସିଆଇ ସୋସିଆଲ ମିଡିଆରେ ଭାରତୀୟ ଖେଳାଳିଙ୍କ ଉତ୍ସବର ଭିଡିଓ ସେୟାର କରିଛି। ଏହି ଭିଡିଓରେ ଭାରତୀୟ ଖେଳାଳିମାନେ ଉତ୍ସବ ପାଳନ କରୁଥିବା ଦେଖିବାକୁ ମିଳିବ ତେବେ ଏହି ଭିଡିଓ ସୋସିଆଲ ମିଡିଆରେ ଅନେକ ହେଡଲାଇନ ହାସଲ କରୁଛି।

ପ୍ରକାଶଥାଉକି ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିବା ଭାରତୀୟ ଦଳ ୫୦ ଓଭରରେ ୫ ୱିକେଟ୍ ପାଇଁ ୪୩୫



ରନ୍ ସଂଗ୍ରହ କରିଥିଲେ ଦିନିକିଆ ଫର୍ମାଟରେ ଭାରତୀୟ ମହିଳା ଦଳର ଏହା ସର୍ବାଧିକ ସ୍କୋର ଏଥି ସହିତ ମହିଳା ଦିନିକିଆ ଇତିହାସରେ ଏହା ହେଉଛି ତୃତୀୟ ସର୍ବାଧିକ ସ୍କୋର।ଜବାବରେ ଆୟର୍ଲାଣ୍ଡ ଦଳ ବ୍ୟାଟିଂ କରିବାକୁ ମୈଦାନକୁ ଓହ୍ଲାଇଥିଲା ୩୧.୪ ଓଭରରେ ମାତ୍ର ୧୩୧ ରନରେ ସୀମିତ ରହିଥିଲା। ଆୟର୍ଲାଣ୍ଡ ଭାରତୀୟ ଦଳ ୩୦୪ ରନରେ ଏକ ବଡ଼ ବିଜୟ ହାସଲ କରିଥିଲା ଦିନିକିଆ ଇତିହାସରେ ଏହା ଭାରତୀୟ ମହିଳା ଦଳର ସବୁଠାରୁ ବଡ ବିଜୟ ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିବା ଭାରତୀୟ ଓପନର୍ ପ୍ରତୀକ ରାଲ ଏବଂ ସ୍ମୃତି ମନ୍ଧାନା ଶତକ ହାସଲ କରିଥିଲେ । ପ୍ରତିକା ରାୱଲ ୧୨୯ ବଲରେ ୧୫୪ ରନ୍ ସଂଗ୍ରହ କରିଥିଲେ। ସେ ତାଙ୍କ ଇନିଂସରେ ୨୦ ଚୌକା ଓ ଗୋଟିଏ ଛକା ମାରିଥିଲେ। ଏହା ବ୍ୟତୀତ ଭାରତୀୟ ଅଧିନାୟକ ସ୍ମୃତି ମନ୍ଧାନା ୮୦ ବଲରେ ୧୩୫ ରନର ଚମତ୍କାର ଇନିଂସ ଖେଳିଥିଲେ। ଭାରତୀୟ ଅଧିନାୟକ ତାଙ୍କ ଇନିଂସରେ ୧୨ ଚୌକା ଓ ୭ ଛକା ମାରିଥିଲେ। ଭାରତୀୟ ଦଳର ୱିକେଟ୍ କିପର ବ୍ୟାଟ୍ସମ୍ୟାନ୍ ରିଚା ଘୋଷ ୪୨ ବଲରେ ୫୯ ରନ୍ ସଂଗ୍ରହ କରିଥିଲେ। ଏହି ସିରିଜରେ ବ୍ୟାଟିଂ କରି ପ୍ରଭାବିତ ହୋଇଥିବା ପ୍ରତୀକ ରାଭାଲଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଏବଂ ପ୍ଲେୟାର ଅଫ୍ ଦି ସିରିଜ ପ୍ରଦାନ କରାଯାଇଥିଲା।

## ଶେଯରୁ ଉଠି ପାରୁନାହାନ୍ତି ବୁମ୍ରା

ନୂଆଦିଲ୍ଲୀ, ୧୫।୧ : ଟିମ୍ ଇଣ୍ଡିଆକୁ ଲାଗିପାରେ ବଡ଼ ଝଟ୍କା। ତାରକା ବୋଲର୍ ଜସପ୍ରିତ ବୁମ୍ରାଙ୍କ ଖେଳିବାକୁ ନେଇ ଅନିଶ୍ଚିତତା ବଢ଼ିବାରେ ଲାଗିଛି। କାରଣ ଖେଳିବା ତ ଦୂରର କଥା ଏବେ ଶେଯରୁ ଉଠିପାରୁନାହାନ୍ତି ସେ। କାରଣ



ତାଙ୍କୁ ଡାକ୍ତରମାନେ ବେଡ୍ ରେଷ୍ଟ ନେବାକୁ କହିଛନ୍ତି। ସିଡନୀ ଟେଷ୍ଟ ସମୟରେ ବୁମ୍ରା ଆହତ ହୋଇଥିଲେ। ତାଙ୍କ ପିଠିର ତଳ ଭାଗରେ ଆଘାତ ଲାଗିଥିଲା। ହେଲେ ଏବେ ସେ ଦୀର୍ଘ ଦିନ ଧରି ମଇଦାନରୁ ବାହାରେ ରହିବାକୁ ବାଧ ହେବେ ବୋଲି ଖବର ଆସିଛି।

ଜାତୀୟ ଗଣମାଧ୍ୟମ ଟାଇମ୍ସ ଅଫ୍ ଇଣ୍ଡିଆର ଏକ ରିପୋର୍ଟରେ ଦାବି କରାଯାଇଛି ଯେ, ବୁମ୍ରାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନାହିଁ। ତାଙ୍କୁ ଆସନ୍ତା ସପ୍ତାହରେ ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସକୁ ପଠାଯାଇପାରେ। ହେଲେ କେବେ ତାହା ସ୍ଥିର କରାଯାଇନାହିଁ। ଡାକ୍ତରମାନେ ବୁମ୍ରାଙ୍କୁ ସୁସ୍ଥ ହେବା ଲାଗି ଘରେ ବିଶ୍ରାମ ନେବାକୁ କହିଛନ୍ତି।ଯେତେବେଳେ ତାଙ୍କ ପିଠିର ତଳ ଭାଗର ଫୁଲା କମିଯିବ, ସେତେବେଳେ ତାଙ୍କୁ କିଭଳି ଚିକିତ୍ସା ଦିଆଯିବ ସେନେଇ ନିଷ୍ପତ୍ତି ନିଆଯିବ।ବୁମ୍ରାଙ୍କ ଲାଗି ଚାମ୍ପିଅନ୍ସ ଟ୍ରଫିରେ ଖେଳିବା ଏବେ ଅସମ୍ଭବ ବୋଲି ବିବେଚନା କରାଯାଉଛି ।ତାଙ୍କୁ ଦଳରେ ସାମିଲ କରିବା ଲାଗି ବିସିସିଆଇ ମଧ୍ୟ ଚାପ ପକାଇବାକୁ ଚାହୁଁନାହିଁ। ପ୍ରଥମେ ତାଙ୍କ ଆଘାତ ବିଷୟରେ ସବିଶେଷ ଚିକିତ୍ସା ପ୍ରଣାଳୀ ଜଣାପଡ଼ିବା ପରେ ଚିକିତ୍ସାର ଉପାୟ ଜଣାପଡ଼ିବ। ଯଦି ତାଙ୍କୁ ପୁଣିଥରେ ଅସ୍ତ୍ରୋପଚାରର ଆବଶ୍ୟକତା ପଡେ, ତେବେ ତାଙ୍କ ପ୍ରତ୍ୟାବର୍ତ୍ତନ ଲାଗି ଅଧିକ ସମୟ ଲାଗିପାରେ ଆଗକୁ ଆଇପିଏଲ୍ ଏବଂ ତା ପରେ ଭାରତର ଇଂଲଣ୍ଡ ଗସ୍ତ ଅଛି। ଏବେ କିନ୍ତୁ ତାଙ୍କର ଚାମ୍ପିଅନ୍ସ ଟ୍ରଫିରେ ଖେଳିବା କଷ୍ଟକର ମନେ ହେଉଛି।




ଦିନିକିଆ ସିରିଜକୁ ୩-୦ରେ ଜିଣିବା ପରେ ଟ୍ରଫି ସହ ଭାରତୀୟ ମହିଳା ଦଳ ଖେଳାଳି।

## ଅବସରକୁ ନେଇ ଅଶ୍ୱିନଙ୍କ ବଡ଼ ବୟାନ

ନୂଆଦିଲ୍ଲୀ, ୧୫।୧ : ଭାରତୀୟ କ୍ରିକେଟ ଟିମ୍ର ଭେଟେରାନ୍ ବୋଲର୍ ରବିଚନ୍ଦ୍ରନ ଅଶ୍ୱିନ ଅଷ୍ଟ୍ରେଲିଆ। ବିପକ୍ଷରେ ଖେଳାଯାଇଥିବା ବର୍ଡର ଗାଭାସ୍କର ଟ୍ରଫି ମଝିରେ ହଠାତ ସନ୍ନ୍ୟାସ ନେଇ ସମସ୍ତଙ୍କୁ ଚମକାଇଥିଲେ। ତାଙ୍କର ଏଭଳି ବଡ଼ ନିଷ୍ପତ୍ତି ପଛରେ କଣ କାରଣ ଥିଲା। ଏହାକୁ ନେଇ ଲଗାତାର ଭିନ୍ନ ଚର୍ଚ୍ଚା ହେଉଥିଲା ଏବେ ସେ ନେଇ ମୁହଁ ଖୋଲିଛନ୍ତି ଅଶ୍ୱିନ। ଅବସର ନେବାକୁ ଏହା ଭଲ ସମୟ ଥିଲା । ଏହାପରଠାରୁ ତାଙ୍କୁ ସୁଯୋଗ ମିଳିବା କଷ୍ଟକର ଥିଲା ବୋଲି ସେ କହିଛନ୍ତି।



ନିଜର ୟୁଟ୍ୟୁବ୍ ଚ୍ୟାନେଲ୍ ଅଶ କି ବାତ୍ରେ ଅଶ୍ୱିନ କହିଛନ୍ତି, ମୁଁ ବହୁତ ଭାବୁଝି ଜୀବନରେ କଣ କରିବାର ଅଛି ଯେତେବେଳେ ଏହା ସ୍ପଷ୍ଟ ହୋଇଯାଏ ଯେ କାମ ଶେଷ ହୋଇ ସାରିଛି, ତେବେ ତାହାକୁ ଅନ୍ତ ବୋଲି ଭାବି ନେବା ଉଚିତ। ମୁଁ ପ୍ରଥମ ଟେଷ୍ଟ ଖେଳି ନ ଥିଲି। ଦ୍ୱିତୀୟ ଖେଳିଥିଲି, ତୃତୀୟ ନୁହେଁ ଆଗକୁ ଖେଳିଥାନ୍ତି ନଚେତ ଖେଳି ନ ଥାନ୍ତି, ଜଣା ନ ଥିଲା ମୋର ସୃଜନଶୀଳତା ଶେଷ ହୋଇଯାଇଥିଲା ଏଣୁ ମୁଁ ଏହାକୁ ଶେଷ କରିବାକୁ ଚିନ୍ତା କରିଥିଲି ତେବେ ଏହା ସେତେ ବଡ଼ କଥା ନୁହେଁ ସେ ଏହାକୁ ବହୁତ ସହଜରେ ନେଇଥିଲେ। ସେ ତାଙ୍କ କ୍ୟାରିୟରକୁ ନେଇ ଖୁସି ଏବଂ ସେ ଯାହା କଳ୍ପନା କରି ନ ଥିଲେ, ତାହା କରିପାରିଛନ୍ତି ବୋଲି ସେ କହିଛନ୍ତି।

ଏହାଛଡ଼ା ଅଶ୍ୱିନ ନିଜର ବିଦାୟକାଳୀନ ଟେଷ୍ଟ ଖେଳି ନ ପାରିବାକୁ ନେଇ କହିଛନ୍ତି, ଯଦି ମୁଁ ଏକ ବିଦାୟକାଳୀନ ଟେଷ୍ଟ ଖେଳିଥାନ୍ତି, ହେଲେ ତାର ଯୋଗ୍ୟ ନ ଥାନ୍ତି, ତେବେ କିଭଳି ଅନୁଭବ ହୋଇଥାନ୍ତା ? ମୁଁ କେବଳ ବିଦାୟ ଦେବା ଲାଗି ଦଳରେ ସାମିଲ ହେବାକୁ ଚାହୁଁ ନ ଥିଲି। ମୁଁ ଭାବୁଛି ଯେ ମୋ ଭିତରେ ଆହୁରି କ୍ରିକେଟ ବାକି ଥିଲା, ହେଲେ ଏହା ସବୁବେଳେ ଭଲ ଯେ ଲୋକେ କାହିଁକି ବୋଲି ପଚାରନ୍ତୁ ।ମୁଁ ସଚ୍ଚୋଟତାର ସହ କ୍ରିକେଟ ଖେଳିବାକୁ ଚାହେଁ ଏହି ନିଷ୍ପତ୍ତି ମୋ ଖୁସିର ଏକ ଅଂଶ ବୋଲି ସେ କହିଛନ୍ତି।

ଅଶ୍ୱିନ ୧୦୬ ଟେଷ୍ଟ ମ୍ୟାଚ୍ରେ ୫୩୭ ଉଇକେଟ ନେଇଥିଲେ, ଯାହାକି ଭାରତ ପକ୍ଷରୁ ଟେଷ୍ଟରେ ଦ୍ୱିତୀୟ ସର୍ବାଧିକ ଥିଲା। ଅନ୍ତର୍ଜାତୀୟ କ୍ରିକେଟରେ ସେ ମୋଟ ୭୬୫ ଉଇକେଟ ନେଇଥିଲେ ତାଙ୍କ ଆଗରେ କେବଳ ଅନିଲ କୁମ୍ବଲେ ୯୫୩ ଉଇକେଟ ନେଇ ରହିଥିଲେ।

## ଇତିହାସ ରଚିଲେ ଶ୍ରେୟସ ଆୟର

ନୂଆଦିଲ୍ଲୀ, ୧୫।୧: ଟିମ୍ ଇଣ୍ଡିଆର ଷ୍ଟାର ବ୍ୟାଟର ପଞ୍ଜାବ କିଙ୍ଗସର ହେଲେ ନୂଆ। ଅଧିନାୟକ ଆଇପିଏଲର ୨୦୨୫ ସିଜିନ୍ରେ ଆୟର ସମ୍ଭାଳିବେ ପଞ୍ଜାବ ଦଳର ନେତୃ ପୂର୍ବରୁ ତାଙ୍କ ଅଧିନାୟକତ୍ୱରେ କୋଲକାତା ନାଇଟ୍ ରାଇଡର୍ସ ଆଇପିଏଲ ୨୦୨୪ର ଟାଇଟଲ ହାତେଇଥିଲା ତଥାପି ମେଗା ନିଲାମ ପୂର୍ବରୁ ତାଙ୍କୁ ରିଲିଜ୍ କରିଥିଲା ଏହାପରେ ପଞ୍ଜାବ ଆଇପିଏଲ ୨୦୨୫ ମେଗା ନିଲାମରେ ଶ୍ରେୟସ ଆୟରଙ୍କୁ ୨୬.୭୫ କୋଟି ଟଙ୍କାରେ କରିଥିଲା ସାଇନ୍ ।



ଏବେ ପଞ୍ଜାବ କିଙ୍ଗସର କ୍ୟାପଟେନ୍ ହେବା ପରେ ନୂଆ। ଇତିହାସ ରଖିଛନ୍ତି ଶ୍ରେୟସ ଆୟର ପ୍ରଥମ ଭାରତୀୟ ଖେଳାଳି ଭାବେ ସେ ୩ଟି ଆଇପିଏଲ ଦଳରେ ଅଧିନାୟକତ୍ୱ ଭାର ସମ୍ଭାଳିଛନ୍ତି ।ଏକମାତ୍ର ଖେଳାଳି ଭାବେ ଶ୍ରେୟାସ ଆୟର ଭିନ୍ନ ଦଳର ଅଧିନାୟକ ଭାବେ ଫାଇନାଲ ଖେଳିଛନ୍ତି ଆୟରଙ୍କ ପୂର୍ବରୁ ମାତ୍ର ୨ ଜଣ ଖେଳାଳି ୩ଟି ଭିନ୍ନ ଦଳର ନେତୃତ୍ୱ ନେଇଛନ୍ତି ମାତ୍ର ଭାରତୀୟ ନୁହଁନ୍ତି ସେମାନେ ହେଲେ ଶ୍ରୀଲଙ୍କାର ଜୟବର୍ଦ୍ଧନ ଓ ଅଷ୍ଟ୍ରେଲିଆର ଷ୍ଟିଭେନ ସ୍ମିଥ ୧୭ତମ ଖେଳାଳି ଭାବେ ପଞ୍ଜାବ କିଙ୍ଗସରେ ନେତୃତ୍ୱ ନେଇଛନ୍ତି ଶ୍ରେୟାସ ଆୟର ସେ ୧୨ତମ ଫୁଲ ଟାଇମ ଅଧିନାୟକ ହୋଇଛନ୍ତି ।

ଶ୍ରେୟସ ଆୟର ୨୦୧୫ରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଆଇପିଏଲ୍ରେ ପଦାର୍ପଣ କରିଥିଲେ ୨୦୧୮ରେ ସେ କ୍ୟାପିଟାଲ୍ସ ଦଳର ଅଧିନାୟକ ନିଯୁକ୍ତ ହୋଇଥିଲେ ଆୟରଙ୍କ ନେତୃତ୍ୱରେ ଦିଲ୍ଲୀ କ୍ୟାପିଟାଲ୍ସ ୨୦୨୦ ସିଜନରେ ଫାଇନାଲ୍ ଖେଳି ରନର୍ସ ଅପ୍ ହୋଇଥିଲା ସେ ୩ଟି ସଂସ୍କରଣରେ ଦଳକୁ ପ୍ଲେ-ଅଫ୍ରେ ପହଞ୍ଚାଇବାରେ ସଫଳ ହୋଇଥିଲେ।

ଆଇପିଏଲ ୨୦୨୪ରେ ତାଙ୍କ ନେତୃତ୍ୱରେ କୋଲକାତା ନାଇଟ ରାଇଡର୍ସ ଚମ୍ପିଅନ ହୋଇଥିଲା ତେବେ ଆଇପିଏଲ୍ ମେଗା ନିଲାମରେ ପଞ୍ଜାବ କିଙ୍ଗ୍ସ ୨୬.୭୫ କୋଟି ଟଙ୍କାରେ ଆୟରଙ୍କୁ କିଣିଥିଲା ସେ ଆଇପିଏଲ ଇତିହାସର ଦ୍ୱିତୀୟ ଦାମୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି।

## ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ରଣଜୀ ଖେଳିବେ ରୋହିତ

ନୂଆଦିଲ୍ଲୀ: ଖରାପ ସମୟ ଦେଇ ଗତି କରୁଥିବା ଭାରତୀୟ ଅଧିନାୟକ ରୋହିତ ଶର୍ମା, ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଫର୍ମକୁ ଫେରିବାକୁ ଚାହୁଁଛନ୍ତି ଏପରି ପରିସ୍ଥିତିରେ, ସେ ଜାନୁଆରୀ ୨୩ରୁ ଆରମ୍ଭ ହେଉଥିବା ରଣଜୀ ଟ୍ରଫିର ଦ୍ୱିତୀୟ ପର୍ଯ୍ୟାୟ ପୂର୍ବରୁ ମଙ୍ଗଳବାର ମୁମ୍ବାଇ ଦଳ ସହିତ ଅଭ୍ୟାସ କରିଥିଲେ ୩୭ ବର୍ଷୀୟ ରୋହିତ ଅଷ୍ଟ୍ରେଲିଆ। ଗସ୍ତରେ ତିନୋଟି ଟେଷ୍ଟରେ ମାତ୍ର ୩୧ ରନ କରିଥିଲେ ବ୍ୟକ୍ତିଗତ କାରଣରୁ ସେ ସିରିଜର ପ୍ରଥମ ଟେଷ୍ଟ ଖେଳି ନଥିଲେ

ସୂଚନା ଥାଉକି, ଖରାପ ଫର୍ମ ଯୋଗୁଁ, ରୋହିତ ଶର୍ମା ସିଡନୀ ଟେଷ୍ଟ ନ ଖେଳିବାକୁ ନିଷ୍ପତ୍ତି ନେଇଥିଲେ । ଏପରି ପରିସ୍ଥିତିରେ, ଜସପ୍ରିତ ବୁମରାହ ଭାରତୀୟ ଦଳର ଅଧିନାୟକ ହୋଇଥିଲେ। ଜାନୁଆରୀ ୨୩ରୁ ଆରମ୍ଭ ହେଉଥିବା ରଣଜୀ ଟ୍ରଫିର ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍ ରେ ମୁମ୍ବାଇ ଜମ୍ମୁ ଏବଂ କାଶ୍ମୀର ବିପକ୍ଷରେ ଖେଳିବାର କାର୍ଯ୍ୟକ୍ରମ ରହିଛି ।ଏହି ମ୍ୟାଚ୍ରେ ରୋହିତ ଖେଳିବାର ଦେଖାଯାଇପାରେ ବୋଲି ଅନୁମାନ କରାଯାଉଛି ।ରଣଜୀ ଟ୍ରଫିର ଅବଶିଷ୍ଟ ପର୍ଯ୍ୟାୟ ଜାନୁଆରୀ ୨୩ ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି ଏହି ସମୟ ମଧ୍ୟରେ ମୁମ୍ବାଇ ଜମ୍ମୁ ଏବଂ କାଶ୍ମୀର ସହିତ ମୁକାବିଲା କରିବ ଏହା ପୂର୍ବରୁ ମୁମ୍ବାଇ ୫ଟି ମ୍ୟାଚ୍ ଖେଳିସାରିଛି ଏହି ସମୟ ମଧ୍ୟରେ, ଦଳ ୩ଟି ମ୍ୟାଚ୍ ଜିତିଥିଲା ଏବଂ ୧ଟି ମ୍ୟାଚ୍ ହାରିଥିଲା ଏହା ସହିତ, ଗୋଟିଏ ମ୍ୟାଚ୍ ଡ୍ର ହୋଇଥିଲା । ମୁମ୍ବାଇକୁ ତା'ର ପ୍ରଥମ ମ୍ୟାଚ୍ରେ ବରୋଦା ହାତରୁ ପରାଜୟର ସାମ୍ନା କରିବାକୁ ପଡିଥିଲା।

## ୫ମାସରେ ଛାଡିଗଲା ଭାକରଙ୍କ ମେଡାଲରୁ ରଙ୍ଗ

ନୂଆଦିଲ୍ଲୀ ୧୫।୦୧ : ପୁଣି ଚର୍ଚ୍ଚାରେ ପ୍ୟାରିସ ଅଲିମ୍ପିକ୍ସ ବିଜେତା ସୁଟର ମନୁ ଭାକର ।ସେ ଭାରତ ପାଇଁ ଦୁଇଟି କାଂସ୍ୟ ପଦକ ଜିତି ଗର୍ବ ଆଣିଥିଲେ । ଏବେ ଏହି ପଦକକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି ମନୁ ଭାକର। ବାସ୍ତବରେ ମନୁଙ୍କୁ



ମିଳିଥିବା କାଂସ୍ୟ ପଦକରୁ ରଙ୍ଗ ଛାଡିବାକୁ ଲାଗିଛି । ଯାହାକୁ ନେଇ ମେଡାଲ୍ ନକଲି ହୋଇଥିବା ଆଲୋଚନା ପୁଣି ଶରୋନାମାକୁ ଫେରିଛି ।ସାଧାରଣତଃ ଏପରି ହେବା କଥା ନୁହେଁ, କିନ୍ତୁ ଯଦି ରଙ୍ଗ ଫିକା ପଡ଼ିଯାଏ, ଫ୍ରାନ୍ସ ସରକାରଙ୍କ ଅନୁଷ୍ଠାନ 'ମୋନାଇ ଡି ପ୍ୟାରିସ୍' ମନୁ ଭାକରଙ୍କୁ ନୂଆ। ପଦକ ପ୍ରଦାନ କରିପାରିବ। ଏହାରି ମଧ୍ୟରେ ଅନ୍ତର୍ଜାତୀୟ ଅଲମ୍ପିକ୍ସ କମିଟି ଭଲ ଖବର ଦେଇଛି ଆଇସିଓ କହିଛି କି ଶୀଘ୍ର ଏହି ସମସ୍ତ ମେଡାଲକୁ ବଦଳାଯିବ ।

ଏହାସହିତ ଯେଉଁ ଆଥଲେଟଙ୍କ ମେଡାଲ୍ ଫିକା ପଡିଥି ସେମାନଙ୍କୁ ନୂଆ। ମେଡାଲ ବଦଳାଇ ଦିଆଯିବ ତେବେ କହିରଖୁ କି ପଦକରୁ ରଙ୍ଗ ଛାଡିବାର ଅଭିଯୋଗ କେବଳ ମନୁଭାକର କରିଛନ୍ତି ତାନୁହେଁ, ଏହା ପୂର୍ବରୁ ସାରାଦୁନିଆରୁ ୧୦୦ରୁ ଅଧିକ ଆଥଲେଟ୍ ପଦକରୁ ରଙ୍ଗ ଛାଡିବା ନେଇ କରିଥିଲେ ଅଭିଯୋଗ।

ଏହି ପଦକକୁ ମୋନନେ ଡି ପ୍ୟାରିସ୍ ନାମକ ଏକ ସଂସ୍ଥା ତିଆରି କରିଥିଲା । ସଂସ୍ଥାର ମୁଖପାତ୍ର ରଙ୍ଗ ଛାଡିବା ନେଇ ସ୍ପଷ୍ଟୀକରଣରେ କହିଛନ୍ତି ଯେ ପଦକଗୁଡ଼ିକ 'ତ୍ରୁଟିପୂର୍ଣ୍ଣ' ନୁହେଁ ଅଧିକାଂଶ ପଦକର ରଙ୍ଗ ଛାଡି ଯାଇଛି । ଆମେ ଏହି ପଦକକୁ ବଦଳାଉଛୁ ପଦକ ପରିବର୍ତ୍ତନର କାମ ଅଗଷ୍ଟ ମାସରୁ ଚାଲିଛି ଏବଂ ଭବିଷ୍ୟତରେ ମଧ୍ୟ ଜାରି ରହିବ ।କହିବାକୁ ଗଲେ ଭାରତୀୟ ସୁଟର ମହିଳା ୧୦ ମିଟର ଏୟାର ପିସ୍ତଲ ଏବଂ ୧୦ ମିଟର ଏୟାର ପିସ୍ତଲ ମିଶ୍ରିତ ଦଳ ଇଭେଣ୍ଟରେ କାଂସ୍ୟ ପଦକ ଜିତିଥିଲେ। ଭାରତୀୟ ଆଥଲେଟ୍ ମନୁ ଭାକର ସେ ଏହି ପଦକ ଜିତି ଦେଶ ପାଇଁ ଆଣିଥିଲେ ଗୌରବ।

## କୋହଲିଙ୍କ ଉପରେ ବଡ଼ ଅଭିଯୋଗ ଆଣିଲେ ରବିନ ଉଥପ୍ପା

ନୂଆଦିଲ୍ଲୀ: ଦିନିକିଆ। ବିଶ୍ୱକପ୍-୨୦୧୯ ଭାରତୀୟ କ୍ରିକେଟ୍ ପାଇଁ କେବଳ ନିରାଶାରେ ପରିପୂର୍ଣ୍ଣ ନଥିଲା। ବରଂ ବିବାଦରେ ମଧ୍ୟ ପରିପୂର୍ଣ୍ଣ ଥିଲା ସେମିଫାଇନାଲରେ ନ୍ୟୁଜିଲାଣ୍ଡ ବିପକ୍ଷରେ ପରାଜୟ ସହିତ ଭାରତୀୟ ଦଳର ଅଭିଯାନ ଶେଷ ହୋଇଥିଲେ ଏହାକୁ ନେଇ ଟିମ୍ ଟ୍ରୋଲ ହୋଇଥିବା ବେଳେ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ନିଆଯାଇଥିବା ଏକ ନିଷ୍ପତ୍ତି ଭାରତୀୟ କ୍ରିକେଟରେ ହଇଚଇ ସୃଷ୍ଟି କରିଥିଲା। ନିଷ୍ପତ୍ତିଟି ଥିଲା କ୍ରିକେଟର ଅମ୍ବତି ରାୟୁଡୁଙ୍କୁ ଦଳରୁ ବାଦ ଦେବା



ଟୁର୍ଣ୍ଣାମେଣ୍ଟ ସମୟରେ ଶିଖର ଧନ ଏବଂ ବିଜୟ ଶଙ୍କରଙ୍କ ଭଳି ଖେଳାଳି ଆହତ ହେବା ପରେ ଭାରତକୁ ଅନ୍ୟ ଖେଳାଳିଙ୍କ ଆବଶ୍ୟକତା ଥିଲା, ତଥାପି ମଧ୍ୟ ରାୟୁଡୁଙ୍କୁ ଦଳରେ ସାମିଲ କରାଯାଇ ନଥିଲା ଏହାର କାରଣ ଥିଲେ ଭାରତର ଷ୍ଟାର କ୍ରିକେଟର ତଥା ସେତେବେଳେ ବିଶ୍ୱକପ୍ ପାଇଁ ଭାରତୀୟ ଦଳର ଅଧିନାୟକତ୍ୱ ସମ୍ଭାଳୁଥିବା ବିରାଟ କୋହଲି।

ପ୍ରାୟ ଛଅ ବର୍ଷ ପରେ ପୂର୍ବତନ କ୍ରିକେଟର ଏବଂ ୨୦୦୭ ଟି-୨୦ ବିଶ୍ୱକପ୍ ବିଜେତା ରବିନ୍ ଉଥପ୍ପା ଏହି ଖୁଲାସା କରିଛନ୍ତି ଜାତୀୟ ଗଣମାଧ୍ୟମ ଲଲନଟପ୍କୁ ଦେଇଥିବା ଏକ ସାକ୍ଷାତକାରରେ ଉଥପ୍ପା କହିଛନ୍ତି ଯେ, ରାୟୁଡୁଙ୍କୁ ଦଳରୁ ବାହାର କରିବାରେ ଅଧିନାୟକ ବିରାଟ କୋହଲି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

ଯଦି ବିରାଟ କୋହଲିଙ୍କୁ କୌଣସି ଖେଳାଳି ପସନ୍ଦ ନଆସନ୍ତି, ତେବେ ସେ ତାଙ୍କୁ ଦଳରେ ରଖନ୍ତି ନାହିଁ ଅମ୍ବତି ରାୟୁଡୁ ଏହାର ସବୁଠାରୁ ବଡ଼ ଉଦାହରଣ ରାୟୁଡୁଙ୍କ ପାଖରେ ବିଶ୍ୱକପ୍ କିଟ୍ ଏବଂ ପୋଷାକ ମଧ୍ୟ ପ୍ରସ୍ତୁତ ଥିଲା ସେ ଖେଳିବେ ବୋଲି ଆତ୍ମବିଶ୍ୱାସୀ ଥିଲେ। କିନ୍ତୁ ଶେଷ ମୁହୂର୍ତ୍ତରେ ତାଙ୍କ ପାଇଁ ଦ୍ୱାର ବନ୍ଦ ହୋଇଯାଇଥିଲା ଏହା ବହୁତ ଭୁଲ ଥିଲା। ।ରବିନ୍ ଉଥପ୍ପାଙ୍କ ଏହି ବୟାନକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି।

## କ୍ରିକେଟ ମଇଦାନକୁ ଫେରିବେ ଆଣ୍ଡରସନ

ନୂଆଦିଲ୍ଲୀ ୧୪/୦୧: ଇଂଲଣ୍ଡର କିମ୍ବଦନ୍ତୀ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ସନ୍ନ୍ୟାସ ନେବାର କିଛି ଦିନ ପରେ ପୁଣି ଥରେ କ୍ରିକେଟ ମଇଦାନକୁ ଫେରିବାକୁ ପ୍ରସ୍ତୁତ । ସେ ଜୁଲାଇ ୨୦୨୪ରେ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିଥିଲେ। ଆଣ୍ଡରସନ ମଧ୍ୟ ୨୦୨୫ ପାଇଁ ମେଗା ନିଲାମରେ ନିଜ ନାମ ଦେଇଥିଲେ। ହେଲେ ତାଙ୍କୁ କେହି କିଣିନଥିଲେ । ଏବେ ଏହି ଇଂଲିସ୍ ବୋଲରଙ୍କୁ କାଉଣ୍ଟି କ୍ରିକେଟ୍ରଙ୍କୁ ଖେଳିବାର ଦେଖିବାକୁ ମିଳିବ। ଆଣ୍ଡରସନ ଲାଙ୍କାଶାୟାର ସହ ଗୋଟିଏ ବର୍ଷର ଚୁକ୍ତି ସ୍ୱାକ୍ଷର କରିଛନ୍ତି। ସୂଚନା ଥାଉକି, ପ୍ରଶଂସକମାନେ ପୁଣି ଥରେ କ୍ରିକେଟ ପଡ଼ିଆରେ ସେମାନଙ୍କର ପ୍ରିୟ ବୋଲର ଜେମ୍ସ ଆଣ୍ଡରସନଙ୍କୁ ଦେଖିପାରିବେ । ଅନ୍ତର୍ଜାତୀୟ କ୍ରିକେଟକୁ ବାୟ ବାୟ କରିଥିବା ୪୨ ବର୍ଷୀୟ ଆଣ୍ଡରସନ ଇଂଲଣ୍ଡର କୋଚିଂ ଷ୍ଟାଫରେ ସାମିଲ ହୋଇଥିଲେ।

## ଚହଲଙ୍କୁ କେତେ ଟଙ୍କା ମାଗିଛନ୍ତି ଧନଶ୍ରୀ ?

ମୁମ୍ବାଇ ୧୫।୦୧; ଭାରତୀୟ କ୍ରିକେଟର ଯୁଜବେନ୍ଦ୍ର ଚହଲ ଏବଂ ଧନଶ୍ରୀଙ୍କ ଛାଡପତ୍ର ଖବର ସାମ୍ନାକୁ ଆସୁଛି ଏହାକୁ ନେଇ ଲଗାତାର କଳ୍ପନାଜଳ୍ପନା ଚାଲିଛି ଏବେ ସୋସିଆଲ ମିଡିଆରେ ଦାବି କରାଯାଉଛି ଯେ ଧନଶ୍ରୀ ଯୁଜଭେନ୍ଦ୍ର ଚହଲଙ୍କଠାରୁ ଭରଣପୋଷଣ ପାଇଁ ୬୦ କୋଟି ଟଙ୍କା ଦାବି କରିଛନ୍ତି କିନ୍ତୁ ଏପର୍ଯ୍ୟନ୍ତ ଯୁଜବେନ୍ଦ୍ର ଧନଶ୍ରୀଙ୍କୁ ଟଙ୍କା ଦେଇନାହାଁନ୍ତି ଏହି କାରଣରୁ ଉଭୟଙ୍କ ମଧ୍ୟରେ ଛାଡପତ୍ର ସମସ୍ୟାର ସମାଧାନ ହୋଇପାରି ନାହିଁ କିନ୍ତୁ ଏହି ଦାବିଗୁଡ଼ିକରେ କେତେ ସତ୍ୟତା ଅଛି ? ଧନଶ୍ରୀ କଣ ପ୍ରକୃତରେ ଯୁଜବେନ୍ଦ୍ର ଚହଲଙ୍କ ଠାରୁ ଭରଣପୋଷଣ ପାଇଁ ୬୦ କୋଟି ଟଙ୍କା ମାଗିଛନ୍ତି ?

ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏହି ଦାବିଗୁଡ଼ିକରେ କୌଣସି ସତ୍ୟତା ନାହିଁ ଏପର୍ଯ୍ୟନ୍ତ ଧନଶ୍ରୀ ଏପରି କୌଣସି ଦାବି କରିନାହାଁନ୍ତି ସେ ଏପର୍ଯ୍ୟନ୍ତ କୌଣସି ଖବର କିମ୍ବା ଅଫିସିଆଲି ବିବୃତ୍ତି ଦେଇନାହାଁନ୍ତି ଏହା ସହିତ, ଯୁଜବେନ୍ଦ୍ର ଚହଲ ମଧ୍ୟ କିଛି କହିନାହାଁନ୍ତି ଏହା ପୂର୍ବରୁ ଚହଲ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରିଥିଲେ ଏହି ପୋଷ୍ଟରେ ସେ ତାଙ୍କ ପରିବାର ଏବଂ ପ୍ରଶଂସକଙ୍କୁ ସମର୍ଥନ ବିଷୟରେ କହିଛନ୍ତି ଏବଂ କୌଣସି ଆର୍ଥିକ କାରବାରର ଉଲ୍ଲେଖ କରି ନାହାନ୍ତି ଏହିପରି ଭାବରେ, ଏହା ସ୍ପଷ୍ଟ ଯେ ସୋସିଆଲ ମିଡିଆରେ ଚାଲିଥିବା ଆଲୋଚନା ଭିତ୍ତିହୀନ ଏବଂ ଧନଶ୍ରୀ କୌଣସି ଦାବି କରିନାହାଁନ୍ତି। କହିବାକୁ ଗଲେ ଭାରତୀୟ କ୍ରିକେଟର ଯୁଜଭେନ୍ଦ୍ର ଚହଲଙ୍କ ସମ୍ପତ୍ତି ନିରନ୍ତର ଦ୍ରୁତ ଗତିରେ ବୃଦ୍ଧି ପାଇଛି ବର୍ତ୍ତମାନ, ଯୁଜଭେନ୍ଦ୍ର ଚହଲଙ୍କ ସମ୍ପତ୍ତି ପ୍ରାୟ ୪୫ କୋଟି ଟଙ୍କା ଯେତେବେଳେ, ଯୁଜଭେନ୍ଦ୍ର ଚହଲଙ୍କ ପତ୍ନୀ ଧନଶ୍ରୀ ୨୩ କୋଟି ଟଙ୍କାରୁ ଅଧିକ ସମ୍ପତ୍ତିର ମାଲିକାଣୀ ତଥାପି, ଉଭୟଙ୍କ ମଧ୍ୟରେ ଫାଟ କାହିଁକି ସୃଷ୍ଟି ହେଲା ସେ ବିଷୟରେ ଏପର୍ଯ୍ୟନ୍ତ ସୂଚନା ପ୍ରକାଶ ପାଇନାହିଁ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ